

'ନୋ ଏଣ୍ଟ୍ରି ୨' ଛାଡ଼ିଲେ ବରୁଣ
▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-111 ♦FRIDAY ♦17 OCTOBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୧୧ ♦ଶୁକ୍ରବାର ♦୧୭ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦





THIS DHANTERAS & DIWALI GET THE ULTIMATE
GOLD RATE PROTECTION PLAN
PAY JUST 15% AND LOCK YOUR GOLD RATE NOW*

KHIMJI®
JEWELLERS SINCE 1936

BHUBANESWAR: SHAHEED NAGAR, CHANDRASHEKHARPUR, SOUBHAGYANAGAR, SAMANTARAPUR | ANGUL BERHAMPUR CUTTACK JHARSUGUDA PURI ROURKELA


## ମହଙ୍ଗା ଭତ୍ତା ୩ % ବଢ଼ିଲା

**ପିଛିଲା ଭାବେ ଜୁଲାଇ ମାସରୁ ଲାଗୁ**

■ **ଭୁବନେଶ୍ୱର, ୧୬।୧୦ (ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୀପାବଳି ପୂର୍ବରୁ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତାରେ ତିନି ପ୍ରତିଶତ ବୃଦ୍ଧି କରିଛନ୍ତି। ଏହା ଫଳରେ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୫୫ ପ୍ରତିଶତରୁ ୫୮ ପ୍ରତିଶତକୁ ବୃଦ୍ଧି ପାଇଛି। ଏହା ଜୁଲାଇ ପହିଲା ୨୦୨୫ରୁ ପିଛିଲା ଭାବରେ ଲାଗୁ ହେବ। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ଚଳିତ ଅକ୍ଟୋବର ମାସ ଦରମାରେ ନଗଦ ଆକାରରେ ମିଳିବ। ଏହା ସହିତ ପେନ୍‌ସନଭୋଗୀ ମାନଙ୍କ ଟିଆଇରେ ମଧ୍ୟ ତିନି ପ୍ରତିଶତ ବୃଦ୍ଧି କରାଯାଇଛି। ସେମାନେ ମଧ୍ୟ ଅନୁରୂପ ଭାବେ ଅକ୍ଟୋବର ମାସ ପେନ୍‌ସନରେ ଏହି ବର୍ଦ୍ଧିତ ଟିଆଇ ପାଇବେ। ଏହା ଦ୍ୱାରା ପ୍ରାୟ ସାଢେ ଆଠ ଲକ୍ଷ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀ ଉପକୃତ ହେବେ।

## ଜନସମ୍ପର୍କ ପଦଯାତ୍ରାରେ ନବୀନ

# ଶେଷ ପର୍ଯ୍ୟନ୍ତ ଓଡ଼ିଶା ମା'ର ସେବା ଜାରି ରଖିବି



**ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ଦଳ**

**ଶଙ୍ଖ ହୁଳହୁଳିରେ ସ୍ୱାଗତ କଲେ ମହିଳା**

**ନବୀନ ଜିନ୍ଦାବାଦ ସ୍ଲୋଗାନରେ କମ୍ପିଲା ଅଞ୍ଚଳ**

■ **ଭୁବନେଶ୍ୱର, ୧୬।୧୦ (ସମିସ):** ବିଜୁ ଜନତା ଦଳ ଆପଣମାନଙ୍କର ଦଳ। ସମଗ୍ର ଓଡ଼ିଶାବାସୀଙ୍କ ଦଳ। ମୁଁ ସବୁବେଳେ ଆପଣଙ୍କ ସହ ରହିଛି ଆଉ ରହିଥିବି। ଶେଷ ପର୍ଯ୍ୟନ୍ତ ଓଡ଼ିଶା ମା'ର ସେବା ଜାରି ରଖିବି ବୋଲି କହିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନିଜର ୭୯ତମ ଜନ୍ମଦିନ ତଥା ବିଜେଡି ପକ୍ଷରୁ ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀର ଗଙ୍ଗନଗର ବିଜୁ ଆଦର୍ଶ କଲୋନୀରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରା ଯୋଗଦେଇ ଦଳୀୟ କର୍ମୀଙ୍କୁ ସାଧାରଣ ଲୋକଙ୍କ ସହ ଯୋଡ଼ିହୋଇ ରହିବାକୁ ପରାମର୍ଶ ଦେଇଛନ୍ତି। ସେବା ହିଁ ବିଜୁ ଜନତା ଦଳର ମୂଳମନ୍ତ୍ର, ମୂଳ ଆଦର୍ଶ। ତେଣୁ ଏହାକୁ ବ୍ରତ ବାବେ ଗ୍ରହଣ କରି ସାଧାରଣ ଜନତାଙ୍କ ସେବା ଜାରି ରଖିବାକୁ ସେ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ଗୁରବାର ପୂର୍ବାହ୍ନରେ ସ୍ଥାନୀୟ ଗଙ୍ଗନଗର ବିଜୁ ଆଦର୍ଶ କଲୋନୀରେ ଆୟୋଜିତ ଜନସମ୍ପର୍କ ପଦଯାତ୍ରାରେ ନବୀନ କର୍ମୀମାନଙ୍କ ଗହଣରେ କିଛି ବାଟ ପଦଯାତ୍ରା କରିଥିଲେ। ନବୀନଙ୍କୁ ପାଖରେ ପାଇ ଦଳୀୟ ନେତା ଓ କର୍ମୀମାନେ ବେଶ୍ ଉତ୍ସାହିତ ହୋଇ ପଡ଼ୁଥିବା ବେଳେ ନିଜ ପ୍ରିୟ ନେତାଙ୍କୁ ଦେଖିବା ପାଇଁ ସାଧାରଣ ଲୋକେ ମଧ୍ୟ ଅସମ୍ଭବ ଭିଡ଼ ଜମାଇଥିଲେ। ମହିଳାମାନଙ୍କ ହୁଳହୁଳି, ଶଙ୍ଖ ବାଦନ ସ୍ୱର ସହ ▶ପୃଷ୍ଠା-୭

## ଶିଶୁ ଗ୍ରାମରେ ପାଳିଲେ ଜନ୍ମଦିନ



**ପିଲାଙ୍କୁ ବାଣ୍ଟିଲେ କେକ୍ ଓ ଚକୋଲେଟ**

**ଫୋନ୍ କରି ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ**

**ଶୁଭକାମନା କଲେ ଧର୍ମେନ୍ଦ୍ର, ଜୁଏଲ୍, ଶିବରାଜ ଓ ବହୁ ବିଶିଷ୍ଟ ବ୍ୟକ୍ତି**

■ **ଭୁବନେଶ୍ୱର, ୧୬।୧୦ (ସମିସ):** ନିଜର ୭୯ତମ ଜନ୍ମଦିନକୁ ଛୋଟଛୋଟ ପିଲାମାନଙ୍କ ଗହଣରେ ନିଆରା ଢଙ୍ଗରେ ପାଳନ କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ନିରାଡମ୍ବର ଜୀବନଶୈଳୀରେ ବିଶ୍ୱାସ ରଖୁଥିବା ନବୀନ ଛୋଟଛୋଟ ପିଲାଙ୍କ ଗହଣରେ ଜନ୍ମଦିନ ପାଳନ କରିବାକୁ ପସନ୍ଦ କରିବା ସହ ସେମାନଙ୍କ ଗହଣରେ ▶ପୃଷ୍ଠା-୭

## ବିଦାୟ ନେଲା ମୌସୁମୀ

**୨୪ରେ ଲଘୁଚାପ, ଓଡ଼ିଶାରେ ଆଂଶିକ ପ୍ରଭାବ**

■ **ଭୁବନେଶ୍ୱର, ୧୬।୧୦ (ସମିସ):** ସାରା ରାଜ୍ୟରୁ ବିଦାୟ ନେଇଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଗତ ୧୩ ତାରିଖରେ ମୌସୁମୀ ଉତ୍ତର ଓଡ଼ିଶାରୁ ଅପସାରଣ ଆରମ୍ଭ ହୋଇଥିଲା। ୩ ଦିନ ମଧ୍ୟରେ ଏହା ସାରା ଓଡ଼ିଶା ସମେତ ସାରା ଦେଶରୁ ବିଦାୟ ନେଇଛି। ମୌସୁମୀ ବିଦାୟ ପରେ ପରେ ରାଜ୍ୟରେ ତାପମାତ୍ରା ଧୀରେ ଧୀରେ ହ୍ରାସ ହେବାରେ ଲାଗିଛି। ଏବେ ରାତିରେ କାକର ମାତ୍ରା ବୃଦ୍ଧି ପାଇଥିବା ବେଳେ କିଛି ମାତ୍ରାରେ ଥଣ୍ଡା ମଧ୍ୟ ବଢ଼ିଛି।

ଅନ୍ୟପଟେ ଆସନ୍ତା ୨୪ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରାଥମିକ ଆକଳନ ଅନୁଯାୟୀ, ଏହା ଅଧିକ ଘନୀଭୂତ ହୋଇପାରେ। ମାତ୍ର କେତେ ଘନୀଭୂତ ହେବ ତାହା ସ୍ପଷ୍ଟ ହୋଇନାହିଁ। ସମ୍ଭବତଃ ଏହା ଆନ୍ଧ୍ର କିମ୍ବା ତାମିଲନାଡୁ ଉପରେ ସିଧାସଳଖ ପ୍ରଭାବ ପକାଇପାରେ। ଯଦି ଏହା ଆନ୍ଧ୍ର ଉପକୂଳ ମୁହାଁ ହୁଏ, ତେବେ ଓଡ଼ିଶାର ଦକ୍ଷିଣ ଭାଗ ଓ ଏହାର ସଂଲଗ୍ନ କିଛି ଜିଲ୍ଲା ସମେତ ପ୍ରାୟ ଜଗତସିଂହପୁର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ବିଶେଷକରି ଉପକୂଳବର୍ତ୍ତୀ କିଛି ଜିଲ୍ଲାରେ ବର୍ଷା ହେବା ସହ ବାକି କିଛି କିଛି ସ୍ଥାନରେ ମେଘୁଆ ପାଗ ସୃଷ୍ଟି ହୋଇପାରେ।





TANISHQ

ଭାରତର ସବୁଠାରୁ ଭରସାଯୋଗ୍ୟ ଜୁଏଲର୍

ବୃହତ୍ତର ତଥା ଉତ୍ତମ କିଣାକିଣି ଅନୁଭୂତି ପାଇଁ ଏବେ ଉଦିତ୍ ନଗର, ମେନ୍ ରୋଡ୍, ରାଉରକେଲାକୁ ସ୍ଥାନାନ୍ତରିତ ହୋଇଛି

₹450 ପର୍ଯ୍ୟନ୍ତ ଛାଡ଼* ପ୍ରତି ଗ୍ରାମ ସୁନା ଅଳଙ୍କାର ଉପରେ | 20% ପର୍ଯ୍ୟନ୍ତ ଛାଡ଼* ଡାଇମଣ୍ଡ ମୂଲ୍ୟ ଉପରେ

To locate your nearest store and know more on 8147349242. Buy online at tanishq.co.in or Download our App *Conditions apply, For T&C visit our website.

ସୋରୁମ୍: ଇଣ୍ଡିଆ ଜୁଏଲ୍ସ ପ୍ରାଇଭେଟ୍ ଲିମିଟେଡ୍, ପ୍ଲଟ୍ ନମ୍ବର-362/2000 ଏବଂ 358/2001, ଉଦିନ୍ ନଗର,କଚେରୀ ରୋଡ୍, ମେନ୍ ରୋଡ୍, ରାଉରକେଲା-769012

## ଲକ୍ଷେ ଟଙ୍କା ସୁପାରି ଦେଇ ସ୍ୱାମୀଙ୍କୁ ମାରିଲା ସ୍ତ୍ରୀ

### ମା'ର ମୁଖା ଖୋଲିଲା ପୁଅ

ବାରାବାଙ୍କୀ, ୧୬ ।୧୦(ଏଜେନ୍ସି): ଉତ୍ତରପ୍ରଦେଶ ବାରାବାଙ୍କୀରେ ଜଣେ ମହିଳା ସୁପାରି ଦେଇ ନିଜ ସ୍ୱାମୀଙ୍କୁ ହତ୍ୟା କରିବା ଘଟଣା ସାମ୍ନାକୁ ଆସିଛି। ମହିଳାଙ୍କ ୮ ବର୍ଷର ପୁଅ ଏହି ହତ୍ୟାକାଣ୍ଡର ଗୁମର ଖୋଲିବା ସହ ସହ ମା'ଙ୍କ ମୁଖା ଖୋଲିଦେଇଛି। ସ୍ୱାମୀଙ୍କୁ ହତ୍ୟା କରିବାକୁ ମହିଳା ଜଣକ ଜଣେ ଇ- ଅଟୋ ରିକ୍ସା ଡ୍ରାଇଭରକୁ ଲକ୍ଷେ ଟଙ୍କା ଦେଇଥିଲେ। କିନ୍ତୁ ୮ ବର୍ଷର ଶିଶୁ ଏହି ଅପରାଧ ଘଟଣା ପୁଲିସକୁ କହିବା ପରେ ସତ ପଦାକୁ ଆସିଛି। ଏହି ମହିଳା ଜଣକ ହେଉଛନ୍ତି ବାରାବାଙ୍କି ଘୁଙ୍ଗେଟର ଅଞ୍ଚଳର ପୂଜା ଗୌତମ। ସ୍ୱାମୀ ହନୁମନ୍ତଲାଲ୍ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି ବୋଲି ପୂଜା ପ୍ରଥମେ କହୁଥିଲେ। କିନ୍ତୁ ତାଙ୍କ ଉପରେ ପୁଲିସର ସନ୍ଦେହ ସୃଷ୍ଟି ହୋଇଥିଲା। ଫଳର ପୁଲିସ ତଦନ୍ତ ଆଗକୁ ବଢ଼ାଇବା ସହ ଅଧିକ ପଚରାଉଚରା କରିଥିଲା। ନିଜ ପୁତୁରାଙ୍କ ସହ ପୂଜାଙ୍କର ଅବୈଧ ସମ୍ପର୍କ ଥିଲା। ଏହା ଜଣାପଡ଼ିବା ପରେ ସ୍ୱାମୀଙ୍କ ସହ ପୂଜାଙ୍କର ଝଗଡ଼ା ହୋଇଥିଲା। ଶେଷରେ ସେ ସ୍ୱାମୀଙ୍କୁ ରାସ୍ତାରୁ ହଟାଇବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ସେ ଲକ୍ଷ୍ନୌର ଜଣେ ଇ- ରିକ୍ସା ଅଟୋ ଡ୍ରାଇଭର କମଲେଶଙ୍କୁ ଏକ ଲକ୍ଷ ଟଙ୍କା ଦେଇଥିଲେ। ସୋମବାର ସନ୍ଧ୍ୟାରେ ଏକ ମେଳା ବୁଲିବାକୁ ଯାଇ ଫେରିବା ବେଳେ ପୂଜା କମଲେଶର ଇ- ରିକ୍ସା ବୁକ୍ କରିଥିଲେ। ଫେରିବା ବେଳେ ହନୁମନ୍ତଲାଲ୍‌ଙ୍କୁ ଲୁହା ରଡ଼ରେ ପିଟି କମଲେଶ ହତ୍ୟା କରିଥିଲେ। ଏହାକୁ ଏକ ଦୁର୍ଘଟଣା ରୂପ ଦେବାକୁ ପୂଜା ଓ କମଲେଶ ପ୍ରୟାସ କରିଥିଲେ ମଧ୍ୟ ପୁଅ ପୁଲିସକୁ ସତକଥା କହିଥିଲା।

## ଜାତିଗତ ଜନଗଣନାରେ ସାମିଲ ହେଲେନି ସୁଧା ମୂର୍ତ୍ତି

ବେଙ୍ଗାଲୁରୁ, ୧୬।୧୦ (ଏଜେନ୍ସି): ଇନ୍‌ଫୋସିସ ପ୍ରତିଷ୍ଠାତା ଏନଆର ନାରାୟଣ ମୂର୍ତ୍ତି ଏବଂ ତାଙ୍କ ପତ୍ନୀ ତଥା ରାଜ୍ୟସଭା ସାଂସଦ ସୁଧା ମୂର୍ତ୍ତି କର୍ଣ୍ଣାଟକରେ ଚାଲିଥିବା ଜାତିଗତ ଜନଗଣନାରେ ସାମିଲ ହେବାକୁ ମନା କରିଦେଇଛନ୍ତି। କିଛି ଦିନ ତଳେ ସର୍ଭେ ଟିମ୍ ତାଙ୍କ ଘରକୁ ଯାଇଥିଲା। ସେତେବେଳେ ସେ ନିଜ ଘରର ସର୍ବେକ୍ଷଣ କରାଇବାକୁ ମନା କରିଦେଇଥିଲେ। ରିପୋର୍ଟ ଅନୁଯାୟୀ ସର୍ବେକ୍ଷଣ ଫର୍ମ ପୂରଣ କରିବା ପରିବର୍ତ୍ତେ ସୁଧା ମୂର୍ତ୍ତି ଏକ ଘୋଷଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏଥିରେ ସୁଧା ଲେଖିଥିଲେ ଯେ ସେ କୌଣସି ପଛୁଆ ସମ୍ପ୍ରଦାୟର ନୁହଁନ୍ତି। ତେଣୁ ସେହି ସମ୍ପ୍ରଦାୟ ପାଇଁ ସରକାର କରୁଥିବା ସର୍ବେକ୍ଷଣରେ ସେ ଭାଗ ନେବେ ନାହିଁ। କିଛି ବ୍ୟକ୍ତିଗତ କାରଣ ପାଇଁ ରାଜ୍ୟର ପଛୁଆ ବର୍ଗ କମିଶନଙ୍କ ଦ୍ୱାରା ହେଉଥିବା ଏହି ସାମାଜିକ ଏବଂ ଶିକ୍ଷାଗତ ସର୍ବେକ୍ଷଣରେ ସୂଚନା ଦେବାକୁ ମନା କରିଦେଇଥିଲେ ବୋଲି ସୁଧା କହିଛନ୍ତି।

ଏହାକୁ ନେଇ କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର କହିଛନ୍ତି ଯେ ସର୍ବେକ୍ଷଣରେ ଭାଗ ନେବା ନ ନେବା ଇଚ୍ଛାଧୀନ ପ୍ରସଙ୍ଗ। ଯଦି କେହି ସୂଚନା ଦେବାକୁ ଚାହୁଁନାହାନ୍ତି ତେବେ ତାଙ୍କୁ ଏଥିରେ ଭାଗନେବାକୁ ବାଧ କରାଯାଇପାରିବ ନାହିଁ। ସୂଚନା ଅନୁଯାୟୀ କର୍ଣ୍ଣାଟକରେ ଗତ ୨୨ ତାରିଖରେ ଜାତିଗତ ଜନଗଣନା ଆରମ୍ଭ ହୋଇଥିଲା। ଏହାର ସମୟସୀମାକୁ ଅକ୍ଟୋବର ୧୮ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଏହି ସର୍ବେକ୍ଷଣ ପାଇଁ ସରକାର ୪୨୦ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି। ଏଥିପାଇଁ ମାସେ ପର୍ଯ୍ୟନ୍ତ ସ୍କୁଲ ଛୁଟି କରିଦିଆଯାଇଛି। ସରକାରୀ ଶିକ୍ଷକଙ୍କୁ ଏହି କାର୍ଯ୍ୟରେ ଲଗାଯାଇଛି।

## ୫ ଲକ୍ଷ ଲାଞ୍ଚ ନେଇ ଗିରଫ ଡିଆଇଜିଙ୍କ ଘରୁ ୫ କୋଟି ଜବତ

ଅମୃତସର, ୧୬।୧୦ (ଏଜେନ୍ସି): ପାଞ୍ଚ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ସମୟରେ ପଞ୍ଜାବ ରୋପଡ ରେଞ୍ଜର ଡିଆଇଜି ହରଚରନ ସିଂହ ଭୁଲ୍ଲରଙ୍କୁ ସିବିଆଇ ଗିରଫ କରିଛି। ସେ ମଣ୍ଡି ଗୋବିନ୍ଦଗଡ଼ର ଜଣେ ସ୍କ୍ରାପ ବ୍ୟବସାୟୀଠୁ ଏହି ଲାଞ୍ଚ ମାଗିଥିଲେ। ବ୍ୟବସାୟୀ ଏ ନେଇ ସିବିଆଇ ନିକଟରେ ଅଭିଯୋଗ କରିଥିଲେ। ପରେ ଡିଆଇଜିଙ୍କୁ ଧରିବା ପାଇଁ ସିବିଆଇ ଜାଲ ବିଛାଇ ଥିଲା। ବ୍ୟବସାୟୀ ଗୁରୁବାର ଟଙ୍କା ନେଇ ମୋହାଲି ସ୍ଥିତ ଅଫିସରେ ପହଞ୍ଚି ଥିଲେ। ଏଠାରୁ ସିବିଆଇ ଭୁଲ୍ଲରଙ୍କୁ ଧରିଥିଲା। ଏହା ପରେ ଚଣ୍ଡିଗଡ଼ର ସେକ୍ଟର ୪୦ ସ୍ଥିତି ଡିଆଇଜିଙ୍କ ବାସଭବନ ଏବଂ ମୋହାଲି ଅଫିସରେ ସିବିଆଇର ୪୨ ଜଣିଆ ଟିମ୍ ଚଢ଼ଉ କରିଥିଲା। ତାଙ୍କ କୋଠାରୁ ୫ କୋଟି ଟଙ୍କା ମିଳିଛି। ୩ଟି ବ୍ୟାଗ ଏବଂ ଗୋଟିଏ ଆଟାଚରେ ଏହି ଟଙ୍କା ରଖାଯାଇଥିଲା। ଏହାକୁ ଗଣିବା ପାଇଁ ମେସିନ ମଗା ଯାଇଥିଲା। ଏହା ବ୍ୟତୀତ ବିପୁଳ ଗହଣା, ୧୫ଟି ସମ୍ପତ୍ତି ଏବଂ ବିଳାଶପୂର୍ଣ୍ଣ ଗାଡ଼ିର ମଧ୍ୟ କାଗଜପତ୍ର ମିଳିଛି। ୨୦୦୭ ବ୍ୟାଚ୍‌ର ଏହି ଆଇପିଏସ ଅଧିକାରୀ ରୋପଡ ରେଞ୍ଜରେ କାର୍ଯ୍ୟରତ ଥିବା ସମୟରେ ଏକ ବେଆଇନ କାର୍ ବ୍ୟବସାୟ ସାମ୍‌ନାକୁ ଆସିଥିଲା। ଏଠାରେ ଚେଚିସ୍ ନମ୍ବର ବଦଳାଇ ସ୍କ୍ରାପ୍ ଗାଡ଼ି ବିକ୍ରି କରାଯାଉଥିଲା। ଏହି ମାମଲାକୁ ଚପାଇବା ପାଇଁ ସେ ବ୍ୟବସାୟୀଙ୍କୁ ମାସକୁ ୨ ଲକ୍ଷ ଏବଂ ପରେ ୫ ଲକ୍ଷ ଟଙ୍କା ଦେବାକୁ କହିଥିଲେ।

## ଚୀନ୍‌ଠାରୁ ଲଢୁଆ ଜେଟ୍ ନେବ ଇଣ୍ଡୋନେସିଆ

ଜାକର୍ତ୍ତା, ୧୬ ।୧୦(ଏଜେନ୍ସି): ଇଣ୍ଡୋନେସିଆ ନିଜର ସାମରିକ କ୍ଷମତା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଚୀନ୍‌ଠାରୁ ଜେ-୧୦ସି ଲଢୁଆ ବିମାନ କ୍ରୟ କରିବ ଇଣ୍ଡୋନେସିଆ। ପ୍ରଥମଥର ପାଇଁ ଇଣ୍ଡୋନେସିଆ କୌଣସି ଅଣ ପାଶ୍ଚାତ୍ୟ ଦେଶଠାରୁ ବିମାନ କିଣିବ ବୋଲି ଇଣ୍ଡୋନେସିଆର ପ୍ରତିରକ୍ଷା ମନ୍ତ୍ରୀ ସଜଫ୍ରି ସଜମସୁଦ୍ଦିନ କହିଛନ୍ତି। ପୂର୍ବରୁ ଚିନ୍ କେବଳ ଏହି ବିମାନ ନିଜ ପାଇଁ ନିର୍ମାଣ କରୁଥିଲା। ଏବେ କିନ୍ତୁ ଚୀନ୍ ଏହାକୁ ଅନ୍ୟ ଦେଶକୁ ଏହି ବିମାନ ବିକିବ। ଏହିକ୍ରମରେ ଇଣ୍ଡୋନେସିଆ ୭୫ ହଜାର କୋଟି ଟଙ୍କା ବିନିମୟରେ ମୋଟ୍ ୪୨ଟି ବିମାନ କ୍ରୟ କରିବ। ତେବେ ଏହି ବିମାନ ଚୀନ୍‌ଠାରୁ କେବେ ମିଳିବ ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଏହି ବିମାନ ପାକିସ୍ତାନ ପାଖରେ ମଧ୍ୟ ରହିଛି। ଗତ ମେ'ରେ ହୋଇଥିବା ଅପରେସନ ସିନ୍ଦୂରରେ ପାକିସ୍ତାନ ଏହି ବିମାନ ଭାରତ ବିପକ୍ଷରେ ବ୍ୟବହାର କରିଥିଲା। ଇଣ୍ଡୋନେସିଆ ନିଜର ଲଢୁଆ ବିମାନଗୁଡ଼ିକୁ ଅପଗ୍ରେଡ କରାଉଛି। କେବଳ ଚୀନ୍‌ଠାରୁ ନୁହଁ ଫ୍ରାନ୍ସ ଓ ତୁର୍କୀ ଭଳି ୟୁରୋପୀୟ ଦେଶଗୁଡ଼ିକ ଠାରୁ ଇଣ୍ଡୋନେସିଆ ଫାଇଟର ଜେଟ୍ କ୍ରୟ କରିବ।

## ଗୁଜରାଟରେ ଇସ୍ତଫା ଦେଲେ ସବୁ ମନ୍ତ୍ରୀ

ଅହମଦାବାଦ୍, ୧୬ ।୧୦(ଏଜେନ୍ସି): ଗୁଜରାଟ୍‌ରେ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲଙ୍କ କ୍ୟାବିନେଟର ୧୬ ଜଣ ମନ୍ତ୍ରୀ ଗୁରୁବାର ଇସ୍ତଫା ଦେଇଛନ୍ତି। ଶୁକ୍ରବାର ପୂର୍ବାହ୍ଣ ୧୧.୩୦ରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ହେବ ଓ ନୂଆ କ୍ୟାବିନେଟ ଶପଥ ଗ୍ରହଣ କରିବେ। ୨୦୨୭ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ମନ୍ତ୍ରୀମଣ୍ଡଳ ଅଦଳବଦଳ କରାଯାଉଛି ବୋଲି କୁହାଯାଉଛି। ମନ୍ତ୍ରୀମଣ୍ଡଳରେ ନୂଆ ଚେହେରାଙ୍କୁ ସାମିଲ କରାଯାଇପାରେ ଓ ଦୁଇଜଣ ଉପ- ମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତି ଦିଆଯାଇପାରେ ବୋଲି କୁହାଯାଇଛି। ଗୁଜରାଟ କ୍ୟାବିନେଟ୍‌ରେ ମୁଖ୍ୟମନ୍ତ୍ରୀଙ୍କ ସମେତ ୧୭ଜଣ ମନ୍ତ୍ରୀଥିଲେ। ଏଥିରେ ୮ ଜଣ ଲେଖାଏ କ୍ୟାବିନେଟ ଓ ରାଜ୍ୟପାହ୍ୟା ମନ୍ତ୍ରୀ ଥିଲେ। ଏବେ ଏହି ସଂଖ୍ୟ ବୃଦ୍ଧି ପାଇଁ ୨୨-୨୩ ହୋଇପାରେ ବୋଲି କୁହାଯାଉଛି। କଂଗ୍ରେସରୁ ବିଜେପିକୁ ଆସିଥିବା ବିଧାୟକଙ୍କ ମନ୍ତ୍ରୀମଣ୍ଡଳରେ ସାମିଲ କରାଯିବାର ସମ୍ଭାବନା ସୃଷ୍ଟି ହୋଇଛି।

### ଅହମଦାବାଦ ବିମାନ ଦୁର୍ଘଟଣା ମାମଲା

## ପାଇଲଟ ସଭରୱାଲଙ୍କ ବାପା ଓ ସଂଘ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ

ନୂଆଦିଲ୍ଲୀ, ୧୬।୧୦ (ଏଜେନ୍ସି): ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ (ଏଆଇ-୧୭୧) ଦୁର୍ଘଟଣାକୁ ନେଇ ବିବାଦ ଥମିବାର ନା ଧରୁନି। ବିମାନ ନିର୍ମାତା କମ୍ପାନୀର ଦୋଷ ଘୋଡ଼ାଇବା ପାଇଁ ପାଇଲଟ୍ ସୁମିତ ସଭରୱାଲଙ୍କ ଉପରେ ଦୋଷ ଲଦାଯାଉଛି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି)ର ତଦନ୍ତ ମଧ୍ୟ ଏ ଦିଗରେ ସଙ୍କେତ ଦେଉଛି। ଏହି ରିପୋର୍ଟ ଜାରିହେବା ପରେ ବିଶ୍ୱସନୀୟତାକୁ ନେଇ ପ୍ରଶ୍ନ ଉଠିଥିଲା। ଏପରି ସମୟରେ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପାଇଲଟ ସୁମିତଙ୍କ ବାପା ପୁଷ୍କରାଜ ସଭରୱାଲ ଏବଂ ଭାରତୀୟ ପାଇଲଟ ସଂଘ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଆବେଦନରେ ଏଏଆଇବିର ଯାଞ୍ଚ ଉପରେ ଭରସା ନାହିଁ ବୋଲି କୁହାଯାଇଛି। ତେଣୁ ସ୍ୱତନ୍ତ୍ର ଯାଞ୍ଚ ଦାବି କରାଯାଇଛି। କୋର୍ଟଙ୍କ ଅନୁଧ୍ୟାନରେ କିମ୍ବା କୋର୍ଟ ଅଫ୍ ଇନକ୍ୱାରୀ ହେଉ ବୋଲି ନିବେଦନ କରାଯାଇଛି।

# ଆଉ କେତେ ମିଛ କହିବେ ଟ୍ରମ୍ପ

### ରୁଷରୁ ଆଉ ତେଲ କିଣିବ ନାହିଁ ଭାରତ: ଟ୍ରମ୍ପ

### ସ୍ପଷ୍ଟ କଲା ବୈଦେଶିକ ବିଭାଗ: ଭାରତ ଏଭଳି କୌଣସି ପ୍ରତିଶ୍ରୁତି ଦେଇନି

ନୂଆଦିଲ୍ଲୀ, ୧୬।୧୦: ରୁଷ-ୟୁକ୍ରେନ ଯୁଦ୍ଧ ରୋକିବାରେ ବିଫଳ ହେବା ପରେ ବିବ୍ରତ ହୋଇପଡ଼ିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଭାରତ ସମେତ ବିଭିନ୍ନ ଦେଶ ଉପରେ ଅତ୍ୟଧିକ ଶୁଳ୍କ ଧାର୍ଯ୍ୟ କରି ବିଶ୍ୱ ଅର୍ଥନୀତିକୁ ଅସ୍ଥିର କରିଥିବା ଟ୍ରମ୍ପ ଭାରତକୁ ଟାର୍ଗେଟ କରିବାରେ ଲାଗିଛନ୍ତି। ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ତାଙ୍କ ବନ୍ଧୁ ବୋଲି ବର୍ଣ୍ଣନା କରୁଛନ୍ତି ଏବଂ ଅନ୍ୟପଟେ ଭାରତକୁ ଅଡୁଆରେ ପକାଇବା ଲାଗି କୌଣସି ସୁଯୋଗ ହାତଛଡ଼ା କରୁ ନାହାନ୍ତି। ପହଲଗାମ ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧକୁ ରୋକିବାରେ ସେ ମଧ୍ୟସ୍ଥତା କରିଥିଲେ। ତାଙ୍କର ଶୁଳ୍କ ଧମକ ଯୋଗୁଁ ଏହି ଯୁଦ୍ଧ ବନ୍ଦ ହୋଇଥିଲା ବୋଲି କହିଥିଲେ। କିନ୍ତୁ ଭାରତ ଟ୍ରମ୍ପଙ୍କ ଏଭଳି ମନ୍ତବ୍ୟକୁ ଖଣ୍ଡନ କରିବା ପରେ ଟ୍ରମ୍ପ ଭାରତ ଉପରେ କ୍ଷୁବ୍ଧ ହୋଇ ଅତ୍ୟଧିକ ଶୁଳ୍କ ଲଗାଇଛନ୍ତି। ଏହାକୁ ନେଇ ଦୁଇ ଦେଶ ମଧ୍ୟରେ ଅଚଳାବସ୍ଥା ଲାଗି ରହିଥିବା ବେଳେ ଟ୍ରମ୍ପ ଆଜି ପୁଣି ଆଉ ଏକ ମିଛ କହିଛନ୍ତି। ରୁଷ ଠାରୁ ଭାରତ ଆଉ ତେଲ କିଣିବ ନାହିଁ, ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ଏହି ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ କହିଛନ୍ତି। କିନ୍ତୁ ଭାରତ ତାଙ୍କର ଏହି ମନ୍ତବ୍ୟକୁ ଖଣ୍ଡନ କରିଛି। ପ୍ରଧାନମନ୍ତ୍ରୀ ଏଭଳି କୌଣସି ମନ୍ତବ୍ୟ ଦେଇ ନାହାନ୍ତି ବୋଲି ଭାରତ ସରକାର କହିବା ପରେ ଟ୍ରମ୍ପଙ୍କ ଆଉ ଏକ ମିଛ ଧରାପଡ଼ିଛି।



ରୁଷ ତେଲକୁ ନେଇ ଭାରତ ସଂପର୍କରେ ଟ୍ରମ୍ପଙ୍କ ବିବୃତିକୁ ନେଇ ଭାରତୀୟ ରାଜନୀତି ଆଜି ଦିନସାରା ସରଗରମ ରହିଥିଲା। ଟ୍ରମ୍ପଙ୍କ ଧମକ ଆଗରେ ସରକାର ମୁଣ୍ଡ ନୁଆଁଇଛନ୍ତି ବୋଲି କହି ବିରୋଧୀ ଦଳ ପ୍ରଧାନମନ୍ତ୍ରୀଙ୍କର ସମାଲୋଚନା କରିଥିଲେ। ରୁଷରେ ମଧ୍ୟ ଏହାକୁ ନେଇ ବିଭ୍ରାନ୍ତି ସୃଷ୍ଟି ହୋଇଥିଲା। କିନ୍ତୁ ସନ୍ଧ୍ୟା ଭାରତ ସରକାର ଏକ ସ୍ପଷ୍ଟୀକରଣ ଦେବାପରେ ଏହି ବିବାଦରେ ବିରାମ ଲାଗିଛି। ଭାରତୀୟ ବୈଦେଶିକ ବିଭାଗର ମୁଖପାତ୍ର ରଣଧୀର ଜୟଶ୍ୱାଲ ସ୍ପଷ୍ଟ କରିଛନ୍ତି ଯେ ରୁଷ ତେଲ ନେଇ ଟ୍ରମ୍ପଙ୍କୁ କୌଣସି ପ୍ରତିଶ୍ରୁତି ଦିଆଯାଇନାହିଁ। ଆଜି ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ଏସଂପର୍କରେ ଅନେକ ପ୍ରଶ୍ନ ପଚାରିଥିଲେ। ଗୋଟିଏ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ଟ୍ରମ୍ପଙ୍କ ମଧ୍ୟରେ ଗତକାଲି କୌଣସି ଟେଲିଫୋନ୍ ଆଲୋଚନା ହୋଇନାହିଁ। ରୁଷ ଠାରୁ ଭାରତ ତେଲ କିଣିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କେବେହେଲେ କହି ନାହାନ୍ତି। ସେ କହିଲେ ଯେ ତେଲ କିଣିବା ସମୟରେ ଭାରତୀୟ ନାଗରିକଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ। ଯେଉଁ ବଜାରରେ ତେଲ ଶସ୍ତା ମିଳିବ, ଭାରତ ସେହିଠାରୁ ହିଁ କିଣିବ ବୋଲି ସେ ପରୋକ୍ଷରେ ବୁଝାଇ ଦେଇଥିଲେ। ଏହାପୂର୍ବରୁ ଆଜି ତାଙ୍କର ଓଭାଲ ଅଫିସରେ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରମ୍ପ କହିଥିଲେ ଯେ ରୁଷ ଠାରୁ ଭାର ତେଲ କିଣୁଥିବାରୁ ସେ କ୍ଷୁବ୍ଧ ଅଛନ୍ତି। ତେବେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ଯେ ଭାରତ ଏହି ତେଲ କିଣିବା ବନ୍ଦ କରିଦେବ। କିନ୍ତୁ ଟିକିଏ ସମୟ ଲାଗିବ। ମୋଦୀଙ୍କ ଏହି ପ୍ରତିଶ୍ରୁତିକୁ ମୁଁ ସ୍ୱାଗତ କରୁଛି ବୋଲି ଟ୍ରମ୍ପ କହିଥିଲେ।

## କଂଗ୍ରେସ-ଆର୍‌ଜେଡି ଅଡୁଆ ଛିଡୁନି

ପାଟନା, ୧୬।୧୦ (ଏଜେନ୍ସି): ବିହାରରେ ନିର୍ବାଚନୀ ପାରା ବଢ଼ିବାରେ ଲାଗିଛି। କ୍ଷମତାସୀନ ଏନ୍‌ଡିଏ ମେଣ୍ଟ ଏବଂ ବିରୋଧୀ ଇଣ୍ଡିଆ ମେଣ୍ଟରେ ଟିକଟ ବଣ୍ଟନକୁ କଳି ଛିଡ଼ିବାର ନା ଧରୁନି। ତେବେ ବିଦ୍ରୋହ କରୁଥିବା ଏନ୍‌ଡିଏର ସହଯୋଗୀ ଦଳ ନିଜ ଆଭିମୁଖ୍ୟକୁ ନରମ କରିଛନ୍ତି। କିନ୍ତୁ ଇଣ୍ଡିଆରେ ଅଙ୍କ ଛିଡ଼ିପାରୁ ନାହିଁ। ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥୀପତ୍ର ଦାଖଲ ଶେଷ ହେଉଥିବାବେଳେ କଂଗ୍ରେସ ଏବଂ ଆର୍‌ଜେଡି ମଧ୍ୟରେ ଏ ପର୍ଯ୍ୟନ୍ତ ଟିକଟ ବଣ୍ଟନ ଚୂଡ଼ାନ୍ତ ହୋଇନାହିଁ। ବୁଧବାର ଆରଜେଡି ନେତା ତେଜସ୍ୱୀ ଯାଦବ ଦିଲ୍ଲୀରେ ଥିଲେ ବି କଂଗ୍ରେସର ପ୍ରମୁଖ ନେତୃତ୍ୱଙ୍କୁ ଭେଟିପାରି ନ ଥିଲେ। ପରେ ସେ ଦିଲ୍ଲୀରୁ ଫେରି ରଘୋପୁର ଆସନରୁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। କଂଗ୍ରେସ ମଧ୍ୟ ଆସନ ବୁଝାମଣା ନ କରି ପ୍ରାର୍ଥୀଙ୍କୁ ଟିକଟ ବାଣ୍ଟି ଥିଲା। ମାମଲା ଜଟିଳ ହେଉଥିବା ଦେଖି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଏହି ଅଡୁଆ ଛିଡ଼ାଇବାକୁ ଗୁରୁବାର ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କୁ ଫୋନ କରିଥିଲେ। କିନ୍ତୁ ଏହି ଚର୍ଚ୍ଚାରେ କ'ଣ ନିଷ୍ପତ୍ତି ନିଆଯାଇଥିଲା ତାହା ଏ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ପ୍ରାର୍ଥୀପତ୍ର ଦାଖଲ କରିବାକୁ ଗୋଟିଏ ଦିନ ବାକିଥିବାବେଳେ ଆରଜେଡି ଏବଂ କଂଗ୍ରେସ ମଧ୍ୟରେ ଆସନ ବୁଝାମଣା ହୋଇ ନ ପାରିବା ମହାମେଣ୍ଟର ଏକତା ଉପରେ ପ୍ରଶ୍ନ ଉଠାଉଛି। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କଂଗ୍ରେସକୁ ଦିଆଯାଇଥିବା ସିଟ୍ ଏବଂ କିଛି ମଜବୁତ କ୍ଷେତ୍ରକୁ ନେଇ ଦୁଇ ଦଳ ଭିତରେ ଅଙ୍କ ଛିଡୁନି। ପ୍ରଥମେ ୫୨ଟି ଆସନରେ ଲଢ଼ିବା ପାଇଁ ଆରଜେଡି କହିବାରୁ କଂଗ୍ରେସ ଖାରଜ କରି ଅତିକମରେ ୬୦ ସିଟ୍ ମାଗିଥିଲା। ଏହାକୁ ନେଇ ରାଜ୍ୟସ୍ତରରେ ଆରଜେଡି ଏବଂ କଂଗ୍ରେସ ନେତାଙ୍କ ବୈଠକକୁ ମଧ୍ୟ ବିଳମ୍ବିତ କରିଦିଆଯାଇଥିଲା। ପରେ ଏହି ମାମଲା ଦିଲ୍ଲୀକୁ ପଳାଇ ଥିଲା।

ଏହା ପରେ କଂଗ୍ରେସକୁ ୬୧ଟି ସିଟ୍ ଦେବା ପାଇଁ ଆରଜେଡି ରାଜି ହୋଇଥିଲା। କିନ୍ତୁ କଂଗ୍ରେସ ଚାହୁଁଥିବା କିଛି କ୍ଷେତ୍ରକୁ ଛାଡ଼ିବା ପାଇଁ ଲାଲୁଙ୍କ ଦଳ ମନା କରିଦେଇଥିଲା। କହଲଗାଁଓ, ନରକାର୍ତିଆଗଞ୍ଜ ଏବଂ ବସାଲିଗଞ୍ଜ ଭଳି ଆସନକୁ ନିଜ ପାଖରେ ରଖିବାକୁ ଚାହୁଁଥିଲା। ପୂର୍ବରୁ ରାହୁଲଙ୍କ ଭୋଟ ଅଧିକାର ଯାତ୍ରା ପାଇଁ କଂଗ୍ରେସ ନିଜ ଆଭିମୁଖ୍ୟକୁ ଜୋରଦାର କରିବ ବୋଲି କୁହାଯାଉଥିଲା। କିନ୍ତୁ ଏହା ସେତେ ପ୍ରଭାବି ହୋଇ ନ ଥିଲା। ଏଥିପାଇଁ ଦଳ ନରମ ଆଭିମୁଖ୍ୟ ପୋଷଣ କରିଥିଲା। ଏବେ କଂଗ୍ରେସ ୬୧ ଆସନରେ, ଆରଜେଡି ପୂର୍ବାପେକ୍ଷା ଟିକେ କମ୍ ଆସନରେ ଲଢ଼ିବ ବୋଲି କୁହାଯାଉଛି।

## ବିଦାୟନେଲା ମୌସୁମୀ

ନୂଆଦିଲ୍ଲୀ, ୧୬ ।୧୦(ଏଜେନ୍ସି): ସାରା ଭାରତରୁ ଦକ୍ଷିଣ ପଶ୍ଚିମ ମୌସୁମୀ ସମ୍ପୂର୍ଣ୍ଣ ଭାବେ ବିଦାୟ ନେଇଛି। କନିର୍ଦ୍ଧାରିତ ସମୟର ଗୋଟିଏ ଦିନ ପରେ ହିଁ ମୌସୁମୀ ବିଦାୟ ନେଇଛି ବୋଲି ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ ଗୁରୁବାର ସୂଚନା ଦେଇଛି। ଏଥର ମୌସୁମୀ ଦୀର୍ଘ ୧୬ ବର୍ଷ ପରେ ଆଗୁଆ ମେ ୨୪ରେ କେରଳରେ ପହଞ୍ଚିଥିଲା। ସବୁଥର ମୌସୁମୀ ଅକ୍ଟୋବର ୧୫ରେ ହିଁ ଦେଶରୁ ସମ୍ପୂର୍ଣ୍ଣ ଭାବେ ବିଦାୟ ନେଇଥାଏ। ନିର୍ଦ୍ଧାରିତ ତାରିଖର ଅଗୁଆ ୯ ଦିନ ପୂର୍ବରୁ ଅର୍ଥାତ ଜୁଲାଇ ୮ରେ ମୌସୁମୀ ସାରା ଦେଶକୁ ଆଚ୍ଛାଦିତ କରିଥିଲା। ୨୦୦୯ ପରେ ମୌସୁମୀ ଏଥର ଶୀଘ୍ର ଆଗମନ କରିଥିଲା। ଏହି ବର୍ଷ ମୌସୁମୀ ମେ ୨୩ରେ ପହଞ୍ଚିଥିଲା। ସାଧାରଣତଃ ମୌସୁମୀ ଜୁନ୍ ୧ ସୁଦ୍ଧା କେରଳରେ ପ୍ରଥମେ ପ୍ରବେଶ କରିଥାଏ ଓ ଜୁଲାଇ ୮ରେ ସାରା ଦେଶକୁ ଏହା ଅଚ୍ଛାଦିତ କରିଥାଏ। ସେହିପରି ଏହା ପାଖାପାଖି ସେପ୍ଟେମ୍ବର ୧୭ ରେ ଉତ୍ତର-ପଶ୍ଚିମ ଭାରତରୁ ବିଦାୟନେବା ଆରମ୍ଭ କରିଥାଏ ଓ ଅକ୍ଟୋବର ୧୫ରେ ସମ୍ପୂର୍ଣ୍ଣ ଭାବେ ଦେଶରୁ ବିଦାୟ ନେଇଥାଏ।

ମୌସୁମୀର ୪ ମାସ ରହଣୀରେ ଏଥର ସାମାନ୍ୟଠାରୁ ଅଧିକ ବର୍ଷା ହୋଇଛି। ସାଧାରଣତଃ ମୌସୁମୀ କାରଣରୁ ୪ ମାସ ମଧ୍ୟରେ ୮୬୮.୬ ମିଲିମିଟର ବର୍ଷା ହୋଇଥାଏ। ଏଥର କିନ୍ତୁ ୯୩୭.୨ ମିଲିମିଟର ବର୍ଷା ହୋଇଛି। ଅର୍ଥାତ ଏଥର ୮ ପ୍ରତିଶତ ଅଧିକ ବର୍ଷା ହୋଇଛି। ଭାରତର ଉତ୍ତରପଶ୍ଚିମ ଅଞ୍ଚଳକୁ ବାଦ୍ ଦେଲେ ମୌସୁମୀ ପରେ ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ସାରା ଦେଶରେ ସାମାନ୍ୟଠାରୁ ଅଧିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ତରଫରୁ କୁହାଯାଇଛି। ଏବର୍ଷ ଅକ୍ଟୋବରରେ ସାମାନ୍ୟଠାରୁ ୧୫ ପ୍ରତିଶତ ଅଧିକ ବର୍ଷା ହେବ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ କୁହାଯାଇଛି। ସେହିପରି ପୂର୍ବ ଓ ପୂର୍ବାଞ୍ଚଳ ଭାରତରେ ସାମାନ୍ୟଠାରୁ ଏଥର କମ୍ ବର୍ଷା ହୋଇଛି।

## ତାଲିବାନ ଆକ୍ରମଣ ପଛରେ ଭାରତ: ପାକିସ୍ତାନ

### ଭାରତ ପାଇଁ ଛାମୁଆ ଯୁଦ୍ଧ ଲଢୁଛି ତାଲିବାନ

### ଉସୁକାଇଲେ ସାମରିକ କାର୍ଯ୍ୟାନୁଷ୍ଠାନ

ଇସଲାମାବାଦ, ୧୬।୧୦ (ଏଜେନ୍ସି): ଆଫଗାନିସ୍ତାନ ସହ ସଂଘର୍ଷରେ ଲିପ୍ତ ପାକିସ୍ତାନ ଭୋକ ବିକଳରେ ତାଟିଆ କାମୁଡିବାରେ ଲାଗିଛି। ପଡୋଶୀ ଦେଶକୁ ଆତଙ୍କବାଦୀ ପଠାଇ ଅସ୍ଥିରତା ସୃଷ୍ଟି କରୁଥିବା ପାକିସ୍ତାନର ପ୍ରତିରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ ତାଲିବାନ ସହ ସଂଘର୍ଷକୁ ନେଇ ଭାରତ ଉପରେ ଦୋଷ ଲଦିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ତାଲିବାନର ନିଷ୍ପତ୍ତି ଦିଲ୍ଲୀରେ ନିଆଯାଉଛି। ଭାରତ ପାଇଁ ଆଫଗାନିସ୍ତାନ ଛାମୁଆ ଯୁଦ୍ଧ ଲଢୁଛି। ତେଣୁ ତାଲିବାନ ସହ ହୋଇଥିବା ଅସ୍ତ୍ରବିରତି ବେଶୀ ଦିନ ତିଷ୍ଠିବା ଉପରେ ସନ୍ଦେହ ସୃଷ୍ଟି ହୋଇଛି। କାରଣ ଆଫଗାନ ତାଲିବାନକୁ ଦିଲ୍ଲୀରୁ ସହଯୋଗ ମିଳୁଛି। ଆସିଫ ଚେତାବନୀ ଦେଇ କହିଛନ୍ତି ଯେ ଯଦି ପାକିସ୍ତାନକୁ ଉସୁକାଇବେ ତେବେ ସାମରିକ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜବାବ ଦେବା ପାଇଁ ପାକିସ୍ତାନ ପାଖରେ ସମ୍ପୂର୍ଣ୍ଣ କ୍ଷମତା ରହିଛି। ଯଦି ସେମାନେ ଯୁଦ୍ଧର ପରିସର ବୃଦ୍ଧି କରିବେ ତେବେ ଆମେ ଆକ୍ରମଣ କରିବୁ। ମାତ୍ର ଆଲୋଚନା ପାଇଁ ମଧ୍ୟ ପାକିସ୍ତାନ ପ୍ରସ୍ତୁତ ଅଛି।

ତାଲିବାନ ଟ୍ୟାଙ୍କ ଲୁଟିନେବା ଖବରକୁ ଆସିଫ ଅପପ୍ରଚାର କହିଛନ୍ତି। ତାଲିବାନ ସଦସ୍ୟ ଯେଉଁ ମଡେଲ ଟ୍ୟାଙ୍କରେ ଯାଉଥିବା ଦେଖାଯାଉଛି ତାହା ପାକିସ୍ତାନର ନୁହେଁ। ଏହି ଟ୍ୟାଙ୍କ ସେମାନେ କେଉଁଠୁ ଆଣିଲେ ତାହା ଜଣାନାହିଁ। କେଉଁ କବାଡିବାଲାଠାରୁ ନେଇଥିବେ କିମ୍ବା ପୁରୁଣା କାଳର ଟ୍ୟାଙ୍କ ଚଲାଉ ଥିଲେ। ଜାଲ୍ ଫଟୋ କିମ୍ବା ଭିଡିଓ କରି ପ୍ରଚାରପ୍ରସାର କରାଯାଉଛି। କାବୁଲ ପକ୍ଷରୁ କ୍ରମାଗତ ଭାବେ ମିଥ୍ୟା କୁହାଯାଉଛି। ସେମାନେ ଛାମୁଆ ଯୁଦ୍ଧ ଲଢୁଛନ୍ତି। ବିବାଦ ମଧ୍ୟରେ ଆଫଗାନିସ୍ତାନକୁ 'ଟ୍ରାଞ୍ଜିଟ ଟ୍ରେଡ' ସୁବିଧା ଉପରେ ପାକିସ୍ତାନ କଟକଣା ଲଗାଇ ଦିଆଯାଇଛି। ଏଥିଯୋଗୁଁ ବାଣିଜ୍ୟ କାରବାର ପାଇଁ ପାକିସ୍ତାନ ଜମିକୁ ଆଉ ତାଲିବାନ ବ୍ୟବହାର କରିପାରିବ ନାହିଁ। ଏହି ନିଷ୍ପତ୍ତି ପରେ କରାଚି ଏବଂ ପୋର୍ଟ କାସିମରେ ଆଫଗାନିସ୍ତାନ ଯାଉଥିବା ଅନେକ ଟ୍ରକ ଛିଡ଼ା ହୋଇ ରହିଛି। ଲୋଡ୍ ହୋଇସାରିଥିବା କଣ୍ଟେନରକୁ ମଧ୍ୟ ବନ୍ଦରରେ ଓହ୍ଲାଇ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଆଫଗାନିସ୍ତାନରେ ସମୁଦ୍ର ନାହିଁ। ତେଣୁ ବାଣିଜ୍ୟ କାରବାର ପାଇଁ ଏହି ଦେଶ ପାକିସ୍ତାନ ଉପରେ ନିର୍ଭରଶୀଳ।

## ସିଜେଆଇଙ୍କୁ ଜୋତା ଫିଙ୍ଗିବା ଆଇନଜୀବୀଙ୍କୁ ମହଙ୍ଗା ପଡ଼ିଲା

ନୂଆଦିଲ୍ଲୀ, ୧୬ ।୧୦(ଏଜେନ୍ସି): ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତ ବିଆର ଗଭାଇଙ୍କ ଉପରକୁ ଜୋତା ଫୋପାଡିଥିବା ବରିଷ୍ଠ ଓକିଲି ରାକେଶ କିଶୋରଙ୍କ ସମସ୍ୟା ଏବେ ବଢ଼ିବାରେ ଲାଗିଛି। ଏବେ ତାଙ୍କ ବିରୋଧରେ ଅପରାଧିକ ଅବମାନନା ମାମଲା ଚାଲିବ। ଏ ନେଇ ଦେଶର ଆଟର୍ଣ୍ଣି ଜେନେରାଲ ତୁଷାର ମେହେଟା ରାକେଶଙ୍କ ବିରୋଧରେ ମାମଲା ଆରମ୍ଭ କରିବାକୁ ସହମିତ ପ୍ରଦାନ କରିଛନ୍ତି। ତୁଷାର ଓ ସୁପ୍ରିମକୋର୍ଟ ବାର ଆସୋସିଏସନ (ଏସ୍‌ସିବିଏ) ମୁଖ୍ୟ ତଥା ବରିଷ୍ଠ ଓକିଲ ବିକାଶ ସିଂ ଏ ନେଇ ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜୟମାଲ୍ୟା ବାଗ୍‌ଚିଙ୍କ ଖଣ୍ଡପୀଠକୁ ଅନୁରୋଧ କରିଛନ୍ତି। ରାକେଶ କିଶୋରଙ୍କ କାର୍ଯ୍ୟ ଓ କଥା ଅତ୍ୟନ୍ତ ନିନ୍ଦନୀୟ ବୋଲି ବିକାଶ ସିଂ କହିଛନ୍ତି। ତାଙ୍କ କାର୍ଯ୍ୟ ସମ୍ପୂର୍ଣ୍ଣ ନ୍ୟାୟ ବ୍ୟବସ୍ଥା ଉପରେ ଏକ ଆକ୍ରମଣ ବୋଲି ସେ କହିଛନ୍ତି। ଏହି ଘଟଣା ଅକ୍ଷମଣନୀୟ ବୋଲି ତୁଷାର କହିଛନ୍ତି। ଗତ ଅକ୍ଟୋବର ୬ରେ ଏକ ଶୁଣାଣି ବେଳେ ରାକେଶ ସିଜେଆଇ ଗଭାଇଙ୍କ ଉପରେକୁ ଜୋତା ଫୋପାଡିବାକୁ ପ୍ରୟାସ କରିଥିଲେ। ଏହି ଘଟଣା ଘଟିଥିଲେ ମଧ୍ୟ ସିଜେଆଇ ଶାନ୍ତ ରହିବା ସହ ନିଜର କାର୍ଯ୍ୟ ଜାରି ରଖିଥିଲେ।

## ସିକ୍ୟୁରିଟି ଗାର୍ଡରୁ ୪୦୦ କୋଟିର ବ୍ୟବସାୟିକ ସାମ୍ରାଜ୍ୟ

ପାଟନା, ୧୬ ।୧୦(ଏଜେନ୍ସି): ବିହାରରେ ବିଧାନସଭା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସବୁ ଦଳଗୁଡିକ ଏଥିପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ପ୍ରଶାନ୍ତ କିଶୋରଙ୍କ ଜନ ସୂରାଜ ପାର୍ଟି ମଧ୍ୟ ଏଥିରେ ପଛରେ ପଡ଼ିନାହିଁ। ଏହି ପାର୍ଟି ଟିକଟରୁ ଲଢ଼ିବାକୁ ଯାଉଥିବା ଜଣେ ପ୍ରାର୍ଥୀଙ୍କ ରୋଚକ ତଥା ପ୍ରେରଣାଦାୟୀ କାହାଣୀକୁ ନେଇ ବିହାରରେ ଚର୍ଚ୍ଚା ଚାଲିଛି। ଏହି ପ୍ରାର୍ଥୀଜଣକ ହେଲେ ୩୮ ବର୍ଷୀୟ ନୀରଜ ସିଂ। ନୀରଜ ଶେଓହର ନିର୍ବାଚନ ମଣ୍ଡଳୀରୁ ସେ ଅବତୀର୍ଣ୍ଣ ହେବେ। ଜଣେ ସିକ୍ୟୁରିଟି ଗାର୍ଡ ଭାବେ ଚାକିରି ଆରମ୍ଭ କରିଥିବା ନୀରଜ ଏବେ ଜଣେ ସଫଳ ବ୍ୟବସାୟୀ ହୋଇପାରିଛନ୍ତି। ଏବେ ସେ ୪୦୦ କୋଟି ଟଙ୍କା ବ୍ୟବସାୟର ମାଲିକ ହୋଇଛନ୍ତି ଓ ଜଣେ ସଫଳ ବ୍ୟବସାୟୀ ଭାବେ ପରିଗଣିତ ହେଉଛନ୍ତି।

ଶେଓହର ଜିଲ୍ଲାର ମଧୁରାପୁର ଗାଁରେ ନୀରଜ ଜନ୍ମ ନେଇଥିଲେ। ଏକ ସାଧାରଣ ପରିବାରରୁ ଆସିଥିବା ନୀରଜ ୧୩ ବର୍ଷରେ ମାଟ୍ରିକ ପାସ୍ କରିଥିଲେ। ପରିବାରର ଆର୍ଥିକସ୍ଥିତ ସୁଧାରିବା ପାଇଁ ସେ ଚାକିରି ଖୋଜିବା ଆରମ୍ଭ କରିଥିଲେ। କିନ୍ତୁ ନାବାଳକ ହୋଇଥିବାରୁ ତାଙ୍କୁ କେହି ଚାକିରି ଦେଇ ନଥିଲେ। ଫଳରେ ସେ ନିଜ ଗାଁରେ ପେଟ୍ରୋଲ- ଡିଜେଲ ବିକ୍ରି ଆରମ୍ଭ କରିଥିଲେ। ଏହାର ୩ ବର୍ଷ ପରେ ସେ ରୋଜଗାର ପାଇଁ ଦିଲ୍ଲୀ ପହଞ୍ଚି ସେଠାରେ ସିକ୍ୟୁରିଟି ଗାର୍ଡ ଭାବେ ଚାକିରି କରିଥିଲେ। ଏହା ପରବର୍ତ୍ତୀରେ ସେ ପୁଣେ ଯାଇଥିଲେ ଓ ସେଠାରେ ଏକ ଅଫିସ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ନିଜର ପରିଶ୍ରମ ଓ ଅଧ୍ୟବସାୟ ବଳରେ ସେ ଜଣେ ଏଚ୍‌ଆର ପ୍ରଫେସନାଲ ଭାବେ ନିଜର ପରିଚୟ ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲେ। ୨୦୧୦ରେ ନୀରଜ ନିଜର ଶସ୍ୟ ବ୍ୟବସାୟ ଆରମ୍ଭ କରିଥିଲେ। କଠିନ ପରିଶ୍ରମ କରିବା ସହ ସେ ଏହି ବ୍ୟବସାୟକୁ ଆଗକୁ ବଢ଼ାଇଥିଲେ। ଏହା ପରେ ସେ ପଛକୁ ଚାହିଁ ନଥିଲେ। 'ଉଷା ଇଣ୍ଡଷ୍ଟ୍ରୀ' ନାମରେ ଏକ କମ୍ପାନୀ ସ୍ଥାପନ କରିଥିଲେ। ଏହି କମ୍ପାନୀରେ ସେ ଇଟା, ବିଲ୍ଡିଂ ବ୍ଲକ, ଟାଇଲ ଓ ଅନ୍ୟ ସେରାମିକ ଜିନିଷ ଉତ୍ପାଦନ କରୁଥିଲେ। ଧୀରେ ଧୀରେ ସେ ସଡ଼କ ନିର୍ମାଣ ଓ ପେଟ୍ରୋଲ ପମ୍ପ ବ୍ୟବସାୟରେ ପାଦ ଦେଇଥିଲେ। ମୋତିହାରୀସ୍ଥିତ ତାଙ୍କ କମ୍ପାନୀ ବର୍ଷକୁ ୪୦୦ କୋଟି ଟଙ୍କାର ଟର୍ଣ୍ଣ ଓଭର କରୁଛି ଓ ଏଥିରେ ୨, ୦୦୦ରୁ ଅଧିକ ଲୋକ କାର୍ଯ୍ୟ କରୁଛନ୍ତି। ଏକଦା ସାଇକେଲ ଚଢ଼ିବାକୁ ପଇସା ପାଉ ନଥିବା ନୀରଜ ଏବେ ରେଞ୍ଜ ରୋଭର କାର ଚଢୁଛନ୍ତି ଓ ତାଙ୍କ ଅଧା ଡଜନ କାର ରହିଛି। ସେ ଏବେ ନିଜର ପିତାମାତା, ପତ୍ନୀ ଓ ଦୁଇ ପୁଅଙ୍କ ସହ ଏକାଠି ରହୁଛନ୍ତି ଓ ତାଙ୍କ ପାଖରେ ଆଇନ୍‌ର ଡିଗ୍ରୀ ରହିଛି। କେବଳ ବ୍ୟବସାୟ ନୁହଁ ସେ ସମାଜ ମଙ୍ଗଳ କାର୍ଯ୍ୟରେ ମଧ୍ୟ ନିଜକୁ ନିୟୋଜିତ କରିଛନ୍ତି। ସେ ଗରିବ ପରିବାରର ଝିଅମାନଙ୍କ ବିବାହ, ମାଗଣା ସ୍ୱାସ୍ଥ୍ୟ ଶିବିର, ବରିଷ୍ଠ ନାଗରିକଙ୍କ ପାଇଁ ତୀର୍ଥ ଯାତ୍ରାର ବ୍ୟବସ୍ଥା କରାଇବାରେ ନିଜକୁ ନିୟୋଜିତ କରିଛନ୍ତି। ତାଙ୍କ ଉପରେ ଲୋକଙ୍କ ଆଶୀର୍ବାଦ ରହିଛି ସେ ସେ ଆଗାମୀ ନିର୍ବାଚନରେ ବିଜୟୀ ହେବେ ବୋଲି ଆଶା କରାଯାଉଛି।







ଭୁବନେଶ୍ୱର 'ଏସ୍‌ଓଏସ୍ ଭିଲେଜ'ରେ ଗୁରୁବାର ଶିଶୁମାନଙ୍କ ସହ ନିଜର ୭୯ତମ ଜନ୍ମଦିନ ପାଳନ କରୁଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ

## ପୋଖରୀରେ ବୁଡ଼ି ଦୁଇ ସାଙ୍ଗ ମୃତ

ରାଇରଙ୍ଗପୁର/ବିଜାତଳା,୧୬।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଚାଡ଼ରିପାହାଡ଼ୀ ଗ୍ରାମରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ି ଦୁଇ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ଦାଶରଥି ହାଁସଦାଙ୍କ ୯ବର୍ଷର ପୁଅ ସାକିଲା ସିଂ ହାଁସଦା ଓ ମୁନିରାମ ମୁର୍ମୁଙ୍କ ୮ବର୍ଷର ପୁଅ ସୁବୋଧ ମୁର୍ମୁ। ଆଜି ସକାଳ ପ୍ରାୟ ୯ଟାରେ ଦୁହେଁ ସାଙ୍ଗ ହୋଇ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ଅସାବଧାନତାବଶତଃ ଦୁହେଁ ଗଭୀର ଜଳରାଶିକୁ ଚାଲିଯିବାରୁ ବୁଡ଼ି ଯାଇଥିଲେ। ଅପରପକ୍ଷେ, ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକେ ପୋଖରୀ ନିକଟରକୁ ଯାଇ ଖୋଜାଖୋଜି କରିଥିଲେ। ସେଠାରେ ଜଣଙ୍କ ଶବ ଭାସୁଥିବା ଦେଖି ପରିବାରଲୋକ ଉଦ୍ଧାର କରିଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଅନ୍ୟଜଣଙ୍କୁ ନିଶ୍ଚଳ ଅବସ୍ଥାରେ ଉଦ୍ଧାର କରିଥିଲା। ରାଇରଙ୍ଗପୁର ମେଡିକାଲରେ ଦୁହିଁଙ୍କୁ ମୃତ ଘୋଷଣା କରାଯାଇଥିଲା। ରାଇରଙ୍ଗପୁର ଗ୍ରାମାଞ୍ଚଳ ପୁଲିସ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ପ୍ରଚାରିତ ହେବା ପରେ ଗ୍ରାମରେ ଗଭୀର ଶୋକ ପ୍ରକାଶ ପାଇଛି।

## ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ବାରିପଦା, ୧୬।୧୦(ସମିସ): ମୟୂରଭଞ୍ଜ ଆଡ୍‌ହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ ପୋକ୍‌ସୋ କୋର୍ଟ ଆଜି ଏକ ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଆସାମୀଜଣଙ୍କ ମୟୂରଭଞ୍ଜ ଜିଲ୍ଲା ବହଳଦା ଥାନା ଅଞ୍ଚଳର ଜଣେ ୫୦ବର୍ଷର ବ୍ୟକ୍ତି। ସାକ୍ଷୀଙ୍କ ବୟାନ, ଡାକ୍ତରୀ ରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ବିଚାରପତି ସନ୍ତୋଷ କୁମାର ନାୟକ ଉପରୋକ୍ତ ରାୟ ଶୁଣାଇଛନ୍ତି।

୨୦୨୧ ମସିହାରେ ନାବାଳିକାଜଣଙ୍କ ନିଜ ପିଉସାଙ୍କ ଘରେ ରହି ପାଠ ପଢୁଥିଲେ। ଏହାର ଫାଇଦା ନେଇ ପିଉସା ତାକୁ ବାରମ୍ବାର ଦୁଷ୍କର୍ମ କରିଥିଲେ। ଏ ସଂପର୍କରେ କାହାରିକୁ ନ ଜଣାଇବାକୁ ଧମକ ଦେଇଥିଲେ। ତେବେ ନାବାଳିକାଜଣଙ୍କ ୨ ବର୍ଷ ପରେ ମାଟ୍ରିକ୍ ପାସ୍ କରିବା ପରେ ଘଟଣା ବାବଦରେ ନିଜ ପରିବାରଲୋକଙ୍କୁ ଜଣାଇଥିଲା। ଏନେଇ ପରିବାରଲୋକେ ୨୦୨୩ ମାର୍ଚ୍ଚ ୯ତାରିଖରେ ବହଳଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ।

## କୃଷି ବିଦ୍ୟାନିଧି ଛାତ୍ରବୃତ୍ତି ପାଇଁ ଆବେଦନ ଆରମ୍ଭ

ଭୁବନେଶ୍ୱର, ୧୫।୧୦(ସମିସ): ଚଳିତ ଶିକ୍ଷାବର୍ଷ ପାଇଁ 'କୃଷି ବିଦ୍ୟାନିଧି ଯୋଜନା'ରେ ଛାତ୍ରବୃତ୍ତି ପାଇଁ ଆବେଦନ ଆରମ୍ଭ ହୋଇଛି। ସିଏମ୍-କିଷାନ୍ ସହାୟତା ରାଶି ପାଉଥିବା କୃଷକ ପରିବାରର ପିଲାମାନେ ନଭେମ୍ବର ୩୦ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଡିସେମ୍ବର ୧୫ ତାରିଖ ମଧ୍ୟରେ ଆବେଦନଗୁଡ଼ିକୁ ଶିକ୍ଷାନୁଷ୍ଠାନର ମୁଖ୍ୟ ବା ଅଧ୍ୟକ୍ଷ ଯାଞ୍ଚ କରିବେ। ସେହିପରି ଜାନୁଆରୀ ୧୫ ତାରିଖ ମଧ୍ୟରେ ଆବେଦନଗୁଡ଼ିକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ (ସିଡିଏଓ) ଯାଞ୍ଚ କରିବେ। ଏହାପରେ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶି ପ୍ରଦାନ କରାଯିବ ବୋଲି କୃଷି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ 'କାଳିଆ' ଛାତ୍ରବୃତ୍ତିର ନାମ ପରିବର୍ତ୍ତନ କରାଯାଇ କୃଷି ବିଦ୍ୟାନିଧି ଯୋଜନା କରାଯାଇଛି। କୃଷକ ପରିବାରର ପିଲାଙ୍କୁ ବୈଷୟିକ ଶିକ୍ଷା ପାଇଁ ଏହି ଛାତ୍ରବୃତ୍ତି ପ୍ରଦାନ କରାଯିବ।

## ପ୍ରଚଣ୍ଡ ଶବ୍ଦରେ ଥରିଲା ବାଲେଶ୍ୱର

ବାଲେଶ୍ୱର,୧୬।୧୦(ସମିସ): ଗୁରୁବାର ଅପରାହ୍ଣ ପ୍ରାୟ ସାଢ଼େ ୩ଟାରେ ଏକ ପ୍ରଚଣ୍ଡ ଶବ୍ଦରେ ବାଲେଶ୍ୱର ସହର ଥରି ଉଠିଥିଲା। ଏହା ଏତେ ଭୟଙ୍କର ଓ ଭୀଷଣ ଥିଲା ଯେ ଲୋକେ ଭୟରେ ଘର ବାହାରକୁ ଚାଲି ଆସିଥିଲେ।। ହେଲେ କେଉଁ କାରଣରୁ ଓ କେଉଁଠାରୁ ଏହି ଶବ୍ଦ ଆସିଲା, ତାହାର ସଠିକ୍ କାରଣ ଜଣାପଡ଼ି ନଥିବା ବେଳେ ଜେଟ୍‌ର ଶବ୍ଦ କିମ୍ବା ଚାନ୍ଦିପୁରରେ କିଛି ପରୀକ୍ଷଣ ସମୟର ଶବ୍ଦ ବୋଲି ଚର୍ଚ୍ଚା ହେଉଛି। ସେହିପରି, ଭଦ୍ରକ ଏବଂ ମୟୂରଭଞ୍ଜରେ ମଧ୍ୟ ଏପରି ପ୍ରଚଣ୍ଡ ଶବ୍ଦ ଶୁଣିବାକୁ ମିଳିଥିଲା।

## ବିଜେପିର ୪୦ ଜଣିଆ ତାରକା ପ୍ରଚାରକ

### ୨ ମୁଖ୍ୟମନ୍ତ୍ରୀ, ୩ କେନ୍ଦ୍ରମନ୍ତ୍ରୀ କରିବେ ପ୍ରଚାର

ଭୁବନେଶ୍ୱର, ୧୬।୧୦ (ସମିସ): ନୂଆପଡ଼ା ଉପନିର୍ବାଚନ ପ୍ରରିପେକ୍ଷୀରେ ବିଜେଡି ପକ୍ଷରୁ ୪୦ଜଣିଆ ତାରକା ପ୍ରଚାରକ ତାଲିକା ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହି ତାରକା ପ୍ରଚାରକମାନେ ପ୍ରଚାରର ମଙ୍ଗ ଧରି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିବା ସହ ଭୋଟର୍‌ଙ୍କୁ ଆକୃଷ୍ଟ କରିବେ ବୋଲି ରାଜ୍ୟ ବିଜେପି ମୁଖପାତ୍ର ସତ୍ୟବ୍ରତ ପଣ୍ଡା କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ଜୁଏଲ ଓରାମ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ରାଷ୍ଟ୍ରୀୟ ଉପସଭାପତି ତଥା ସାଂସଦ ବୈଜୟନ୍ତ ପଣ୍ଡା, ରାଜ୍ୟ ପ୍ରଭାରୀ ବିଜୟ ପାଲସିଂ ତୋମାର, ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡୀ ପ୍ରମୁଖ ରହିଛନ୍ତି।

## ଚାକିରି ବେପାର
# 'ମୋଷ୍ଟ ୱାଣ୍ଟେଡ୍' ମୁନ୍ନା ଦଶପଲ୍ଲାରୁ ଗିରଫ

ଭୁବନେଶ୍ୱର,୧୬।୧୦(ସମିସ): ପୁଲିସ ଏସ୍‌ଆଇ କେଳେଙ୍କାରୀ ମାମଲାରେ ଦୁଇ ସହଯୋଗୀ ଶ୍ରୀକାନ୍ତ ମହାରଣା ଓ ସୁକାନ୍ତ ମହାରଣା ସହ ଖସିଯିବାକୁ ଉଦ୍ୟମ କରିଥିବା ଅନ୍ୟତମ ଦଲାଲ 'ମୋଷ୍ଟ ୱାଣ୍ଟେଡ୍' ମୁନ୍ନା ମହାନ୍ତିକୁ ଶେଷରେ ଦଶପଲ୍ଲାରୁ କ୍ରାଇମବ୍ରାଞ୍ଚ ଗିରଫ କରିଛି।

ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା ପଦାକୁ ଆସିବା ପରେ ମୁନା ଫେରାର ହୋଇଯାଇଥିଲା ଏବଂ ଦୁଇ ସହଯୋଗୀ ଶ୍ରୀକାନ୍ତ ଏବଂ ସୁକାନ୍ତଙ୍କ ସହାୟତାରେ ଦଶପଲ୍ଲାରେ ଥିବା ଏକ ଫାର୍ମ ହାଉସ୍‌ରେ ଆତ୍ମଗୋପନ କରିଥିଲା। ଏହି ହାଉସ୍ ଜଙ୍ଗଲ ମଝିରେ ଥିବା ଏଠାକୁ ସାଧାରଣ ଲୋକ ଯାଉ ନ ଥିଲେ। ବିନା ଭୟରେ ମୁନା ଏବଂ ତାର ସହଯୋଗୀମାନେ ସେଠାରେ ରହୁଥିଲେ। କ୍ରାଇମବ୍ରାଞ୍ଚ ଅଭିଯୁକ୍ତଙ୍କ ସମ୍ପର୍କୀୟଙ୍କ ମୋବାଇଲ୍ ଟ୍ରାକ୍ କରିବା ପରେ ଏ ସମ୍ପର୍କରେ ସୂଚନା ପାଇ ଫାର୍ମ ହାଉସରେ ଚଢ଼ଉ ପାଇଁ ବାହାରିଥିଲା। ମାତ୍ର କ୍ରାଇମବ୍ରାଞ୍ଚ ଚଢ଼ଉ ସମ୍ପର୍କରେ ଆଗୁଆ ସୂଚନା ପାଇ ଦୁଇ ସହଯୋଗୀଙ୍କ ସହ ମୁନ୍ନା ସେଠାରୁ ଚମ୍ପଟ ମାରିଥିଲା। ତେବେ ଶେଷରେ କ୍ରାଇମବ୍ରାଞ୍ଚ ମୁନ୍ନାକୁ ଦଶପଲ୍ଲାରୁ ଗିରଫ କରିବାରେ ସକ୍ଷମ ହୋଇଥିଲା।

ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଶଙ୍କର ପୃଷ୍ଟି ଓ ମୁନ୍ନା ମହାନ୍ତିଙ୍କ ସହ ଅନେକ ବ୍ୟକ୍ତିଙ୍କ ସମ୍ପର୍କ ରହିଛି। ମାତ୍ର ଏହା ମଧ୍ୟରୁ ରେଡ୍ଡି ନାମକ ଜଣେ ବ୍ୟକ୍ତି ସବୁଠୁ ବଳଶାଳୀ ବୋଲି କୁହାଯାଉଛି। ଓଡ଼ିଶାରେ ଚାକିରି ବିକ୍ରି ଘଟଣା ପଛରେ ରେଡ୍ଡିକୁ ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଛି। ଅନେକ ପୁଲିସ ଅଧିକାରୀ, ରାଜନୈତିକ ନେତାଙ୍କ ସହ ରେଡ୍ଡିର ସୁସମ୍ପର୍କ ରହିଛି ବୋଲି ମଧ୍ୟ ସୂଚନା ମିଳିଛି। ତେବେ ଏହି ରେଡ୍ଡି କିଏ ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଆରମ୍ଭ କରିଛି। ତେବେ ଏହି ରେଡ୍ଡି ବାସ୍ତବରେ କିଙ୍ଗପିନ୍ ନା ତାକୁ ମୁଖା ଭାବରେ ରଖି ଆଉ କେହି ଏହି ଚାକିରି ବେପାର ଚଳାଉଥିଲା ତାହା ଏଯାଏ ସ୍ପଷ୍ଟ ହୋଇନାହିଁ।

■ ଦଶପଲ୍ଲା ନିକଟରେ ଫାର୍ମ ହାଉସରେ ଲୁଚିଥିଲା
■ ସହଯୋଗ କରୁଥିଲେ ଶ୍ରୀକାନ୍ତ ଏବଂ ସୁକାନ୍ତ
■ ବିଗ୍ ବସ୍ ରେଡ୍ଡି ପର୍ଯ୍ୟନ୍ତ ପାଉନି କ୍ରାଇମବ୍ରାଞ୍ଚ ହାତ

ଅନ୍ୟପକ୍ଷରେ ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା ଦୁର୍ନୀତି ମାମଲାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ। ସେ କହିଛନ୍ତି ଯେ ପୂର୍ବରୁ ପରୀକ୍ଷା ତ୍ରୁଟିଶୂନ୍ୟ ଏବଂ ଦୁର୍ନୀତି ମୁକ୍ତ କରିବା ପାଇଁ ଆମେ ବ୍ୟବସ୍ଥା କରିଥିଲୁ। ଏଥିପାଇଁ ଜିଲ୍ଲା ଏସ୍‌ପି ଓ ପୁଲିସ ଅଧିକାରୀମାନଙ୍କୁ ସତର୍କ କରାଯାଇଥିଲା। ଖୁବ୍‌ଶୀଘ୍ର ଅନ୍ୟ ସମସ୍ତ ଅଭିଯୁକ୍ତ ଧରାପଡ଼ିବେ ବୋଲି ପୁଲିସ ଡିଜି କହିଛନ୍ତି।

ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ ମାମଲାରେ ୧୧୯ ଗିରଫ ଘଟଣାରେ ଜେଏମଏଫସି ଗ୍ରାମାଞ୍ଚଳ କୋର୍ଟରେ ପୂର୍ବରୁ ଜାମିନ ନାମଞ୍ଜୁର ହୋଇଥିଲା। ଏହାକୁ ଚ୍ୟାଲେଞ୍ଜ କରି ଜିଲ୍ଲା ଦୌରା ଜଜ୍ କୋର୍ଟରେ ୧୧୩ ଜଣ ଆବେଦନ କରିଛନ୍ତି। ପରବର୍ତ୍ତୀ ଶୁଣାଣି ଆସନ୍ତା ୨୩ ତାରିଖକୁ ଧାର୍ଯ୍ୟ ହୋଇଥିବା ପିପି ବିଶ୍ୱଜିତ ବରାଳ କହିଛନ୍ତି।

ପୁଲିସ ଏସ୍‌ଆଇ ପରୀକ୍ଷା ଟେଣ୍ଡର ଜରିଆରେ ପିଏସ୍‌ୟୁ ଆଇଟିଆଇ ଲିମିଟେଡ୍ ସଂସ୍ଥାକୁ ଦିଆଯାଇଥିଲା। ଏହି ସଂସ୍ଥା ଭୁବନେଶ୍ୱରର ସିଲିକନ୍ ଟେକ୍ନୋଲାବ୍‌କୁ ଓ ସିଲିକନ୍ ପକ୍ଷରୁ ଏହି କାମ ପଞ୍ଚସଫ୍ଟକୁ ଦିଆଯାଇଥିଲା। ପଞ୍ଚସଫ୍ଟକୁ ପରୀକ୍ଷା ପରିଚାଳନା ଲାଗି ୩୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ପଞ୍ଚସଫ୍ଟ ଟେକ୍ନୋଲୋଜି ଲିମିଟେଡ୍‌ର ନିର୍ଦ୍ଦେଶକ ଭାବେ ଶଙ୍କର ପୃଷ୍ଟି କାର୍ଯ୍ୟ କରୁଥିଲା। ଯେଉଁଠାରେ ଯାବତୀୟ କେଳେଙ୍କାରୀ ହୋଇଥିବା ଜଣାପଡ଼ିଛି। ବଡ଼ କଥା ହେଲା କ୍ରାଇମବ୍ରାଞ୍ଚ ଶଙ୍କର ପୃଷ୍ଟିର ରଘୁନାଥପୁର ଏବଂ ଅନ୍ୟ ଅଫିସରେ ଚଢ଼ଉ କରିଥିଲେ ମଧ୍ୟ ସତ୍ୟନଗରରେ ଥିବା ଶଙ୍କରର ଅଫିସ୍‌କୁ ଚଢ଼ଉ ନ କରିବାକୁ ନେଇ ସନ୍ଦେହ ବଢ଼ିଛି। କଣ ପାଇଁ ସେଠାରେ କ୍ରାଇମବ୍ରାଞ୍ଚ ଚଢ଼ଉ କଲାନାହିଁ ବୋଲି ପ୍ରଶ୍ନ ଉଠିଛି।

## ଭିଜିଲାନ୍ସ କୋର୍ଟକୁ ଗଲା ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା

ବ୍ରହ୍ମପୁର,୧୬।୧୦(ସମିସ): ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା ଏବେ ଭିଜିଲାନ୍ସ କୋର୍ଟକୁ ଯାଇଛି। ଆଜି ବ୍ରହ୍ମପୁର ଜିଲ୍ଲା ଦୌରାଜଜ୍ କୋର୍ଟରୁ ଭିଜିଲାନ୍ସ କୋର୍ଟକୁ ମାମଲା ସ୍ଥାନାନ୍ତର ହୋଇଛି। ଗିରଫ ୧୧୯ ଅଭିଯୁକ୍ତଙ୍କ ମଧ୍ୟରୁ ୧୧୩ଜଣ ଏ ଭିତରେ ଜାମିନ ଆବେଦନ କରିଥିଲେ। ଆଜି ଏହାର ଶୁଣାଣି ଥିଲା। ଜିଲ୍ଲା ଦୌରାଜଜ୍ ଏହାକୁ ଭିଜିଲାନ୍ସ କୋର୍ଟକୁ ସ୍ଥାନାନ୍ତର କରିବା ପରେ ସେଠାରେ ଶୁଣାଣି ହୋଇଥିଲା। ତେବେ କ୍ରାଇମବ୍ରାଞ୍ଚ ମାମଲାର କେସ୍ ଡାଏରି ଓ ଅନ୍ୟ ଦସ୍ତାବିଜ୍ ଦାଖଲ କରିନଥିବାରୁ ଶୁଣାଣି ହୋଇପାରିନଥିଲା। ଆସନ୍ତା ୨୩ତାରିଖକୁ ମାମଲାର ପରବର୍ତ୍ତୀ ତାରିଖ ଧାର୍ଯ୍ୟ କରାଯାଇଛି। ଉକ୍ତ ଦିନ ମାମଲାର ଶୁଣାଣି ହେବ। ତେଣୁ, ୨୩ ତାରିଖ ସୁଦ୍ଧା ମାମଲାର କେସ୍ ଡାଏରି ଓ ଅନ୍ୟ ପ୍ରମାଣପତ୍ର ଦାଖଲ କରିବାକୁ କ୍ରାଇମବ୍ରାଞ୍ଚକୁ କୋର୍ଟଙ୍କ ନିର୍ଦ୍ଦେଶ ହୋଇଛି। ୧୧୪ପରୀକ୍ଷାର୍ଥୀଙ୍କ ସମେତ ୩ଜଣ ଦଲାଲଙ୍କୁ ବ୍ରହ୍ମପୁର ଗୋଲନ୍ଥରା ପୁଲିସ ଗିରଫ କରିଥିବା ବେଳେ କ୍ରାଇମବ୍ରାଞ୍ଚ ପକ୍ଷରୁ ଆଉ ୨ଜଣ ଦଲାଲ ଅରବିନ୍ଦ ଦାସ ଓ ବିଶ୍ୱରଞ୍ଜନ ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଏହି ମାମଲାରେ ଏଯାବତ୍ ୧୧୯ଜଣ ଗିରଫ ହୋଇ ବ୍ରହ୍ମପୁର ଜେଲରେ ବିଚାର ବିଭାଗୀୟ ହାଜତରେ ଅଛନ୍ତି।

■ ୨୩ରେ ୧୩ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି
■ କେସ୍ ଡାଏରି ଦାଖଲ କରିବାକୁ କ୍ରାଇମବ୍ରାଞ୍ଚକୁ କୋର୍ଟଙ୍କ ନିର୍ଦ୍ଦେଶ

## ବିଜେଡିକୁ ଫେରିଲେ ନୂଆପଡ଼ାର ବରିଷ୍ଠ ଆଦିବାସୀ ନେତା

ଭୁବନେଶ୍ୱର,୧୬।୧୦(ସମିସ): ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉପସଭାପତି ପ୍ରତାପ ଜେନା ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ତଥା ନୂଆପଡ଼ା ଜିଲ୍ଲା ପରିଷଦ ସଦସ୍ୟ ଭାନୁପ୍ରତାପ ସିଂହ ମାଝୀଙ୍କର ବହିଷ୍କାର ପ୍ରତ୍ୟାହାର କରିଛନ୍ତି। ବହିଷ୍କାର ପ୍ରତ୍ୟାହାର ପରେ ଶଙ୍ଖ ଭବନଠାରେ ଶ୍ରୀ ମାଝୀଙ୍କୁ ଦଳ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଛି। ଦଳର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା, ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ରାଜ୍ୟସଭା ସାଂସଦ ତଥା ସାଧାରଣ ସମ୍ପାଦକ ନିରଞ୍ଜନ ବିଶି ଶ୍ରୀ ମାଝୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଛନ୍ତି।



ଉଲ୍ଲେଖଯୋଗ୍ୟ, ନୂଆପଡ଼ା ଜିଲ୍ଲା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଘାସିରାମ ମାଝୀଙ୍କ ପୁତୁରା ହେଉଛନ୍ତି ଭାନୁପ୍ରତାପ ସିଂହ ମାଝୀ। ଶ୍ରୀ ମାଝୀ ତିନି ତିନିଥର ଜିଲ୍ଲା ପରିଷଦ ସଭ୍ୟ ନିର୍ବାଚିତ ହୋଇଥିଲା ବେଳେ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ଅଛନ୍ତି। ଏହି ଅବସରରେ ଶ୍ରୀ ମାଝୀ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ଏବଂ ନବୀନ ବାବୁଙ୍କ ନେତୃତ୍ୱରେ ମୁଁ ଦୀର୍ଘ ଦିନ ଧରି ପ୍ରଥମେ ଜନତା ଦଳ ଏବଂ ପରେ ବିଜୁ ଜନତା ଦଳରେ କାର୍ଯ୍ୟ କରିଆସୁଛି। ଦଳରୁ ବହିଷ୍କୃତ ହୋଇଥିଲେ ମଧ୍ୟ କୌଣସି ଅନ୍ୟ ଦଳରେ ଯୋଗ ଦେଇନାହିଁ। ବିଜେଡିର ନୀତି ଆଦର୍ଶରେ ବିଶ୍ୱାସ ରଖି ରାଜନୀତି କରିଆସୁଛି। ଆଜି ବହିଷ୍କାର ଆଦେଶ ପ୍ରତ୍ୟାହୃତ ହେବା ପରେ ମୁଁ ମୋର ନିଜ ଘରୁ ଫେରି ଆନନ୍ଦିତ। ବର୍ତ୍ତମାନ ନୂଆପଡ଼ା ଉପନିର୍ବାଚନରେ ବିଜେଡିର ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କ ବିପୁଳ ବିଜୟ ପାଇଁ ନିଷ୍ଠାର ସହ କାର୍ଯ୍ୟ କରିବୁ। ନବୀନ ବାବୁଙ୍କ କାର୍ଯ୍ୟକାଳ ସମୟରେ ନୂଆପଡ଼ା ଜିଲ୍ଲାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହେବା ସହ ଆଦିବାସୀମାନଙ୍କର ବିକାଶ ପାଇଁ ବହୁ ଉନ୍ନୟନମୂଳକ ପଦକ୍ଷେପ ନିଆଯାଇଛି। ନୂଆପଡ଼ାବାସୀ ବିଜେଡି ସହିତ ଅଛନ୍ତି ଏବଂ ଆଗାମୀ ଉପନିର୍ବାଚନରେ ଦଳର ବିଜୟ ସୁନିଶ୍ଚିତ ବୋଲି ଶ୍ରୀ ମାଝୀ ଦମ୍ଭୋକ୍ତି ପ୍ରକାଶ କରିଛନ୍ତି।

■ ଭାନୁ ପ୍ରତାପ ସିଂହ ମାଝୀଙ୍କ ପ୍ରତ୍ୟାବର୍ତ୍ତନ, ବିଜେଡିର ଶକ୍ତି ବୃଦ୍ଧି
■ ନୂଆପଡ଼ାରେ ବିଜେଡିର ବିଜୟ ସୁନିଶ୍ଚିତ: ଭାନୁପ୍ରତାପ

## ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟ ଅନ୍ତଃସାର ଶୂନ୍ୟ: ବିଜେଡି

ଭୁବନେଶ୍ୱର୧୬।୧୦(ସମିସ): ଗୁରବାର ନୂଆପଡାରେ ଏକ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ନୂଆପଡା ଡବଲ ଇଞ୍ଜିନର ବିକାଶ ଦେଖିବ ବୋଲି ଦେଇଥିବା ମନ୍ତବ୍ୟକୁ କଡ଼ା ସମାଲୋଚନା କରିଛି ବିଜେଡି। ମୁଖ୍ୟମନ୍ତ୍ରୀଙ୍କ ହତାଶ ଭାବ ତାଙ୍କ ଭାଷଣରେ ପରିଲକ୍ଷିତ ହୋଇଛି; ଚିରାଚରିତ ଢଙ୍ଗରେ ସେ କେବଳ ଗୁଡିଏ ଗପ ଶୁଣାଇଛନ୍ତି, ଯାହାକୁ କେବେ ବି ନୂଆପଡାବାସୀ ଗ୍ରହଣ କରିବେ ନାହିଁ ବୋଲି କହିଛି ବିଜେଡି।

ବିଜେଡି ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେପି ପ୍ରାର୍ଥୀ ଆଜି ମନୋନୟନ ପତ୍ର ଦାଖଲ କରିବେ ବୋଲି କୁହାଯାଇଥିଲା ; କିନ୍ତୁ ତାହା ହୋଇ ପାରିଲା ନାହିଁ। ବିଜେପିରେ ପ୍ରାର୍ଥୀଙ୍କୁ ନେଇ ସୃଷ୍ଟି ହୋଇଥିବା ଅନ୍ତଦ୍ୱନ୍ଦ୍ୱ ଏବେବି ସମାଧାନ ହୋଇ ପାରିନାହିଁ । ସମ୍ଭବତଃ ସେହି କାରଣରୁ ମୁଖ୍ୟମନ୍ତ୍ରୀଙ୍କ ହତାଶଭାବ ସୃଷ୍ଟି ହୋଇଛି । ମୁଖ୍ୟମନ୍ତ୍ରୀ ଆଜି ଦେଇଥିବା ବକ୍ତବ୍ୟ ଅନ୍ତଃସାର ଶୂନ୍ୟ ଥିଲା। କେବଳ ବିଜେପିର ବିଜୟ ନିଶ୍ଚିତ ବୋଲି ଦାବି କରିବା ଛଡା ତାଙ୍କ ବକ୍ତବ୍ୟରେ ଆଉ କିଛି ନଥିଲା। ପ୍ରବାଦ ପୁରୁଷ ବିଜୁ ବାବୁ ମୁଖ୍ୟମନ୍ତ୍ରୀ ଥିବା ସମୟରେ ନୂଆପଡା ଜିଲ୍ଲା ଜନ୍ମ ନେଇଥିଲା। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ନୂଆପଡାର ବିକାଶ ତ୍ୱରାନ୍ୱିତ ହୋଇଥିଲା। ପୂର୍ବରୁ ନୂଆପଡା ଜିଲ୍ଲା ଏକ ମରୁଡି ପ୍ରପୀଡ଼ିତ ଜିଲ୍ଲା ଭାବେ ପରିଚିତ ଥିଲା ବେଳେ ନବୀନ ପଟ୍ଟନାୟକଙ୍କ ସମୟରେ ଅପର-ଜଙ୍କ ଏବଂ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ନୂଆପଡା ସବୁଜିମାର ରୂପ ନେଇଥିଲା। ସେହିପରି ଗମନାଗମନ କ୍ଷେତ୍ରରେ, ବିଜୁ ଏକ୍ସପ୍ରେସ ୱେ ନିର୍ମାଣ ହେବା ପରେ ଐତିହାସିକ ପ୍ରଗତି ହାସଲ ହୋଇଛି। ଜିଲ୍ଲାର ସମସ୍ତ ସ୍କୁଲ ଓ ହସ୍ପିଟାଲର ରୂପାନ୍ତିକରଣ ହୋଇ ଶିକ୍ଷା ସ୍ୱାସ୍ଥ୍ୟ କ୍ଷେତ୍ରରେ ବିକାଶ ହୋଇଛି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ନୂଆପଡାରେ 'ଝିଅ ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ହାତକୁ ନେଇ ମହିଳା ସଶକ୍ତିକରଣକୁ ସେ ଅଞ୍ଚଳରେ ଦୃଢ କରିଥିଲେ। ଏହା ଦ୍ୱାରା ସେଠାରେ ମହିଳା ଓ ପୁରୁଷଙ୍କ ମଧ୍ୟରେ ଥିବା ଅନୁପାତ ୧୦୨୦କୁ ବୃଦ୍ଧି ପାଇଥିଲା । ନୂଆପଡାବାସୀ ବିଜୁ ଜନତା ଦଳ ସହିତ ଅଛନ୍ତି । ଉପନିର୍ବାଚନରେ ନୂଆପଡାବାସୀ ବିଜେଡି ସପକ୍ଷରେ ମତଦାନ କରିବେ ବୋଲି ଡ. ମହାନ୍ତି ଦୃଢୋକ୍ତି କରିଛନ୍ତି।

■ ଗତ ୧୬ ମାସରେ ଡବଲ ଇଞ୍ଜିନ ସରକାର ଫେଲ ମାରିଛି
■ ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟରେ ହତାଶଭାବ ସ୍ପଷ୍ଟ ପରିଲକ୍ଷିତ ହୋଇଛି
■ ହୋଇ ପାରିଲାନି ବିଜେପି ପ୍ରାର୍ଥୀଙ୍କ ମନୋନୟନ ପତ୍ର ଦାଖଲ

## ସରକାରୀ ଜମିକୁ ନେଇ ଦୁଇ ଗ୍ରାମବାସୀ ମୁହାଁମୁହିଁ
# ହନୁମାନ ବାଟିକା ରଣକ୍ଷେତ୍ର

**ସାନଖେମୁଣ୍ଡି, ୧୬।୧୦ (ସମିସ):** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ତହସିଲ, ପାଟପୁର ଥାନା ଅନ୍ତର୍ଗତ ଡେଙ୍ଗାଓସ୍ତା ଛକ ନିକଟରେ ଥିବା ଏକ ସରକାରୀ ଜମିକୁ ନେଇ ଗୁରୁବାର ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଛି। ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟ ଘେରାଉଠାରୁ ଆରମ୍ଭ କରି ଟାୟାର ଜାଳି ରାଜପଥ ଅବରୋଧ, ଢେଲାପଥର ମାଡ଼ ଭଳି ହିଂସା ଘଟିଛି। ଏପରିକି, ଗୋଟିଏପକ୍ଷର ଢେଲା, ପଥର ମାଡ଼ରେ ଉକ୍ତ ଜାଗାରେ ନିର୍ମାଣ ହୋଇଥିବା ହନୁମାନ ବାଟିକାର ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ୫ଜଣ ଆହତ ହୋଇଛନ୍ତି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଉକ୍ତ ସ୍ଥାନରେ ବିଏନ୍‌ଏସ୍‌ଏସ୍ ଧାରା ୧୬୩ ଲାଗୁ କରାଯିବା ସହ ୪ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଖବର ଲେଖା ହେବା ସୁଦ୍ଧା, ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ପୁଲିସ ଉକ୍ତ ଅଞ୍ଚଳରେ ତୀକ୍ଷ୍ଣ ନଜର ରଖିଛି।

ସୂଚନାନୁଯାୟୀ, ଦୀର୍ଘ ବର୍ଷ ହେଲା ଡେଙ୍ଗାଓସ୍ତା ଛକ ନିକଟରେ ଏକ ପରିତ୍ୟକ୍ତ ପୋଖରୀକୁ ସାନଖେମୁଣ୍ଡି ପ୍ରଶାସନ ପକ୍ଷରୁ ପୋତି ଦିଆଯାଇଥିଲା। ଉକ୍ତ ପୋଖରୀଟି ରତ୍ନମଣିପୁର ଗ୍ରାମରେ ଥିବାରୁ ଗ୍ରାମବାସୀ ଉକ୍ତ ସ୍ଥାନରେ ଏକ ହନୁମାନ ବାଟିକା ନିର୍ମାଣ କରିବା ପାଇଁ ଯୋଜନା କରିଥିଲେ। ଉକ୍ତ ହନୁମାନ ବାଟିକା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରଠାରୁ ଉଭୟ ରତ୍ନମଣିପୁର ଓ ସିଙ୍ଗିପୁର ଗ୍ରାମ ମଧ୍ୟରେ ତିକ୍ତତା ଆରମ୍ଭ ହୋଇଥିଲା। ଏପରିକି, କଥା ତହସିଲ, ଥାନା ଓ ଜିଲ୍ଲା ପ୍ରଶାସନ ପାଖକୁ ବାରମ୍ବାର ଯାଇଥିଲେ ହେଁ ସମାଧାନର ରାସ୍ତା ବାହାରି ପାରିନଥିଲା। ଫଳରେ ଉଭୟ ଗ୍ରାମବାସୀ ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟକୁ ବାରମ୍ବାର ଘେରାଉ ମଧ୍ୟ କରିଥିଲେ। ପରେ ସାନଖେମୁଣ୍ଡି ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ଗଠନ ହେଇଥିଲା। ଉଭୟ ଗ୍ରାମବାସୀଙ୍କ ଉପସ୍ଥିତିରେ ନିଷ୍ପତ୍ତି ନିଆଯାଇଥିଲା ଯେ ଯେଉଁ ସ୍ଥାନରେ ହନୁମାନ ବିଗ୍ରହ ନିର୍ମାଣ ହୋଇଛି, ସେହି ସ୍ଥାନକୁ ଛାଡ଼ି ଅନ୍ୟ ସ୍ଥାନରେ ମାର୍କେଟ୍ କମ୍ପ୍ଲେକ୍ସ, ଗୋଷ୍ଠୀ ଶୌଚାଳୟ, ସାଇକେଲ ଷ୍ଟାଣ୍ଡ ନିର୍ମାଣ କରାଯିବ। ଏହାପରେ ରତ୍ନମଣିପୁର ଗ୍ରାମବାସୀ ଆସନ୍ତା ୩ତାରିଖରେ ହନୁମାନ ବିଗ୍ରହ ପ୍ରତିଷ୍ଠା ପାଇଁ ଉକ୍ତ ସ୍ଥାନରେ ସାଲା ମଣ୍ଡପ ନିର୍ମାଣ କରିଥିଲେ। କିନ୍ତୁ, ଏହାକୁ ସିଙ୍ଗିପୁର ଗ୍ରାମବାସୀ ବିରୋଧ କରିଥିଲେ। ସାନଖେମୁଣ୍ଡି ପ୍ରଶାସନ କୌଣସି ସମାଧାନ କରିନଥିଲା।



■ ଟେଳାପଥର ମାଡ଼ରେ ୫ ଆହତ
■ ଧାରା ୧୬୩ ଜାରି, ୪ ପ୍ଲାଟୁନ୍ ଫୋର୍ସ ମୁତୟନ

ଗୁରୁବାର ସାନଖେମୁଣ୍ଡି ତହସିଲ କାର୍ଯ୍ୟାଳୟକୁ ସିଙ୍ଗିପୁର ଗ୍ରାମବାସୀ ଘେରାଉ କରିଥିଲେ। ଉକ୍ତ ସ୍ଥାନରେ ନିର୍ମାଣ ହୋଇଥିବା ହନୁମାନ ବାଟିକା ଭାଙ୍ଗିବା ସହ ସେହି ସ୍ଥାନରେ ପରିବା ମାର୍କେଟ୍, ସାଇକେଲ ଷ୍ଟାଣ୍ଡ, ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯିବା ନେଇ ଦାବି କରିଥିଲେ। ସାନଖେମୁଣ୍ଡି ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ ଉପ-ଜିଲ୍ଲାପାଳଙ୍କ ଆଦେଶ ମିଳିବା ପରେ ପାଚେରି ଭାଙ୍ଗିବା ନେଇ କହିଥିଲେ ମଧ୍ୟ ଲୋକମାନେ ରାଜି ହୋଇନଥିଲେ। ଫଳରେ ସାନଖେମୁଣ୍ଡି ତହସିଲଦାର ଉକ୍ତ ପାଚେରି ଭାଙ୍ଗିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ପାଟପୁର ଥାନା ଅଧିକାରୀ ଦୀପ୍ତିରଞ୍ଜନ ବେହେରା, ଶୁଭଲକ୍ଷ୍ମୀ କହଁର ଓ ପୁଲିସ ଟିମ୍ ପହଞ୍ଚି ପାଚେରି ଭାଙ୍ଗିବା ଲାଗି ଉଦ୍ୟମ କରିବାରୁ ରତ୍ନମଣିପୁର ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏପରିକି, ଟାୟାର ଜାଳି ରାଜପଥ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ହଜାରହଜାର ଗାଡ଼ି ଅଟକି ରହିଥିଲା। କିଛି ସମୟ ପରେ ଉଭୟ ଗ୍ରାମବାସୀ ଇଟା, ପଥର ଫିଙ୍ଗିବା ସହ ଆକ୍ରମଣ କରିଥିଲେ। ସିଙ୍ଗିପୁର ଗ୍ରାମବାସୀ ଏହି ହନୁମାନ ବାଟିକାର ପାଚେରି, ଲାଇଟ୍, ଗଛ ଓ ସିସିଟିଭିକୁ ଭାଙ୍ଗି ଦେଇଥିଲେ। ଆକ୍ରମଣରେ ସିଙ୍ଗିପୁର ଗ୍ରାମର ୪ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ।

ଆସିକା ଏସ୍‌ଡିପିଓ ସନ୍ତୋଷ କୁମାର ଜେନା, ଶେରଗଡ଼ ଥାନାଅଧିକାରୀ, ଧରକୋଟ ଥାନାଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୀମା ସ୍ୱାଇଁ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ବ୍ରହ୍ମପୁର ଉପ-ଜିଲ୍ଲାପାଳ ଉକ୍ତ ସ୍ଥାନକୁ ୧୬୩ ବିଏନ୍‌ଏସଏସ (ଧାରା ୧୪୪) ଲାଗୁ କରିଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ୪ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି। ପ୍ରଶାସନ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି।

# ଯାତ୍ରୀବାହୀ ବସ୍‌ରେ ବନ୍ଧୁକ ଚାଲାଣ

## ସନ୍ଦେହରେ ଡ୍ରାଇଭର ଓ କଣ୍ଡକ୍ଟର ଥାନାରେ ଅଟକ

ବାଲିଆପାଳ, ୧୬।୧୦ (ସମିସ)




ମା' ଅନ୍ନପୂର୍ଣ୍ଣା ନାମକ ଯାତ୍ରୀବାହୀ ବସ୍ ସାର୍ଥାରୁ ବାଲିଆପାଳ ଦେଇ ଦୀଘା ବର୍ଡର ଅଭିମୁଖେ ଯାଉଥିଲା ବେଳେ ସେଥିରେ ବନ୍ଧୁକ ଚୋରାଚାଲାଣ ହେଉଥିବା କୌଣସି ମତେ ବାଲିଆପାଳ ଓ ସିଂଲା ପୁଲିସ ଖବର ପାଇ ଗାଡିଟିକୁ ବାଲିଆପାଳ ବ୍ଲକଛକ ନିକଟରେ ଅଟକାଇଥିଲେ। ଶେଷରେ ଗାଡିଟିକୁ ଥାନାକୁ ନେଇ ଆସିଥିଲେ। ବସ୍‌ର ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ଅଟକ ରଖି ପୁଲିସ ପଚରାଉଚରା କରୁଛି। ଉକ୍ତ ଯାତ୍ରୀବାହୀ ବସ୍ ଆଜି ସକାଳ ସମୟରେ ସିଂଲା ଥାନା ସାର୍ଥ ଗ୍ରାମରୁ ଦୀଘା ବର୍ଡର ଅଭିମୁଖେ ଯାତ୍ରା କରୁଥିଲାବେଳେ ସେଥିରେ ବନ୍ଧୁକ ଚାଲାଣ ହେଉଥିବା ନେଇ ସିଂଲା ପୁଲିସ କୌଣସି ସୂତ୍ରରେ ଖବର ପାଇ ବସ୍‌କୁ ପିଛା କରିଥିଲା। ପ୍ରଥମେ ଲଙ୍ଗଳେଶ୍ୱର ପରେ ବାଲିଆପାଳ ବ୍ଲକଛକ ଠାରେ ବାଲିଆପାଳ ଓ ସିଂଲା ପୁଲିସ ମିଳିତ ଭାବରେ ବସ୍‌କୁ ଅଟକାଇ ଛାନଭିନ କରିବା ସହିତ ଡ୍ରାଇଭର ଓ କଣ୍ଡକ୍ଟରକୁ ଥାନାରେ ଅଟକାଇ ଅଧିକ ତଦନ୍ତ ଜାରୀ ରଖିଛି। ବସଟି ବାଲିଆପାଳ ଥାନାରେ ଅଟକ ରହିଥିଲା ବେଳେ ବସ୍‌ରୁ ସମସ୍ତ ଯାତ୍ରୀକୁ ଓହ୍ଲାଇ ଦିଆ ଯାଇଥିବା ଦେଖିବାକୁ ମିଳିଛି। ବସ୍ତା ଏସଡିପିଓ ମାନସ ଦେଓ ଓ ବାଲିଆପାଳ ଆଇ ଆଇ ସି ଗୋବିନ୍ଦଚନ୍ଦ୍ର ବେହେରା ଘଟଣାର ତଦନ୍ତ କରୁଥିବାବେଳେ ଶେଷରେ ବସ୍ ମାଲିକ ଠାରୁ ମୋଟା ଆକାରରେ ଅର୍ଥ ନେଇ ସନ୍ଧ୍ୟାରେ ଗାଡିଟିକୁ ଛାଡି ଦିଆଯାଇଥିବା ଚର୍ଚ୍ଚା ହେଉଛି।

## ପଶ୍ଚିମବଙ୍ଗରେ ଓଡ଼ିଆ ଝିଅକୁ ଗଣଦୁର୍ଷ୍କର୍ମ ମାମଲା

# ଏସ୍‌ଏଫ୍‌ଆଇର ଦୃଢ଼ ନିନ୍ଦା ସହ ନ୍ୟାୟିକ ତଦନ୍ତ ଦାବି



ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୬।୧୦(ସମିସ): ପଶ୍ଚିମବଙ୍ଗରେ ଓଡ଼ିଶାର ଜଳେଶ୍ୱର ଝିଅକୁ ଗଣଦୁର୍ଷ୍କର୍ମ ଘଟଣା ନେଇ ଆଜି ଦୀନକୃଷ୍ଣ ଛାତ୍ରସଂଗଠନ ଏସ୍.ଏଫ୍.ଆଇ ତରଫରୁ ନିନ୍ଦା କରାଯିବା ସହିତ ବିଚାର ବିଭାଗୀୟ ତଦନ୍ତ ଦାବି କରାଯାଇଛି। ଛାତ୍ର ସଂଗଠନ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରି ଉଭୟ କେନ୍ଦ୍ର ଓ ରାଜ୍ୟର ଡବଲଇଞ୍ଜିନ ସରକାରଙ୍କୁ ଦାୟୀ କରାଯାଇଛି। ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ସହିତ ପୀଡ଼ିତାଙ୍କୁ ନ୍ୟାୟ ଦେବା ନେଇ ଛାତ୍ର ସଂଗଠନ ସରକାରଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ଏସ୍.ଏଫ୍.ଆଇର ବାଲେଶ୍ୱର ଜିଲ୍ଲା କମିଟିର ସଭାପତି ସୌରଭ ସାର୍ଥକ ସାହୁ, ଦୀନକୃଷ୍ଣ କଲେଜ ଶାଖାର ସଭାପତି ଅଚ୍ୟୁତାନନ୍ଦ ଜେନାଙ୍କ ସମେତ ସତ୍ୟଜିତ ପରିଡ଼ା, ସୁବ୍ରତ ପାତ୍ର, ସାଗର ଜେନା, ଗୌରୀଶଙ୍କର ଦାସ, କମଲ ଲୋଚନ ମୁଖୀ, ସୁଶାନ୍ତ ସାହୁ, ଖୁସି ଦାସ, ରଶ୍ମିତା ମହାନ୍ତି ଆଦିପ୍ରମୁଖ ଛାତ୍ରଛାତ୍ରୀ ଏସ୍.ଏଫ୍.ଆଇ. ବ୍ୟାନର ଧରି ପ୍ରତିବାଦ ଓ ଦାବି ନେଇ ସ୍ଲୋଗାନ ଦେବା ସହ ସ୍ଥାନୀୟ ଭାବେ ଶ୍ରମିକନେତା ପଲଟୁଦାସ ଓ ସାଧାରଣ ବ୍ୟକ୍ତିମାନେ ସମର୍ଥନ ଜଣାଇଥିଲେ।

# ନବୀନଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରି ୭୯ଟି ଦୀପଦାନ





ଲଙ୍ଗଳେଶ୍ୱର/ବାଲିଆପାଳ, ୧୬।୧୦(ସମିସ): ନବ ଉତ୍କଳର ବିଶ୍ୱକର୍ମା, ସାଢ଼େ ଚାରିକୋଟି ଓଡ଼ିଆଙ୍କ ହୃଦୟର ସ୍ପନ୍ଦନ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଜନ୍ମଦିବସ ଉପଲକ୍ଷେ ବସ୍ତା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଲଙ୍ଗଳେଶ୍ୱରଠାରେ ପାଳିତ ହୋଇଯାଇଛି। ଗୁରୁବାର ଦିନ ସନ୍ଧ୍ୟାରେ ଲଙ୍ଗଳେଶ୍ୱରସ୍ଥିତ ହରପାର୍ବତୀ ମନ୍ଦିର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରି ହରପାର୍ବତୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ୭୯ଟି ଦୀପଦାନ କରିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ତଥା ବିଭିନ୍ନ କ୍ଷେତ୍ରରେ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଯୋଗୁଁ ଓଡ଼ିଶା ଆଜି ଦେଶ ତଥା ବିଶ୍ୱ ଦରବାରରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଶିକ୍ଷା ଓ ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ମହିଳା ମାନଙ୍କୁ ସଶକ୍ତ କରିବା ପାଇଁ ସେ କରିଥିବା ଗୁରୁତ୍ୱପୂର୍ଣ୍ଣ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକ ଓଡ଼ିଶାର ରୂପାନ୍ତରଣ ଦିଗରେ ଏକ ମୂଳଦୁଆ ସ୍ଥାପନ କରିବା ସହିତ ଆମ ରାଜ୍ୟର ଅଗଣିତ ଜନସାଧାରଣଙ୍କ ଜୀବନରେ ଏକ ସ୍ଥାୟୀ ପରିବର୍ତ୍ତନ ଆଣିପାରିଛି, ତେଣୁ ଜଗତର ନାଥ ଜଗନ୍ନାଥ ମହାପ୍ରଭୁ ଏବଂ ହରପାର୍ବତୀ ତାଙ୍କୁ ଦୀର୍ଘାୟୁ ଓ ସୁସ୍ଥ ରଖନ୍ତୁ ଓ ଏହିପରି ସେ ଓଡ଼ିଶା ବାସୀଙ୍କ ସେବା କରି ଚାଲୁଥାନ୍ତୁ ବୋଲି ବିଧାୟିକା ସୁବାସିନୀ ଜେନା କହିଥିଲେ। କାର୍ଯ୍ୟକ୍ରମରେ ବସ୍ତା ବ୍ଲକ ବିଜେଡ଼ି ସଭାପତି ଅନିଲ ମହାନ୍ତି, ବାଲିଆପାଳ ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବରିଷ୍ଠ ବିଜେଡି ନେତା ଚକ୍ରଧର ଗିରି, ଭଗବାନ ଗିରି, ଲକ୍ଷ୍ମୀଧର ଦାସ, ପ୍ରଦୀପ ବିଶ୍ୱାଳ, ଅଜୟ ସାମଲ, ସୁବ୍ରତ ପଣ୍ଡା, ମହେଶ୍ୱର ଜେନା, ଦେବ କୁମାର ଦେ, ଅଜୟ ପାତ୍ର, ଅଶ୍ୱିନୀ ଜେନା, ଅନ୍ତର୍ଯ୍ୟାମୀ ବେହେରା, ରତ୍ନାକର ବିଶ୍ୱାଳ, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା, ବିଜେଡ଼ି ନେତା ନିତ୍ୟାନନ୍ଦ ଜେନା, ହରେକୃଷ୍ଣ ଜେନା, ଦେବୀ ପ୍ରସାଦ ଭଞ୍ଜ, ଅବଦୁଲ ହମିଦ ଖାନ, ଅରୁଣ ପାଣିଗ୍ରାହୀ, ରଞ୍ଜନ ଧଳ, ଜୟନ୍ତ ଦାସ, କମଳା ମଲ୍ଲିକ, ମୃତ୍ୟୁଞ୍ଜୟ ନାୟକ, ଚନ୍ଦ୍ରମୋହନ ଦାସ, ମନ୍ମଥ ବାରିକ, ମହିଳା ବିଜେଡ଼ି ସଭାପତି କସ୍ତୁରୀବାଳା ପାତ୍ର, ଲିପିକା ରାଉଳ, ଯୁବ ଛାତ୍ର ବିଜେଡି ସଦସ୍ୟ ଅନୁପମ ମହାନ୍ତି, ଦିଲୀପ ଦଳାଇ, ସୁଶାନ୍ତ ବେହେରା, ଶାନ୍ତନୁ ବେରାଙ୍କ ସମେତ ବହୁ ଯୁବ, ଛାତ୍ର, ମହିଳା ଓ ବରିଷ୍ଠ ନେତୃବୃନ୍ଦ ପ୍ରମୁଖ ଯୋଗଦେଇଥିଲେ।

## ଭିନ୍ନକ୍ଷମ ଚିହ୍ନଟ ସର୍ବେକ୍ଷଣ

ଭୋଗରାଇ, ୧୬।୧୦(ସମିସ): ଓଡ଼ିଶା ଅକ୍ଷମ କଲ୍ୟାଣ ସମାଜ ପକ୍ଷରୁ ଭୋଗରାଇ ବ୍ଲକର ଅନଳିଆ, ଗୋଛିଦାତେଘରୀ, ଦେଉଳା, ନାଛିନ୍ଦା ପଞ୍ଚାୟତରେ ମାନସିକ ଅନଗ୍ରସର ବାଳକ ବାଳିକାମାନଙ୍କୁ ଭିନ୍ନକ୍ଷମ ଚିହ୍ନଟ ସର୍ବେକ୍ଷଣ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ଅକ୍ଷମ କଲ୍ୟାଣ ସମାଜ ନନ୍ଦିକା ଜଳେଶ୍ୱରର ବରିଷ୍ଠ ସଦସ୍ୟ କମଳ ଚକ୍ରବର୍ତ୍ତୀ, ସ୍ୱତନ୍ତ୍ର ପ୍ରଶିକ୍ଷକ ପୂଜାରାଣୀ ଦେ, ଆଶିଷ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏକ ଯାଞ୍ଚକାରୀ ଦଳ ଭୋଗରାଇ ବ୍ଲକର ଅନଳିଆ, ଗୋଛିଦାତେଘରୀ, ଦେଉଳା ଓ ନାଛିନ୍ଦା ପଞ୍ଚାୟତର ୧୩ ଜଣ ପିଲାମାନଙ୍କୁ ଚିହ୍ନଟ କରାଯାଇଥିଲା। ଆଗାମୀ ଦିନରେ ଓଡ଼ିଶା ଅକ୍ଷମ କଲ୍ୟାଣ ସମାଜ ଦ୍ୱାରା ପରିଚାଳିତ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ଏବଂ ଦୀନକୃଷ୍ଣ ପୁନଃ ଥଇଥାନ ଓ ଭୌତିକ ଚିକିତ୍ସା କେନ୍ଦ୍ର ଜରିଆରେ ସାମାଜିକ ବିକାଶ ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ଆସନ୍ତା ଦିନ ମାନଙ୍କରେ ଭୋଗରାଇ ବ୍ଲକର ଅନ୍ୟ ସମସ୍ତ ପଞ୍ଚାୟତରେ ଏହିଭଳି ଭିନ୍ନକ୍ଷମ ବାଳକ ବାଳିକା ମାନଙ୍କର ଚିହ୍ନଟ ପ୍ରକ୍ରିୟା ଜାରି ରହିବ ବୋଲି ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଶ୍ରୀ ଚକ୍ରବର୍ତ୍ତୀ ଜଣାଇଛନ୍ତି।

# ଉଚ୍ଚକ୍ଷମତା ସମ୍ପନ୍ନ ଟ୍ରାନ୍ସଫର୍ମର ସ୍ଥାପନ



ଭୋଗରାଇ, ୧୬।୧୦(ସମିସ) : ଭୋଗରାଇ ବ୍ଲକ ବାରବାଟିଆ ପଞ୍ଚାୟତରେ ଥିବା ଆଦିବାସୀ ସାହିରେ ଉଚ୍ଚକ୍ଷମତା ସମ୍ପନ୍ନ ଏକ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି। ବାରବାଟିଆ ଆଦିବାସୀ ସାହିରେ ପ୍ରାୟତଃ ୨୦୦ ଶହରୁ ଅଧିକ ଆଦିବାସୀ ଓ ସାଧାରଣ ଲୋକେ ବସବାସ କରୁଛନ୍ତି। ସେମାନଙ୍କ ପାଖରେ ବିଦ୍ୟୁତ୍ ନ ଥିବାରୁ ପିଲାମାନେ ପାଠ ପଢ଼ିବା ସହିତ ଲୋକମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବାରମ୍ବାର ବିଦ୍ୟୁତ ବିଭାଗର ଉଚ୍ଚପଦସ୍ଥ ପଦାଧିକାରୀଙ୍କୁ ଅଭିଯୋଗ କରିବା ପରେ ଆଜି ସମାଜସେବୀ ଗୋପବନ୍ଧୁ ମହାପାତ୍ର, ଜଳେଶ୍ୱର ସହକାରୀ ଯନ୍ତ୍ରୀ ରଶ୍ମିରଞ୍ଜନ ରାଉତ ଓ ଭୋଗରାଇ ଏସଡିଓ କାନ୍ତି ଭୂଷଣ ଜେନାଙ୍କ ପ୍ରଚେଷ୍ଟାରେ ସେଠାରେ ଏକ ୧୦୦ କେଭି ଟ୍ରାନ୍ସଫର୍ମର ଲଗାଯାଇଛି। ବିଦ୍ୟୁତ ବିଭାଗର ଚନ୍ଦନେଶ୍ୱର ସେକ୍ସନର କନିଷ୍ଠ ଯନ୍ତ୍ରୀ ଦୀପ୍ତିକାନ୍ତ ନାୟକ, ଲାଇନ୍ ମ୍ୟାନ ଚନ୍ଦନ କୁମାର ଦାସଙ୍କୁ ଆଦିବାସୀ ସାହି ପକ୍ଷରୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା


ଜଳେଶ୍ୱର, ୧୬।୧୦(ସମିସ): କ୍ଷୀରୋଦ ପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୋଟସାହିର ପ୍ରଧାନ ଶିକ୍ଷକ ସୁଧୀର କୁମାର କରଙ୍କ ଅବସର କାଳୀନ ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୀତାରାମ ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟଅତିଥି ଭାବେ ଜଳେଶ୍ୱର ସହ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଜ୍ୟୋତ୍ସ୍ନାରାଣୀ ପ୍ରଧାନ, ମୁଖ୍ୟବକ୍ତା ଭାବେ ବାଘମାରୀ ଆଞ୍ଚଳିକ ସାଧନ କେନ୍ଦ୍ରର ପୂର୍ବତନ ସଂଯୋଜକ ସ୍ନେହାଶିଷ ପାତ୍ର, ବରେଣ୍ୟ ଅତିଥି ଭାବେ କୋଟସାହି ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବସନ୍ତ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ସମ୍ପାଦକ ଖଗେନ୍ଦ୍ର ନାଥ ପାଳ, ସେକସରାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ କବିତା ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋରଞ୍ଜନ ବେହେରା ପ୍ରମୁଖ ମଞ୍ଚାସିନ ହୋଇ ଅବସର ଗ୍ରହଣ କରୁଥିବା ପ୍ରଧାନଶିକ୍ଷକ ସୁଧିର କୁମାର କରଙ୍କ ଶିକ୍ଷକତା ଜୀବନରେ ଜଣେ ଶୃଙ୍ଖଳିତ ଓ ସମସ୍ତଙ୍କୁ ଭଲ ପାଉଥିବା ଶିକ୍ଷକ ଭାବେ ପରିଚିତ ବୋଲି ବକ୍ତବ୍ୟରେ କହିଥିଲେ। ଶିକ୍ଷୟିତ୍ରୀ ପ୍ରାଚିପ୍ରଭା ଦାସ ସଙ୍ଗୀତ ମାଧ୍ୟମରେ ଶ୍ରୀ କରଙ୍କୁ ବିଦାୟ ଦେବା ସହିତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଦାୟୀ ବକ୍ତବ୍ୟରେ ଭାବବିହ୍ୱଳ ହୋଇ ମଞ୍ଚରେ କାନ୍ଦି ପକାଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରାଣକୃଷ୍ଣ ଜେନା, ତପନ ସାହୁ, ନିଶିକାନ୍ତ ପାଣିଗ୍ରାହୀ, ବୁଦ୍ଧଦେବ ଜେନା, ଶିକ୍ଷୟିତ୍ରୀ ଛବିରାଣୀ ସେନାପତି, ସ୍ନେହଲତା ଟୁଡୁ, ସନ୍ଧ୍ୟାରାଣୀ ଜେନା, ପ୍ରାଚୀପ୍ରଭା ଦାସ ଓ ଶଶୀକଳା ଜେନା ପ୍ରମୁଖ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ। ଶେଷରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଓ ମଙ୍ଗଳାମାତା କ୍ଲବର ଯୁବକମାନେ ବିଦାୟୀ ପ୍ରଧାନଶିକ୍ଷକଙ୍କୁ ବିଦ୍ୟାଳୟରୁ ବାଜା ରୋଷଣୀରେ ପ୍ରାୟ ୧ କିମି ପର୍ଯ୍ୟନ୍ତ ରାସ୍ତା ଚାଲି ଚାଲି ଯାଇ ସେଠାରୁ କାରରେ ତାଙ୍କ ଜଳେଶ୍ୱରସ୍ଥିତ ବାସଭବନରେ ଛାଡିଥିଲେ।



# ଗ୍ରୋସରୀ ଦୋକାନରେ ଚଢ଼ଉ; ୧୦ ହଜାର ଜରିମାନା



ଜଳେଶ୍ୱର, ୧୬।୧୦(ସମିସ): ବୁଧବାର ସଂଧ୍ୟାରେ ଜଳେଶ୍ୱର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାର ହେମନ୍ତ ସିଂ, ଫୁଡ ଇନ୍ସପେକ୍ଟର ଶଶିକାନ୍ତ ପ୍ରଧାନ, କର୍ମଚାରୀ ସୁବଳ ପ୍ରଧାନ, ପଦ୍ମ ଲୋଚନ ବେହେରା, ଚନ୍ଦନ ଦତ୍ତ ପ୍ରମୁଖ ନହଞ୍ଚରା ୱାର୍ଡ ନଂ ୧୫ରେ ଥିବା ଭଗୀରଥ ଜେନାଙ୍କ ଗ୍ରୋସରୀ ଦୋକାନକୁ ଚଢ଼ଉ କରି କେତେକ ଅବଧି ଶେଷ(ଏକ୍ସପାରୀ) ଜିନିଷ ଜବତ କରିଥିଲେ। ଦୋକାନରେ ଥିବା ବିଭିନ୍ନ କମ୍ପାନୀର ତମାଖୁ ସାମଗ୍ରୀ ସହ ଏକ୍ସପାରୀ ବିସ୍କୁଟ, କେକ୍ ପ୍ରଭୃତି ଜବତ କରାଯାଇଥିବା ବେଳେ ଦୋକାନୀ ଠାରୁ ୧୦ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ସୂଚନାଯୋଗ୍ୟ ସହର ଓ ଗ୍ରାମାଞ୍ଚଳରେ ବ୍ୟାପକ ଅପମିଶ୍ରିତ, ନକଲି, ଏକ୍ସପାରି ଖାଦ୍ୟ ସାମାଗ୍ରୀ ଓ ପାନୀୟ ବିକ୍ରି ହେଉଥିବା ଦେଖାଯାଉଛି।








# ଟେମ୍ପୋ ଓଲଟି ୫ ଇସ୍କନ ଭକ୍ତ ଗୁରୁତର

ଜଳେଶ୍ୱର, ୧୬।୧୦ (ସମିସ): ଜଳେଶ୍ୱର କୃଷ୍ଣ ନଗର ନଗରସ୍ଥିତ ଇସ୍କନ୍ ମନ୍ଦିର କେତେକ ଭକ୍ତ, ହରି କଥାମୃତ ଉତ୍ସବ ଲାଗି ଭୋଗରାଇ ଦୁଡପଲ ଗାଁକୁ ଟୋମ୍ପୋ ଯୋଗେ ଯାଇ ଜଳେଶ୍ୱର ଫେରୁଥିଲେ। ଅପରାହ୍ନରେ ୫୭ ନଂ ରାଜ୍ୟ ରାଜପଥ ନାମ୍ପୋ-ସୁଗୋ ମଧ୍ୟସ୍ଥଳ ସଡକରେ ଭାରସାମ୍ୟ ହରାଇ ଟୋମ୍ପୋଟି ଓଲଟି ପଡ଼ିଥିଲା। ଗୁରୁତର ଆହତମାନଙ୍କୁ ଇସ୍କନ ଶ୍ରଦ୍ଧାଳୁ ମାନେ ଜିକେ ଭଟ୍ଟର ହସ୍ପିଟାଲ ରେ ଭର୍ତ୍ତି କରିଥିଲେ। ବାଲୁ ଗାଁ ଅଞ୍ଚଳର ଦୀପକ ସ୍ୱାଇଁ(୨୨), ପଶ୍ଚିମବାର୍ଡ ଆକନା ଗାଁର ବସନ୍ତ ମାଝି(୪୦), ଅନୁରାଧା ମାଝି(୩୪), ଦୁର୍ଗାମଣୀ ସାହ(୭୦) ଓ ଶୁଭଲକ୍ଷ୍ମୀ ମାଝି (୮) ଗୁରୁତର ଆହତ ହୋଇଛନ୍ତି। ବସନ୍ତ ମାଝୀଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିବା ବେଳେ ଇସ୍କନ୍ ଭକ୍ତ ଚନ୍ଦନ ଦାସ, ସମାଜସେବୀ ହରିଶଙ୍କର ପଣ୍ଡା ଓ ନାରାୟଣ ଦତ୍ତ ପ୍ରମୁଖ ତୁରନ୍ତ ପହଞ୍ଚି ସେବା ତ୍ୱରାନ୍ୱିତ କରିଥିଲେ।










## ଚକ୍ଷୁ ପରୀକ୍ଷା ଶିବିର

ବାଲେଶ୍ୱର, ୧୬।୧୦ (ସମିସ): ଲାୟନ୍ସ କ୍ଲବ ଉମଙ୍ଗ ବାଲେଶ୍ୱର ଆନୁକୂଲ୍ୟରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅଙ୍ଗାରଗଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଲାୟନ୍ସ କ୍ଲବ୍ ଉମଙ୍ଗର ସଭାପତି ଦୀପ୍ତି ଦାସ, ସମ୍ପାଦକ ସୁମିତା ଚାନ୍ଦ, କୋଷାଧ୍ୟକ୍ଷ ଦମୟନ୍ତୀ ପତି ଏବଂ କ୍ଲବର ଆର୍‌ସି ବନ୍ଦନା ରାୟ, ଉର୍ମିଳା ଦାସ, ଆଇଭିପି ଶର୍ମିଷ୍ଠା ଦାଶ, କର୍ମକର୍ତ୍ତା ଅଲିଭା ଦାସ, ପୁଷ୍ପା ଦାଶ, ଯୋଗ ଦେଇଥିଲେ। ପ୍ରାୟ ୧୫୦ ଜଣ ଚକ୍ଷୁ ପରୀକ୍ଷା କରିଥିଲେ।



# କଲାମଙ୍କ ଜୟନ୍ତୀରେ ବିଭିନ୍ନ କାର୍ଯ୍ୟକ୍ରମ

ବାଲେଶ୍ୱର, ୧୬।୧୦(ସମିସ): କଲାମ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ଡ. ଏପିଜେ ଅବଦୁଲ କାଲାମଙ୍କ ଜନ୍ମଦିନକୁ ଅତି ଆଡ଼ମ୍ବର ସହକାରେ ପାଳନ କରା ଯାଇଥିଲା। ଟ୍ରଷ୍ଟର ପ୍ରତିଷ୍ଠାତା ତଥା ଅଗ୍ନିଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ ଡ. ପଙ୍କଜ କୁମାର ଜେନାଙ୍କ ପରିଚାଳନାରେ ସକାଳେ ମ୍ୟୁନିସିପାଲଟି ଚେୟାରମେନ ସବିତା ସାହୁ ଓ ଆଇଟିଆର ଚାନ୍ଦିପୁର ଅତିରିକ୍ତ ନିର୍ଦ୍ଦେଶକ ତଥା ଟ୍ରଷ୍ଟର ସଭାପତି ଡ. ନିଳାଦ୍ରୀ ରାୟ ଷ୍ଟେସନ ଛକରେ ଥିବା କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଜ୍ଞାନ ମେଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଥିଲା। ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ଛାତ୍ରଛାତ୍ରୀ ବିଜ୍ଞାନ ମେଳାରେ ଭାଗନେଇଥିଲେ ଏବଂ ଏଥିରେ କନିଷ୍ଠ ଓ ବରିଷ୍ଠ ବିଭାଗର ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଅର୍ଥ ରାଶି ସହ ପ୍ରମାଣ ପତ୍ର ଏବଂ ବୃକ୍ଷ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପକ ସତ୍ୟନାରାୟଣ ସାହୁ, ଇନ୍ଦ୍ରଜିତ ପାତ୍ର, କୌଶିକ ଦାସ ପରିଚାଳନା କରିଥିଲେ। କୁଇଜ୍ ଓ କାଲାମଙ୍କ ଚିତ୍ରାଙ୍କନ ପ୍ରତିଯୋଗିତାରେ କନିଷ୍ଠ ଏବଂ ବରିଷ୍ଠ ବିଭାଗର ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର, ବୃକ୍ଷ, ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ହରିପଦ ଭୂୟାଁ, ବଳରାମ ସ, ପ୍ରଭାତ ଜେନା ପରିଚାଳନା କରିଥିଲେ। ସାରା ରାଜ୍ୟରେ ଓସିଏସ ଟପର୍ ହୋଇଥିବା ପ୍ରୀୟଂଶୁ ସାମଲଙ୍କ ସହ ଅନ୍ୟ ୧୦ ଜଣ ଓସିଏସଙ୍କୁ ମାନପତ୍ର, ଉତ୍ତରୀୟ ଓ ବୃକ୍ଷ ଦେଇ ସମ୍ମାନିତ କରା ଯାଇଥିଲା। ମୁଖ୍ୟଅତିଥି ଭାବେ ଯୋଗ ଦେଇ ଓଡ଼ିଶା ସରକାରଙ୍କ ର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଓ ଉଦଘାଟକ ସଦର ବିଧାୟକ ମାନସ କୁମାର ଦତ୍ତ ଆଗାମୀ ବର୍ଷ ସାରା ରାଜ୍ୟର ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଡ. କଲାମଙ୍କ ଜୟନ୍ତୀ ପାଳନ କରାଯିବାର ପ୍ରତିଶ୍ରୁତି ଦେଇଥିଲେ ଓ କାଲାମଙ୍କ ସ୍ମୃତି ପାଇଁ ସ୍ଥାନ ଦେଇ ସମସ୍ତ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଲେ। ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାସ ଟ୍ରଷ୍ଟର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ଓ ଗୁରୁଦେବ ସମ୍ମାନ, ଡଃ କାଲାମ ଆଇକନ୍ ସମ୍ମାନ, ଜିଲ୍ଲାରୁ ନିଟ ଓ ଆଇଜର ପାଇଥିବା ସମସ୍ତ ଛାତ୍ର ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ସଂଗ୍ରାମ କୁମାର ରାଉତ ମଞ୍ଚ ଆହ୍ୱାନ କରିଥିବା ବେଳେ, ଇଂଜିନିୟର ଗୋପାଳ ଚନ୍ଦ୍ର ଜେନା ଅତିଥି ପରିଚୟ ଦେଇଥିଲେ। ଉପେନ୍ଦ୍ର ବେହେରା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଞ୍ଜୀବ କୁମାର ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।




# ନବୀନଙ୍କ ଜନ୍ମଦିନରେ ପୂଜାର୍ଚ୍ଚନା ସହ ରକ୍ତଦାନ ଶିବିର








ବାଲେଶ୍ୱର, ୧୬।୧୦(ସମିସ)

ଆଜି ବାଲେଶ୍ୱର ସଦର ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଜି ସକାଳ ୮ ଘଟିକାରେ ନବୀନ ବାବୁଙ୍କର ନିରାମୟ ଜୀବନ ପାଇଁ ବାବା ଝାଡେଶ୍ୱର ମନ୍ଦିରରେ ସାମୁହିକ ପୂଜାର୍ଚ୍ଚନା ଆୟୋଜନ କରାଯାଇଥିଲା। ପରେ ପରେ ସ୍ଥାନୀୟ ରାଣୀପାଟଣାସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟରେ ଅନ୍ତେବାସୀଙ୍କ ଗହଣରେ ନିଆରା ଢଙ୍ଗରେ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ କରାଯାଇଥିବାବେଳେ ନବୀନ ପଟ୍ଟନାୟକଙ୍କ ପାଇଁ ପିଲାମାନେ ସ୍ୱତନ୍ତ୍ର ଭାବେ ସଙ୍ଗୀତ ପରିବେଷଣ କରିଥିଲେ ଏବଂ ଛେନାପୋଡ କାଟି ନବୀନ ପଟ୍ଟନାୟକଙ୍କୁ ଦୃଷ୍ଟିହୀନ ପିଲାମାନେ ଶୁଭେଚ୍ଛା ଜଣାଇଥିଲେ। ଏହା ପରେ ବାଲେଶ୍ୱର ଷ୍ଟେସନ କ୍ଲବରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

ଏହି ଶିବିରରେ ବିଜେଡି ରାଜ୍ୟ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କ ସମେତ ସର୍ବମୋଟ ୧୧୮ ଜଣ ରକ୍ତ ଦାତା ରକ୍ତ ଦାନ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ସ୍ୱରୂପ ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ବାଲେଶ୍ୱର ପୌରପରିଷଦ ଉପାଧ୍ୟକ୍ଷ କୈଳାସ ଚନ୍ଦ୍ର ସେଠୀ, ପୂର୍ବତନ ଉପାଧ୍ୟକ୍ଷ ତଥା ଜିଲ୍ଲା ସମ୍ପାଦକ ମନୋଜ ରାଉତ, ସଦର ବ୍ଲକ ବିଜେଡି ସଭାପତି ବସନ୍ତ ପଣ୍ଡା, ଜୋନାଲ ବିଜେଡି ଆଇ.ଟି ସେଲ ସଂଯୋଜକ ଅଶୋକ ଦାସ, ଜିଲ୍ଲା ଆଇ.ଟି ସେଲ ସଂଯୋଜକ ଦେବାଶିଷ ଦାଶ, ଯୁବନେତା ତଥା ଜିଲ୍ଲା ସୋସିଆଲ ମିଡ଼ିଆ ସଂଯୋଜକ ଧିରେନ ନାୟକ, ଟାଉନ ମହିଳା ସଭାପତି ତଥା କାଉନସିଲର ମୀନା ମହାନ୍ତି, ଛାତ୍ର ନେତା ବିଭୁଦତ୍ତ ପରିଡ଼ା, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସଂଗ୍ରାମ ମଲ୍ଲିକ, ବିଜେଡି ନେତା ରିତିକ ଜୀ, ସରପଞ୍ଚ ଅଜିତ ମହାପାତ୍ର, ପୂର୍ବତନ ରାଜକିଶୋର ପ୍ରଧାନ, ବିଜେଡି ନେତା ଦୀପକ ପ୍ରଧାନ, ଗଣେଶ ଦାସ, ସୁଶାନ୍ତ ଶତପଥୀ, ଯୋଗେନ୍ଦ୍ର ତପସ୍ୱୀ, ଗଣେଶ ଲେଙ୍କା, ଦୀପକ ବେହେରା, ସଂଯପ୍ରକାଶ ପରିଡ଼ା, କିରଣ ମହାନ୍ତି, ନଳିନୀ ରଞ୍ଜନ ଦାସ, କାଉନସିଲର ମୀତା ପଟ୍ଟନାୟକ, ସଂଧ୍ୟାରାଣୀ ଜେନା, ସବିତାରାଣୀ ଦାସ, ଶଶିରେଖା ମହାନ୍ତି, ଆୟୁବ ଖାନ, ରାଜଲକ୍ଷ୍ମୀ ଚାଟାର୍ଜୀ, ସୁନିଆ ମୃମୁ, ପୂର୍ବତନ କାଉନସିଲର ସାକିର ଖାନ ପ୍ରମୁଖ ଉପସ୍ଥିତ ଥିଲେ।

## ମନ୍ଦିର ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବାଲେଶ୍ୱର, ୧୬ ।୧୦(ସମିସ): ସହଦେବଖୁଣ୍ଟା ଥାନା ଅର୍ନ୍ତଗତ ରାମେଶ୍ୱର ମନ୍ଦିର ପୋଖରୀରେ ଭାସୁଥିବା ମୃତଦେହକୁ ପୁଲିସ ଉଦ୍ଧାର କରିଛି। ହେଲେ ମୃତ ବ୍ୟକ୍ତିଙ୍କର ପରିଚୟ ମିଳିନଥିବା ବେଳେ ତାଙ୍କ ଘର ରେମୁଣା ଅଞ୍ଚଳରେ ବୋଲି ଅନୁମାନ କରାଯାଉଛି। ମୃତ ବ୍ୟକ୍ତିଙ୍କ ସଠିକ ପରିଚୟ ମିଳିପାରିନଥିବା ବେଳେ ବୟସ ୪୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ପୁଲିସ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଛି। ଏ ନେଇ ମନ୍ଦିର ପରିଚାଳନା କମିଟି ସଦସ୍ୟ ସୁକୁମାର ଦାସ କହିଛନ୍ତି ଯେ, ଆଜି ମନ୍ଦିର ପରିସରରେ କିଛି ଶ୍ରଦ୍ଧାଳୁ ମଧ୍ୟାହ୍ନ ଭୋଜନ କରିବା ପରେ ହାତ ଧୋଇବାକୁ ପାଇପ ନିକଟକୁ ଯାଇଥିଲେ। ଏହି ସମୟରେ କେହି ଜଣେ ବ୍ୟକ୍ତି ପାଣିରେ ଭାସୁଥିବା ନେଇ ଦେଖି ମନ୍ଦିର ପରିଚାଳନା କମିଟିକୁ ଜଣାଇଥିଲେ। ପରେ ମନ୍ଦିର କମିଟି ପାଣିରେ ଭାସୁଥିବା ବ୍ୟକ୍ତି ଦେଖି ପୁଲିସକୁ ଖବର ଦେଇଥିଲେ।

## ହଜିଯାଇଥିବା ମୋବାଇଲ୍ ଫୋନ୍ ଉଦ୍ଧାର

ବାଲେଶ୍ୱର, ୧୬।୧୦(ସମିସ): ଆରପିଏଫ ଯାତ୍ରୀ ସୁରକ୍ଷା ଏବଂ ହଜିଯାଇଥିବା ଜିନିଷର ତୁରନ୍ତ ପୁନରୁଦ୍ଧାର ପ୍ରତି ଏହାର ପ୍ରତିବଦ୍ଧତାକୁ ବଜାୟ ରଖିଛି। 'ଅପରେସନ୍ ଅମାନତ'ର ଅଂଶ ଭାବରେ ଖଡ଼ଗପୁର ଡିଭିଜନ ଅଧୀନରେ ଥିବା ବିଭିନ୍ନ ଷ୍ଟେସନରେ ବହୁ ଘଟଣା ଦକ୍ଷତାର ସହିତ ପରିଚାଳନା କରାଯାଇଥିଲା। ଏଥିରେ ମୋବାଇଲ୍ ଫୋନ୍, ବାଲେଶ୍ୱର ଷ୍ଟେସନରୁ ଏକ ମୋବାଇଲ ଫୋନ ପୁନରୁଦ୍ଧାର କରାଯାଇଥିଲା। ନିୟମିତ ଗସ୍ତ ସମୟରେ, ଆରପିଏଫ ପୋଷ୍ଟ ବାଲେଶ୍ୱର ଜନ ଆହାର ଷ୍ଟଲ୍ ନିକଟରେ ଏକ ବେଞ୍ଚରେ ଛାଡିଯାଇଥିବା ମୋବାଇଲ୍ ଫୋନ୍ ଉଦ୍ଧାର କରିଥିଲା। ଯାଞ୍ଚ ପରେ ୧୫, ୦୦୦/- ଟଙ୍କା ମୂଲ୍ୟର ଫୋନ୍ ସେହି ଯାତ୍ରୀଙ୍କୁ ଫେରସ୍ତ କରାଯାଇଥିଲା। ଯାତ୍ରୀମାନଙ୍କୁ ତୁରନ୍ତ ସହାୟତା ପାଇଁ ଯେକୌଣସି ଅନାବୃତ କିମ୍ବା ହଜିଯାଇଥିବା ଜିନିଷ ବିଷୟରେ ରେଳ ମଦଦ (୧୩୯) ମାଧ୍ୟମରେ କିମ୍ବା ସିଧାସଳଖ ନିକଟସ୍ଥ ଆରପିଏଫ ପୋଷ୍ଟକୁ ରିପୋର୍ଟ କରିବାକୁ ଉତ୍ସାହିତ କରାଯାଉଛି।

## ବିପୁଳ ଗୁଡ଼ପୋଚ ଓ ଦେଶୀ ମଦ ନଷ୍ଟ

ବାଲେଶ୍ୱର, ୧୬।୧୦(ସମିସ): ଅବକାରୀ ବିଭାଗ ଓ ଟାଉନ ଥାନା ପୁଲିସ ପକ୍ଷରୁ ମିଳିତ ଚଢ଼ଉରେ ବିଭିନ୍ନ ସ୍ଥାନରୁ ୫୦ହଜାର ଲିଟର ଗୁଡ଼ପୋଚ ଏବଂ ୨୦ ହଜାର ଲିଟର ଦେଶୀ ମଦ ଜବତ ହୋଇଛି। ଜବତ ଦେଶୀମଦ ଓ ଗୁଡ଼ପୋଚର ମୂଲ୍ୟ ୮୦ଲକ୍ଷ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ମୋବାଇଲ ୟୁନିଟ୍ ଆଇଆଇସି ହରିହର ସିଂ, ଆଇଆଇସି ଦୀପ୍ତିମୟୀ ସାହୁ, ଏସ୍ଆଇ ଭବେଶ ଦାସ ପ୍ରମୁଖ ଏକ ସ୍ୱତନ୍ତ୍ର ଟିମ୍, ଟାଉନ ଥାନା ପୋଲିସ ଓ ଏପିଆର୍ ଫୋର୍ସ ସହ ମିଳିତ ଭାବେ ଚଢ଼ଉ କରିଥିଲେ। ଜବତ ଗୁଡ଼ପୋଚ ଓ ଦେଶୀମଦ ସବୁକୁ ନଷ୍ଟ କରାଯାଇଥିବା ବେଳେ ବ୍ୟବହୃତ ସମସ୍ତ ସରଞ୍ଜାମ ଜବତ ହୋଇଛି।

## 'କଲାମ, ବିଜ୍ଞାନ ଓ ମଣିଷ ସମାଜ' ଶୀର୍ଷକ ଆଲୋଚନାଚକ୍ର



ବାଲେଶ୍ୱର, ୧୬।୧୦(ସମିସ): 'ପ୍ରଜାପତି' ଓ ଶିକ୍ଷା ଅନୁଷ୍ଠାନ ବିଦ୍ୟାର୍ଥୀ ଫାଉଣ୍ଡେସନ୍ ମିଳିତ ସହଯୋଗରେ ଛାତ୍ରଛାତ୍ରୀଙ୍କୁ ନେଇ ଭାରତର ରତ୍ନ ଅବଦୁଲ କାଲାମଙ୍କ ଜୟନ୍ତୀ ପାଳନ ଅବସରରେ 'କଲାମ୍, ବିଜ୍ଞାନ ଓ ମଣିଷ ସମାଜ' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଆଲୋଚନାଚକ୍ରରେ ଅବଦୁଲ କଲାମଙ୍କ ଜୀବନୀ, ଶିକ୍ଷା ଓ ବିଜ୍ଞାନ ସମ୍ପର୍କରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଗୁଣାତ୍ମକ ପୁସ୍ତକ 'ବୈଜ୍ଞାନିକ ରାଷ୍ଟ୍ରପତି ଅବଦୁଲ କଲାମ'ର ଲେଖକ ଦୀନବନ୍ଧୁ ଲେଙ୍କା ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ 'ପ୍ରଜାପତି'ର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସ କହିଲେ ଯେ ବିଜ୍ଞାନର ବ୍ୟବହାର ପ୍ରକୃତି ଓ ମାନବ ସମାଜର ମଙ୍ଗଳ ପାଇଁ ହେବା ଆବଶ୍ୟକ। କଲାମଙ୍କ ମତରେ ବିଜ୍ଞାନ ମନୁଷ୍ୟକୁ ଈଶ୍ୱରଙ୍କ ଠାରୁ ଦୂରେଇନିଏ ନାହିଁ ବରଂ ବିଜ୍ଞାନ ମାଧ୍ୟମରେ ମଧ୍ୟ ଆଧ୍ୟାତ୍ମିକ ବିକାଶ ସମ୍ଭବପର'। ବିଦ୍ୟାର୍ଥୀ-ଫାଉଣ୍ଡେସନ୍ ମୁଖ୍ୟ ଶିକ୍ଷାବିତ୍ ବିପ୍ଳବ ଦାସ ମହାପାତ୍ର ଆଲୋଚନାଚକ୍ର ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ପାର୍ଥସାରଥୀ ସାହୁ ଯୋଗଦାନ କରିଥିଲେ। ଶିକ୍ଷକ ରବିରଞ୍ଜନ ସାମଲ ଶେଷ କଥା ରଖିଥିଲେ। ଆଲୋଚନାଚକ୍ରରେ ଅନୁଷ୍ଠାନର ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଆଲୋଚନାଚକ୍ରରେ ଅନେକ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ଓ ପ୍ରତ୍ୟକ୍ଷ ଭାବେ କେନ୍ଦ୍ରୀୟ ବିଦ୍ୟାଳୟ-୧ର ଛାତ୍ରୀ ଆଦ୍ୟାଶା ପଲେଇ ଓ ବୈଭବୀ ଦାସ ସହଯୋଗ କରିଥିଲେ। ଶେଷରେ ଅତିଥି ଓ ଛାତ୍ରଛାତ୍ରୀ ଭାରତରତ୍ନ ଅବଦୁଲ୍ କଲାମ୍‌ଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ବାଲେଶ୍ୱର, ୧୬।୧୦(ସମିସ): ମିଶାଇଲ ମ୍ୟାନ୍ ଏପିଜେ ଅବଦୁଲ କଲାମଙ୍କ ୯୫ ତମ ଜୟନ୍ତୀ ଅବସରରେ ଡ୍ରିମ୍ସ ଆଇଡିଆଲ୍ ସ୍କୁଲରୁ ଶୋଭାଯାତ୍ରାରେ ବାହାରି ଷ୍ଟେସନଛକ ସ୍ଥିତ କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଉକ୍ତ ଶୋଭାଯାତ୍ରାକୁ ଉଦଘାଟନ କରିଥିଲେ ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ। ଅନ୍ୟତମ ଅତିଥି ରୂପେ ପ୍ରାକ୍ତନ ଜିଲ୍ଲା ପରିଷଦ ସଭାପତି ଗିରୀଶ ଚନ୍ଦ୍ର ଦାଶ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବିଦ୍ୟାପୀଠର ପ୍ରତିଷ୍ଠାତା ଗଙ୍ଗାଧର ଦାସ। ଅଧକ୍ଷା ପୁଷ୍ପିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ରେହାନା ବେଗମ୍, ସରିତା ବାରିକ, ଆରତୀବାଳା ଦାସ, ଆଞ୍ଚଲ ପ୍ରିୟା ବେହେରା, ଅନୀତା ରାଣୀ ଦାସ, ଶାନ୍ତି ଲତା ମାଝୀ, ନମିତା ?ାଗ୍, ମାମୁନି ମହାପାତ୍ର, ପ୍ରଭାତୀ ମହାପାତ୍ର, ଶୁଭଲକ୍ଷ୍ମୀ ରାଉତ, ଜୟସ୍ମିତା ପଣ୍ଡା, ପୂଜା ପରିଡ଼ା, ମୌସୁମୀ ଚାଟାର୍ଜୀ, ଶରିଫୁଦ୍ଦିନ୍ ମହମ୍ମଦ, ରୋହିତ ନାୟକ, ଯଶୋବନ୍ତ ସିଂ, ମନିଷା ଦାଶ ପ୍ରମୁଖ ସହାୟତା କରିଥିଲେ। ପରେ ପିଲାମାନେ ଚାନ୍ଦିପୁର ସ୍ଥିତ ଡଃ କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ସ୍ୱଚ୍ଛ ଭାରତ ଅଭିଯାନରେ କର୍ମଚାରୀମାନେ ବେଳାଭୂମି ସଫେଇ କରିଥିଲେ। ଚାନ୍ଦିପୁର ବେଳାଭୂମି ମହୋତ୍ସବ କମିଟି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କମିଟିର ସଭାପତି ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଉପ ସଭାପତି ଆମ ନ୍ୟୁଜ୍ ଅଧକ୍ଷ ବିପ୍ଳବ ମହାନ୍ତି, ଅତିରିକ୍ତ ସାଧାରଣ ସମ୍ପାଦକ ଭାବଗ୍ରାହୀ ମହାନ୍ତି, ସମ୍ପାଦକ ଶ୍ରୀମାନ ଶ୍ରୀଚନ୍ଦନ ଓ ସମରେନ୍ଦ୍ର ନାଥ ଦାସ, ସହ ସମ୍ପାଦକ ଶେଖ ହାଇଦର୍, ସଭ୍ୟ କମଳାକାନ୍ତ ମହାରାଜ, ନାଏବ ସରପଞ୍ଚ ଓ ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ।




# ଭତ୍ତା ଦେବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାଲେଶ୍ୱର, ୧୬ ।୧୦(ସମିସ)

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅର୍ନ୍ତଗତ ନାମ୍ପୋ ଅଞ୍ଚଳରେ ୨୦୨୪ ମସିହାଠାରୁ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ଗ୍ରାମର ୧୬୦ଜଣ ଲୋକଙ୍କ ଭତ୍ତା ମଞ୍ଜୁର ହୋଇଥିଲା। ହେଲେ ପରେ ସେମାନଙ୍କ ଭତ୍ତା ବନ୍ଦ ହୋଇଯାଇଛି। ଏହାକୁ ନେଇ ନାମ୍ପୋ ଗ୍ରାମର ସୁଶୀଳ କୁମାର ପରିଡ଼ା ଆଜି କିଛି ଲୋକଙ୍କ ସହ ଆସି ବନ୍ଦ ହୋଇଥିବା ଭତ୍ତା ପ୍ରଦାନ କରିବାକୁ ଦାବି କରିବା ସହ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୨୪ମସିହାରେ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ତାଙ୍କର ଗ୍ରାମର ୧୬୦ଜଣ ଲୋକଙ୍କର ଭତା ମଞ୍ଜୁର ହୋଇଥିଲା। ଏପରିକି ସମସ୍ତ ଲୋକ ଭତ୍ତା ମଧ୍ୟ ପାଇଥିଲେ। ହେଲେ ପରବର୍ତି ସମୟରେ ଉକ୍ତ ଗ୍ରାମର ଗୋପାଳକୃଷ୍ଣ ଜେନା ରାଜନୈତିକ ଉଦ୍ଦେଶ୍ୟରେ ୨୦୨୪ମସିହା ମାର୍ଚ୍ଚ ୧୯ ରେ ୨୭ ଜଣ ହିତାଧିକାରୀଙ୍କ ବିରୋଧରେ ଜଳେଶ୍ୱର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଠାରେ ଅଭିଯୋଗ କରିଥିଲେ। ପରେ ବିଡିଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଓ ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ଦ୍ୱାରା ତଦନ୍ତ କରାଇ ୧୬୦ଜଣଙ୍କ ମଧ୍ୟରୁ ୨୬ଜଣ ହିତାଧିକାରୀଙ୍କୁ ପୁଣିଥରେ ଭତ୍ତା ପ୍ରଦାନ କରାଇଥିଲେ। ହେଲେ ଉକ୍ତ ବ୍ୟକ୍ତି ଗଣଙ୍କ ଏନେଇ ତତକାଳୀନ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଠାରେ ଅଭିଯୋଗ କରିଥିଲେ। ପରବର୍ତ୍ତି ସମୟରେ ସେ କୋର୍ଟରେ ମଧ୍ୟ ଦ୍ୱାରସ୍ଥ ହୋଇ୧୮ଜଣ ହିତାଧିକାରୀଙ୍କ ନାମରେ ଅଭିଯୋଗ କରିଥିଲେ। ତେବେ ଉକ୍ତ ମାମଲାରେ ବର୍ତମାନର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରାଙ୍ଗଚରଣ ଘୋଷ କୋର୍ଟରେ ଯାହାକି ତଦନ୍ତ ସମୟରେ ୧୭ଜଣଙ୍କର ଭତ୍ତା ଭୋଟର ଲିଷ୍ଟ ଅନୁଯାୟୀ କରାଯାଇଥିବା ବେଳେ ଜଣେ ହିତାଧିକାରୀଙ୍କର ସ୍କୁଲ ସାର୍ଟିଫିକେଟ ଅନୁସାରେ କରାଯାଇଛି ସତ୍ୟପାଠ ଦାଖଲ କରିଥିଲେ। ହେଲେ ବ୍ଲକରେ ନୂତନ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଯୋଗଦେବା ପରେ ସେ ଉକ୍ତ ବ୍ୟକ୍ତି ଜଣଙ୍କ ଯେଉଁ ଅଭିଯୋଗ ପୂର୍ବରୁ କରିଥିଲେ ତାହାକୁ ପୁଣିଥରେ ତଦନ୍ତ କରାଇ୨୨ଜଣ ହିତାଧିକାରୀଙ୍କ ଭତ୍ତା ବନ୍ଦ କରିଦେଇଥିଲେ। ଏହି ଘଟଣାକୁ ୫ମାସ ହୋଇଯାଇଥିବା ବେଳେ ହିତାଧିକାରୀମାନଙ୍କୁ ଆଜି ପର୍ଯ୍ୟନ୍ତ କୌଣସି ଭତ୍ତା ପ୍ରଦାନ କରାଗଲା ନାହିଁ ବୋଲି ଅଭିଯୋଗ କରିଛନ୍ତି। ଏହାଛଡା ଗୋଟିଏ ପଟେ ବିଡିଓ ନ୍ୟାୟାଳୟଙ୍କ ଠାରେ ଭତ୍ତା ଅନୁମୋଦନ ସଠିକ ଭାବେ ହୋଇଥିବାର ସତ୍ୟପାଠ ଦାଖଲ କରୁଛନ୍ତି ଅନ୍ୟପଟେ ୬ମାସ ପରେ ଭତା ବନ୍ଦ କରିବା ପାଇଁ ମଧ ନିର୍ଦ୍ଦେଶ ଦେଉଛନ୍ତି। ଫଳରେ ଭତା ଉପରେ ବଞ୍ଚୁଥିବା ଗରିବ, ଆଦିବାସୀ ଲୋକେ ସେମାନଙ୍କର ଗୁଜୁରାଣ ମେଣ୍ଟାଇବା ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ରୋଗ ପାଇଁ ଔଷଧ କିଣିବାକୁ ମଧ ଟଙ୍କା ପାଉ ନାହାନ୍ତି। କୋର୍ଟରେ୧୮ ଜଣଙ୍କ ନାମରେ ଅଭିଯୋଗ ହୋଇଥିବା ବେଳେ୨୨ଜଣ ହିତାଧିକାରୀଙ୍କର କିପରି ଭାବେ ଭତ୍ତା ବନ୍ଦ ହେଲା ତାହା ଏବେ ସବୁଠାରୁ ବଡ ପ୍ରଶ୍ନ ବୋଲି କହିଛନ୍ତି। ଏଣୁ ଏହି ଘଟଣାକୁ ସଠିକ ଭାବେ ତଦନ୍ତ କରି ବନ୍ଦ ହୋଇଥିବା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି।




**Format C-7**

**(for political parties to publish in the newspaper, social media platforms & website of the party)**

**Information regarding individuals with pending criminal cases, who have been selected as candidates, along with the reasons for such selection, as also as to why other individuals without criminal antecedents could not be selected as candidates**

**(As per the Commission's directions issued in pursuance of the order dated 13.02.2020 of the Hon'ble Supreme Court in contempt petition © no. 2192 of 2018 in W.P.(C) No. 536/2011)**

**Name of the Political Party: BIJU JANATA DAL**
**Name of the Election: BYE- ELECTION TO THE STATE LEGISLATIVE ASSEMBLY OF ODISHA -2025**
**Name of the State: ODISHA**

(1) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

| Sl. No. | | | |
|---|---|---|---|
| 1. | Criminal Antecedents | | |
| | a. | Nature of the Offence | i. Non-Bailable ii. Non-Bailable iii. Non-Bailable iv. Non-Bailable |
| | b. | Case No. | i. Bargarh Town PS Case No-36/25 ii. Bargarh Town PS Case No-37/25 iii. Bargarh Town PS Case No-38/25 iv. Bargarh Rural PS Case No-11/25 |
| | c. | Name of the Court | All cases are pending in SDJM Bargarh, District Bargarh |
| | d. | Whether charges have been framed or not (Yes/No) | i. No ii. No iii. No iv. No |
| | e. | Date of Conviction, if any | Not Applicable |
| | f. | Details of punishment undergone, if any | Not Applicable |
| | g. | Any other information required to be given | All cases posted for appearance |
| 2. | The reasons for the selection of the candidate. Selection shall be with reference to the qualifications, achievements and merit of the candidates and not mere "winnability" at the polls (Not more than 100 words) | | The candidate is a dynamic SC women leader, having huge public contact and popularity in this state of Odisha and she has worked hard in bringing social upliftment, particularly for the women, poor and downtrodden and still have zeal and eagerness to bring perceptible changes in the living standard of the people. She is highly qualified with Post Graduate and BED degrees to her credit. |
| 3. | Reasons as to why other individuals without criminal antecedents could not be selected as candidates (not more than 100 words) | | In consideration of the above merits, her selection as a candidate to the **71-NUAPADA Assembly Constituency** is more justified than other individuals without criminal antecedents. |

(2) Name of the Constituency - **71-NUAPADA AC**

Name of the Candidate – **SMT. SNEHANGINI CHHURIA**

............................................................................................................. and so on

* In the case of election to Council of States or States or election to Legislative Council by MLAs, mention the election concerned in place of name of Constituency.

**Sd/-**
**DEBIPRASAD MISHRA**
**SENIOR VICE-PRESIDENT,**
**BIJU JANATA DAL, ODISHA**

# ସମ୍ପାଦକୀୟ



ଗରିବ ଲୋକମାନଙ୍କର ସବୁଠାରୁ ବଡ଼ ସମସ୍ୟା ହେଉଛି ସେମାନଙ୍କଠାରେ ଉଚ୍ଚାକାଂକ୍ଷାର ଅଭାବ।

-ଆଡାମ୍ ସ୍ମିଥ୍

ସକାଳ THE SAKALA

## ବିକାଶର ଗତି ଅଭିବୃଦ୍ଧି

ବିଶ୍ୱର ଅର୍ଥନୈତିକ ଅଭିବୃଦ୍ଧିର ନିରନ୍ତର ବିକାଶ ସଂପର୍କରେ ସୁଚିନ୍ତିତ ମତ ଉପସ୍ଥାପନ କରିଥିବାରୁ ନୋବେଲ ପୁରସ୍କାର ପାଇଥିବା ତିନିଜଣ ଅର୍ଥଶାସ୍ତ୍ରୀଙ୍କ ସଂପର୍କରେ ସ୍ୱତନ୍ତ୍ର ଉଲ୍ଲେଖ ବା ଆଲୋଚନା ଦାବି କରେ। ସେମାନେ ହେଲେ ଜୋଏଲ୍ ମୋକିର, ପିଟର ହାୱିଟ୍ ଓ ବ୍ରିଟେନର ଫିଲିପ୍ ଆଘିଆନ୍। ସେମାନଙ୍କୁ ଡିସେମ୍ବର ୧୦ ରେ ଅର୍ଥନୀତିରେ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ମୋକିର ଦୁଇଶହ ବର୍ଷର ଇତିହାସ ଉତ୍ସକୁ ଗବେଷଣାର ଆଧାର କରି ନିରନ୍ତର ଅଭିବୃଦ୍ଧି କିଭଳି ଏକ ସ୍ୱାଭାବିକ ପ୍ରକ୍ରିୟା ଏବଂ ପରିବେଶ ଓ ପରିସ୍ଥିତି ଏଥିସକାଶେ ସୁଯୋଗ ସୃଷ୍ଟି କରିଆସିଛି ତାହା ଦର୍ଶାଇଛନ୍ତି। ଶିଳ୍ପ ବିପ୍ଳବ ପୂର୍ବରୁ ପ୍ରଚଳିତ ପ୍ରଥା ଓ ବିଧି ବ୍ୟବସ୍ଥାରେ ବିଶ୍ୱାସୀ ଜନସମୁଦାୟ ଏହି ପରିବର୍ତ୍ତନକୁ ଗ୍ରହଣ କରିପାରିନଥିଲେ। ତତ୍କାଳୀନ ବ୍ୟବସ୍ଥାରେ ନୂଆ ପ୍ରଯୁକ୍ତି ବିଦ୍ୟା ଓ ଆବିଷ୍କାରର ପ୍ରୟୋଗ ଓ ସଠିକ୍ ବ୍ୟବହାରରେ ସମସ୍ୟା ସୃଷ୍ଟି କରିଥିଲା। ତେଣୁ ମୁକ୍ତ ଚିନ୍ତନ ମାଧ୍ୟମରେ ସାମାଜିକ ବ୍ୟବସ୍ଥାକୁ ନୂଆ ବିଚାର ଓ ପରିବର୍ତ୍ତନକୁ ଗ୍ରହଣ କରିବା ଅତ୍ୟନ୍ତ ଜରୁରୀ। ଅନ୍ୟପକ୍ଷରେ ଫିଲିପ ଓ ପିଟର ନିରନ୍ତର ଅଭିବୃଦ୍ଧି ଓ ବିକାଶର ପୃଷ୍ଠଭାଗରେ ଥିବା ପଦ୍ଧତି ଓ ପ୍ରୟୋଗ ଉପରେ ଅନୁଶୀଳନ କରିଛନ୍ତି। ଦେଖିବାକୁ ଗଲେ ନୋବେଲ ପୁରସ୍କାର ପାଇଥିବା ଏହି ତିନି ଅର୍ଥଶାସ୍ତ୍ରୀ ଉପସ୍ଥାପନ କରିଥିବା ତଥ୍ୟ ପରସ୍ପରର ପରିପୂରକ ଏବଂ ଦ୍ରୁତ ଅଭିବୃଦ୍ଧି ହାସଲରେ ସହାୟକ। ୧୯୯୧ ରେ ସେମାନଙ୍କ ଦ୍ୱାରା ପ୍ରକାଶିତ ନିବନ୍ଧରେ ଯେଉଁ ଗାଣିତକ ସୂତ୍ରର ବିକାଶ କରିଛନ୍ତି ତାହା 'କ୍ରିଏଟିଭ୍ ଡେଷ୍ଟ୍ରକସନ୍' ଉପରେ ଆଧାରିତ।

ଏକଥା ସତ ଯେ ନୂଆ ଉତ୍ପାଦ ଏବଂ ଉଦ୍ଭାବିତ ପ୍ରଯୁକ୍ତି ବିଦ୍ୟା ଆଧାରିତ ଉତ୍ପାଦନ ଯେତେବେଳେ ବଜାରକୁ ଆସେ ତାହାର ଗ୍ରହଣୀୟତା ପୁରୁଣା ବ୍ୟବସ୍ଥାକୁ ବଦଳାଇବା ସକାଶେ ବାଧ୍ୟବାଧକତା ସୃଷ୍ଟି କରିଥାଏ। ଏହି ପ୍ରକ୍ରିୟା ନିରନ୍ତର ପ୍ରୟୋଗ ଓ ପ୍ରସାର ଲାଭ କରିଆସିଛି। ତାହାର ପ୍ରଭାବରେ ବିଶ୍ୱବାସୀଙ୍କ ଜୀବନର ଗୁଣବତ୍ତା, ସ୍ୱାସ୍ଥ୍ୟ ଓ ଜୀବନଧାରଣର ମାନରେ ପରିବର୍ତ୍ତନ ଆଣିଛି। ଆଲୋଚନା ପ୍ରସଙ୍ଗରେ ଟ୍ରମ୍ପଙ୍କ ନୀତି ଓ କାର୍ଯ୍ୟଧାରା ବ୍ୟବସ୍ଥାରେ କିଭଳି ଅସନ୍ତୁଳନ ସୃଷ୍ଟି କରିଛି ତାହାର ଉଲ୍ଲେଖ ମଧ୍ୟ ରହିଛି। ବିଶେଷକରି ତାଙ୍କ ଟାରିଫ ନୀତି ଫଳରେ ବିଶ୍ୱ ଅର୍ଥନୀତି ଗତିଶୀଳତା ହରାଇଛି। ବିଶ୍ୱ ଉପଭୋକ୍ତାଙ୍କ ନିକଟରେ ନୂଆ ଉତ୍ପାଦ ପହଞ୍ଚିବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଶିକ୍ଷା ଓ ଗବେଷଣା ବ୍ୟାହତ ହେଲା ଭଳି ଟ୍ରମ୍ପଙ୍କ କେତେକ ନିର୍ଦ୍ଦେଶ ଏକ୍ଷେତ୍ରରେ ଆମେରିକାର ପ୍ରାଧାନ୍ୟକୁ କ୍ଷୁର୍ଣ୍ଣ କରିବ ବୋଲି ଦର୍ଶାଯାଇଛି। ସେମାନେ ଯୁକ୍ତିଛଳରେ କହିଛନ୍ତି ଯେ ଗବେଷଣା ପ୍ରସୂତ ଜ୍ଞାନକୌଶଳ ଉପଯୋଗ କରିବାକୁ ଅନ୍ୟମାନଙ୍କୁ ଛାଡ଼ି ଦିଆଯାଉ। ନିଜ ଦେଶରେ ତାହାର ଉତ୍ପାଦନ ପାଇଁ ୟୁନିଟ ପ୍ରତିଷ୍ଠା କରିବାର କୌଣସି ଯଥାର୍ଥତା ନାହିଁ। ଆମେରିକାର ବିଚାରଗତ ପରିବର୍ତ୍ତନକୁ ସେମାନେ ନାପସନ୍ଦ କରିଛନ୍ତି।

ପ୍ରଚଳିତ ବିଶ୍ୱର ଆବଶ୍ୟକତା ଅନୁଯାୟୀ ଅର୍ଥନୈତିକ ଅଭିବୃଦ୍ଧି ଏବଂ ବିକାଶର ନୂତନ ନକ୍ସା ପ୍ରସ୍ତୁତ କରିବାରେ ନୋବଲ ପୁରସ୍କାର ବିଜେତା ଏହି ତିନି ଅର୍ଥଶାସ୍ତ୍ରୀଙ୍କ ଗବେଷଣାମୂଳକ ତଥ୍ୟ ଓ ଅନୁଧ୍ୟାନ ନିଶ୍ଚୟ ସହାୟକ ହେବ। ଆମେରିକା ଓ ଚୀନର ଅଗ୍ରଗତି ପଛରେ ଥିବା ପଦ୍ଧତି ଓ ବିଚାରଗତ ନିଷ୍ପତ୍ତିକୁ ୟୁରୋପୀୟ ରାଷ୍ଟ୍ର ଅନୁଶୀଳନ ନ କଲେ ସେମାନେ ଅନ୍ୟମାନଙ୍କ ପଶ୍ଚାତଧାବନ କରିବାର ବାଧ୍ୟବାଧକତା ସୃଷ୍ଟି ହେବ। ସେମାନଙ୍କ ଗବେଷଣା ଓ ଅନୁଶୀଳନ ହେଉଛି ସଂଗୃହୀତ ଐତିହାସିକ ପୃଷ୍ଠଭୂମି। ତେଣୁ ବିଜେତାମାନଙ୍କ ପୁରସ୍କାର ବାବଦରେ ମିଳିବାକୁ ଥିବା ୧୦୨ ନିୟୁତ ଡଲାରର ଅର୍ଦ୍ଧେକ ରାଶି ମୋକିର ଓ ଅବଶିଷ୍ଟ ଅର୍ଥ ଦୁଇଜଣ ଅର୍ଥଶାସ୍ତ୍ରୀ ପାଇବେ। ●

## ଅଶାନ୍ତ ସହର ଓ ଜନପଦ

ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି କ୍ରମେ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇପଡ଼ିଲାଣି। ଲଗାମବିହୀନ ଆପରାଧିକ ତତ୍ତ୍ୱ ଗୋଟିକ ପରେ ଗୋଟିଏ ହିଂସାକାଣ୍ଡ ଭିଆଇ ପୁଲିସର ପାରିବାର ପଣିଆକୁ ଖୋଲା ଆହ୍ୱାନ ଦେଇଛନ୍ତି। ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ନିୟମିତ ବ୍ୟବଧାନରେ ପରିଲକ୍ଷିତ ଅପରାଧ ପାଇଁ କ୍ଷମତା କେନ୍ଦ୍ର କଠୋର ସମାଲୋଚନାର ସମ୍ମୁଖୀନ ହୋଇଛି। ରାଜଧାନୀ ରାଜ୍ୟର ପ୍ରତିଚ୍ଛବି। କ୍ଷମତାରେ ଯିଏ ଥାଉନା କାହିଁକି ସେ ନିଶ୍ଚୟ ପରିସ୍ଥିତି ପ୍ରତି ସଜାଗ ଓ ସତର୍କ ରହିବାକୁ ପଡ଼ିବ। ଏକ୍ଷେତ୍ରରେ ସୁଦକ୍ଷ ଓ ସମର୍ଥ ଅଧିକାରୀଙ୍କ ନିପୁଣତା ଉପରେ କ୍ଷମତା ନିର୍ଭରଶୀଳ ରହିବା ସ୍ୱାଭାବିକ। ଯେତେବେଳେ ରାଜନୈତିକ ବାଛବିଚାର ଏକ୍ଷେତ୍ରରେ ପରିଲକ୍ଷିତ ହୁଏ ସେତେବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡ଼ିବା ଥୟ। ସଂପ୍ରତି ଯେଉଁ ପରିସ୍ଥିତି ଉପୁଜିଛି ସେଥିରେ ଶାସନଗତ ଅପରିପକ୍ୱତା ଓ ଅନଭିଜ୍ଞତା ବାରି ହୋଇପଡୁଛି। ନିଜ ଲୋକ ଓ ପାଖଲୋକ ବିଚାରରେ ଅବସ୍ଥାପିତ ଅଧିକାରୀ ପୋଷା ଯାଇଥିବା ସୁରକ୍ଷା ବଳୟରେ ଥିବା ଅପରାଧୀଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିବାରେ କିଛି ଅସ୍ୱାଭାବିକତା ନାହିଁ। ରାଜଧାନୀରେ ଅପରାଧତତ୍ତ୍ୱଙ୍କ କାର୍ଯ୍ୟକଳାପରୁ ଏହା ଅନ୍ତତଃ ପ୍ରମାଣିତ ହୋଇଛି।

ଗତ ସୋମବାର ପରିଲକ୍ଷିତ ଆପରାଧିକ କାର୍ଯ୍ୟକଳାପରୁ ଅସାମାଜିକଙ୍କ ନିଡରୁଆପଣ ବାରି ହୋଇପଡୁଛି। ଭୁବନେଶ୍ୱରର ସହରତଳି ଅଞ୍ଚଳ ସଂପ୍ରତି ଅପରାଧତତ୍ତ୍ୱଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି। ସେମାନେ କ୍ରମାଗତ ଭାବେ ନିର୍ବାଧରେ ଅପରାଧ ଭିଆଇ ଚାଲିଛନ୍ତି। କଥା କଥାକେ ସେମାନେ ବନ୍ଧୁକ ଉଠାଉଛନ୍ତି। ବେଆଇନ ମାରଣାସ୍ତ୍ର ଚାଲାଣରେ ସଂପୃକ୍ତ ବିହାରୀ ଅପରାଧୀଙ୍କ ଉପରେ କଟକଣା ପ୍ରୟୋଗ କରାଯାଇପାରୁ ନଥିବାରୁ ଛୋଟକାଟର ଅପରାଧୀଙ୍କ ହାତରେ ମଧ୍ୟ ବନ୍ଧୁକ ରହିଛି। ଖଣ୍ଡଗିରି ଥାନା ଅନ୍ତର୍ଗତ ସରକନ୍ତରା ଗାଁ ଦାଣ୍ଡରେ ଏମଏସ୍‌ରେ କାର୍ଯ୍ୟରତ ସୁଧାଂଶୁ ଖଣ୍ଟିଆଙ୍କୁ ଅଫିସ ଯିବା ବାଟରେ ଅପରାଧୀ ୫ ରାଉଣ୍ଡ ଗୁଳି ଚଳାଇ ହତ୍ୟା କଲେ। ସକାଳ ୮ ଟାର ଘଟଣା, ଜନଗହଳି ରାସ୍ତାରେ କେତେ ନିଡରୁଆ ହେଲେ ଏପ୍ରକାର ଅପରାଧ ଜଣେ ଭିଆଇ ପାରିବ! ଏହା ନିଶ୍ଚୟ ଚିନ୍ତାଜନକ। ଏହାର ପୃଷ୍ଠଭାଗରେ ପାରିବାରିକ ଜମି ବିବାଦ ଥିଲେ ମଧ୍ୟ ଦିବାଲୋକରେ ଗୁଳିମାଡ଼ କିଛି ଛୋଟ ଘଟଣା ନୁହେଁ। ସେହିଭଳି ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଚୂନକୋଳି ବସ୍ତିରେ କିଛି ଦୁର୍ବୃତ୍ତ ପଥରରେ ଛେଚି ଜଣେ ଯୁବକଙ୍କୁ ହତ୍ୟା କରିଛନ୍ତି। ଠିକ୍ ସପ୍ତାହକ ପୂର୍ବରୁ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ଏକ ଆଶ୍ରମରେ ମଧ୍ୟ ଗୁଳିକାଣ୍ଡ ଘଟିଥିଲା। ଅନ୍ୟ ଏକ ସମ୍ବେଦନଶୀଳ ଘଟଣା ହେଲା, ଟ୍ରେନରେ ରାଜଧାନୀକୁ ଆସିଥିବା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଦ୍ୱିତୀଚନ୍ଦ୍ର ସାହୁ ଷ୍ଟେସନ୍ ବାହାରେ ଅଟୋକୁ ଅପେକ୍ଷା କରିଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ଲୁହାରଡରେ ପିଟି ମୋବାଇଲ ଛଡ଼ାଇ ନେଇଛନ୍ତି। ଇଏ ହେଲା ଠିକେ ଠିକେ କିଛି ଦିନର ରାଜଧାନୀ ଅପରାଧତତ୍ତ୍ୱଙ୍କ କାରନାମା।

ବ୍ରହ୍ମପୁରରେ ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣା ହେଉ କି ଚୌଦ୍ୱାର ଜେଲର ସୁରକ୍ଷାବଳୟରୁ ୨ ଜଣ ବିହାର ଅପରାଧୀ ଚମ୍ପଟ ମାରିବା ଭଳି ଖବର ସହ ରାଜ୍ୟରେ ପୁଲିସ ଏସଆଇ ନିଯୁକ୍ତି ପଛରେ ବିପୁଳ ଆର୍ଥିକ କାରବାରକୁ ସଂଯୋଗ କରିଦେଲେ ମନେ ହେବ ସବୁକିଛି ଠିକ୍ ଠାକ୍ ଚାଲିନି। ଚୌଦ୍ୱାର କାରାଗାର ସଂପର୍କରେ ଜେଲ ଡିଆଇଜିଙ୍କ ରିପୋର୍ଟକୁ ଅନୁଶୀଳନ କଲେ ଅସୁରକ୍ଷିତ ବାତାବରଣ ନେଇ ସରକାରଙ୍କ ଅସହାୟତା ବାରି ହୋଇ ପଡ଼ିବ। ଏହା ଶାସନଗତ ଅକ୍ଷମତା ଓ ଅପାରଗତାର ନିଦର୍ଶନ କୁହାଯାଇ ପାରେ। ●

# ଭାରତ-ମଙ୍ଗୋଲିଆ ସମ୍ପର୍କ: ସହଯୋଗର ନୂତନ ଦିଗ

ଡକ୍ଟର ସୁଶାନ୍ତ କୁମାର ପରିଡ଼ା




ଭୌଗୋଳିକ ଦୃଷ୍ଟିକୋଣରୁ ଭାରତ ଓ ମଙ୍ଗୋଲିଆ ଅନେକ ମାଇଲ ଦୂରରେ ଅବସ୍ଥିତ। ତେଣୁ ମନେ ହୁଏ ଯେ ସେମାନଙ୍କ ମଧ୍ୟରେ ମାନସିକ କିମ୍ବା ସାଂସ୍କୃତିକ ସଂଯୋଗ କମ୍ ଥିବ। କିନ୍ତୁ ଇତିହାସ ଅନ୍ୟ କିଛି କହେ। ଏହି ଦୁଇ ଦେଶର ସମ୍ପର୍କର ଭିତ୍ତି ରହିଛି ଧର୍ମ ଓ ଦର୍ଶନରେ, ବିଶେଷକରି ବୌଦ୍ଧଧର୍ମରେ। ଏହି ଆଧ୍ୟାତ୍ମିକ ଯୋଗ ଏବେ ଆସି ୭୦ ବର୍ଷର ରାଜନୈତିକ ଯାତ୍ରାରେ ରଣନୈତିକ ସହଯୋଗର ଆକାର ନେଇଛି। ଚଳିତ ମାସ ଅକ୍ଟୋବର ୧୩ ରୁ ୧୬ ପର୍ଯ୍ୟନ୍ତ ମଙ୍ଗୋଲିଆର ରାଷ୍ଟ୍ରପତି ଉଖନା ଖୁରେଲସୁଖଙ୍କ ଭାରତ ଭ୍ରମଣ ଏହି ଦୀର୍ଘସମ୍ପର୍କରେ ଏକ ନୂଆ ଅଧ୍ୟାୟ ଲେଖିଛି। ଏହି ସମୟରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ ରାଜିନାମା ସ୍ୱାକ୍ଷର ହୋଇଛି, ଯାହା ଶିକ୍ଷା, ଶକ୍ତି, ଡିଜିଟାଲ ପ୍ରଯୁକ୍ତି, ସଂସ୍କୃତି, ଖଣିଜ ଓ ସୁରକ୍ଷା ସହଯୋଗରେ ନୂତନ ପଥ ଖୋଲିଛି। ଏଥିରୁ ଜଣାଯାଉଛି ଯେ ସମ୍ପର୍କ କେବଳ ଆଧ୍ୟାତ୍ମିକ ନୁହେଁ, ଏହା ଏବେ ବହୁବିଧ ଦ୍ୱିପାକ୍ଷିକ ସହଯୋଗର ନୂଆ ଅଧ୍ୟାୟ ଗଢ଼ିବାକୁ ଯାଉଛି।

ଭାରତ-ମଙ୍ଗୋଲିଆକୁ ବାନ୍ଧି ରଖିଥିବା ଆତ୍ମିକ ସେତୁ ହେଉଛି ବୌଦ୍ଧ ଧର୍ମ। ଭାରତରୁ ଉତ୍ପତ୍ତି ବୌଦ୍ଧ ଧର୍ମ ମଙ୍ଗୋଲିଆର ଆତ୍ମାର ଅଂଶ। ଆଜି ମଧ୍ୟ ମଙ୍ଗୋଲିଆର ଅଧିକାଂଶ ଜନତା ବୌଦ୍ଧ ଧର୍ମାନୁସାରୀ ଏବଂ ଭାରତର ବୌଦ୍ଧ ପବିତ୍ର ସ୍ଥଳୀମାନଙ୍କୁ ନିଜ ସଂସ୍କୃତିର ଅଂଶ ଭାବେ ସମ୍ମାନ କରନ୍ତି। ଗୌତମ ବୁଦ୍ଧଙ୍କ ଦୁଇ ଶିଷ୍ୟ ସାରିପୁତ୍ତ ଓ ମୌଦ ଗଲାୟାନଙ୍କ ପବିତ୍ର ଅସ୍ଥି ଅବଶେଷ ୨୦୨୬ରେ ମଙ୍ଗୋଲିଆକୁ ପଠାଯିବାର ଯୋଜନା ରହିଛି। ଏହି ପଦକ୍ଷେପ ଭାରତର ବୈଦେଶିକ ନୀତିକୁ ଆହୁରି ସୁଦୃଢ଼ କରୁଛି।

ମଙ୍ଗୋଲିଆ ଚୀନ୍ ଓ ରୁଷିଆ ମଧ୍ୟରେ ଅବସ୍ଥିତ ଏକ ଭୂ-ଆବଦ୍ଧ ଦେଶ। ଏହାର ଭୌଗୋଳିକ ସ୍ଥିତି ଏକ ସୁଯୋଗ ଓ ଆହ୍ୱାନ ସୃଷ୍ଟି କରେ। ଚୀନ୍ ମଙ୍ଗୋଲିଆର ସର୍ବାଧିକ ବ୍ୟବସାୟିକ ସାଥୀ ହେଲେ ମଧ୍ୟ ମଙ୍ଗୋଲିଆର ବିଦେଶ ନୀତି - 'ଥାର୍ଡ ନେଇବର'(ତୃତୀୟ ପଡ଼ୋଶୀ) ମାଧ୍ୟମରେ ଭାରତ, ଜାପାନ ଓ ଆମେରିକା ଭଳି ଦେଶମାନଙ୍କ ସହ ସମତୁଳିତ ସମ୍ପର୍କ ଗଢ଼ିବାକୁ ଚାହୁଁଛି। ଭାରତ ପାଇଁ ମଙ୍ଗୋଲିଆ ଉତ୍ତର-ଏସିଆର ପ୍ରବେଶ ଦ୍ୱାର, ଯେଉଁଠି ରାଜନୈତିକ ସଂଲଗ୍ନତା ଓ ରଣନୀତିକ ସମତୁଳନ ଏକାଧାରରେ ଚାଲିଛି। ଭାରତର 'ଆକ୍ଟ ଇଷ୍ଟ ପଲିସି' ଓ 'କନେକ୍ଟ ସେଣ୍ଟ୍ରାଲ୍ ଏସିଆ' ନୀତି ମଙ୍ଗୋଲିଆର ବୈଦେଶିକ ନୀତି ସହ ସାମଞ୍ଜସ୍ୟ ରଖେ। ଏହି ଭାବେ ଦୁଇଦେଶ ମିଳିତ ଭାବରେ ଏକ ଶାନ୍ତିପୂର୍ଣ୍ଣ ଓ ବହୁଧ୍ରୁବୀୟ ଏସିଆ ଗଢ଼ିବା ଦିଗରେ ବ୍ରତୀ ଅଛନ୍ତି। ଉତ୍ତର-ଏସିଆରେ ନିଜ ଉପସ୍ଥିତି ଜାହିର କରିବା ଏବଂ ଚୀନ୍‌କୈନ୍ଦ୍ରିକ ରାଜନୈତିକ ଆଧିପତ୍ୟକୁ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିହତ କରିବା ଦିଗରେ ଭାରତ ପାଇଁ ଏହା ଏକ ସୁଯୋଗ।

ଭାରତ-ମଙ୍ଗୋଲିଆ ସମ୍ପର୍କର ସବୁଠାରୁ ପ୍ରତୀକାତ୍ମକ ଅଭିନବ ପ୍ରକଳ୍ପ ହେଉଛି ଡର୍ନୋଗୋଭି ତୈଳ ବିଶୋଧନାଗାର, ଯାହା ଭାରତର ୧.୭ ବିଲିୟନ୍ ଡଲାର ଲାଇନ୍ ଅଫ୍ କ୍ରେଡିଟ୍‌ରେ ନିର୍ମାଣ ହେଉଛି। ଏହି ପ୍ରକଳ୍ପ ୨୦୨୮ ରେ ସମାପ୍ତ ହେଲେ, ମଙ୍ଗୋଲିଆ ପାଇଁ ଏହା ଉର୍ଜା ସ୍ୱାଧୀନତାର ପ୍ରଥମ ପଦକ୍ଷେପ ହେବ। ଚୀନ୍ ଓ ରୁଷିଆ ଉପରେ ନିର୍ଭରଶୀଳତାରୁ ମୁକ୍ତ ହୋଇ ଅର୍ଥନୈତିକ ସ୍ୱତନ୍ତ୍ରତା ମିଳିବ। ଏହାସହିତ, ଦୁଇ ଦେଶ ଡିଜିଟାଲ ଟେକ୍ନୋଲୋଜି, ଶିକ୍ଷା, ଖଣିଜ ସମ୍ପଦ ଓ ପୁନର୍ନବୀକରଣ ଶକ୍ତି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ତ୍ୱରାନ୍ୱିତ କରିଛନ୍ତି। ଭାରତୀୟ ଆଇଟି କମ୍ପାନୀ ଓ ଶିକ୍ଷା ସଂସ୍ଥାଗୁଡ଼ିକ ମଙ୍ଗୋଲିଆରେ ନିଜ ଉପସ୍ଥିତି ବୃଦ୍ଧି କରୁଛନ୍ତି, ଯାହା 'ଡିଜିଟାଲ ଡିପ୍ଲୋମେସି'ର ନୂତନ ଆକାର।

୨୦୦୪ ଠାରୁ ଚାଲୁଥିବା 'ନୋମାଡିକ୍ ଏଲିଫ୍ୟାଣ୍ଟ'ଯୁକ୍ତ ସେନା ଅଭ୍ୟାସ ଭାରତ-ମଙ୍ଗୋଲିଆ ରକ୍ଷା ସମ୍ପର୍କର ଭିତ୍ତିସ୍ତମ୍ଭ। ୨୦୨୫ର ସଂସ୍କରଣରେ ସାଇବର ସୁରକ୍ଷା ଓ ସୀମା ବଳ ପ୍ରଶିକ୍ଷଣକୁ ଯୋଡ଼ାଯାଇଛି। ଭାରତ ମଙ୍ଗୋଲିଆନ ନାଗରିକଙ୍କ ପାଇଁ ନିଃଶୁଳ୍କ ଭିସା ଆରମ୍ଭ କରିଛି, ଯାହା ଆଧ୍ୟାତ୍ମିକ ପର୍ଯ୍ୟଟନ, ଶିକ୍ଷା ଓ ଲୋକସଂଯୋଗକୁ ବଢ଼ାଇବ। ଲଦାଖ ସ୍ୱୟଂଶାସିତ ପରିଷଦ ଓ ମଙ୍ଗୋଲିଆର ଆରଖାଙ୍ଗାଇ ପ୍ରାନ୍ତ ମଧ୍ୟରେ ହୋଇଥିବା ବୌଦ୍ଧ ସାଂସ୍କୃତିକ ସହଯୋଗ ଦୁଇ ଦେଶର ଆଧ୍ୟାତ୍ମିକ ଓ ସାମାଜିକ ସମ୍ପର୍କକୁ ଆହୁରି ନିବିଡ଼ କରୁଛି। ଏହା ଏକ ଜନକୈନ୍ଦ୍ରିକ କୂଟନୀତି, ଯେଉଁଠି ମାନବିକ ସମ୍ପର୍କ ବୈଦେଶିକ ରଣନୀତିକୁ ଶକ୍ତି ଦେଉଛି।

ଆଞ୍ଚଳିକ ପରିପ୍ରେକ୍ଷାପଟରେ ଭାରତ-ମଙ୍ଗୋଲିଆ ସମ୍ପର୍କ ଅଧିକ ଗୁରୁତ୍ୱ ବହନ କରେ। ଚୀନ୍ ଯେପରି ଏସିଆରେ ନିଜ ପ୍ରଭାବକ୍ଷେତ୍ର ବିସ୍ତାର କରୁଛି ଏବଂ ରୁଷିଆ ଏକ ପୁରୁଣା ସାମ୍ରାଜ୍ୟ ଭାବେ ନିଜ ସ୍ଥାନ ରକ୍ଷା କରୁଛି, ସେହି ଦୃଷ୍ଟିରୁ ଭାରତ-ମଙ୍ଗୋଲିଆ ସମ୍ପର୍କ ଏକ ଶାନ୍ତି ଆଧାରିତ ରଣନୈତିକ ବିକଳ୍ପ ଭାବେ ଆତ୍ମପ୍ରକାଶ କରିଛି। ଭାରତ ଏକ ବିଶ୍ୱାସଯୋଗ୍ୟ ଗଣତାନ୍ତ୍ରିକ ସହଯୋଗୀ ଭାବେ ଉତ୍ତର-ଏସିଆରେ ନୂତନ ନେତୃତ୍ୱ ନେଉଛି, ଯେଉଁଠି ମଙ୍ଗୋଲିଆ ସହ ଆଧ୍ୟାତ୍ମିକ ସଂଯୋଗ ରଣନୀତିକ ସମ୍ପର୍କକୁ ଗଭୀର କରୁଛି। କିପରି ଧର୍ମ, ଦର୍ଶନ ଓ ରାଜନୀତି ଏକସଙ୍ଗରେ ଚାଲିପାରେ, ଭାରତ-ମଙ୍ଗୋଲିଆ ସମ୍ପର୍କ ତାହାର ଏକ ଉତ୍ତମ ଉଦାହରଣ। ଏହି ସମ୍ପର୍କ ଭାରତର ବସୁଧୈବ କୁଟୁମ୍ବକମ୍ ଦୃଷ୍ଟିକୋଣର ପ୍ରତୀକ, ଯେଉଁଠି ଆଧ୍ୟାତ୍ମିକ ମୂଲ୍ୟ ଓ ରଣନୀତିକ ବାସ୍ତବତା ଏକ ସାଧାରଣ ସୂତ୍ରରେ ଗଢ଼ିଉଠିଛି। ୭୦ ବର୍ଷର ଏହି ସମ୍ପର୍କ ଭାରତ ଓ ମଙ୍ଗୋଲିଆ ପାଇଁ କେବଳ ଇତିହାସ ନୁହେଁ, ଭବିଷ୍ୟତ ସଂକଳ୍ପର ଭିତ୍ତି।

ମଙ୍ଗୋଲିଆ-ଭାରତ ସମ୍ପର୍କର ନୂତନ ପରିଚୟ କେବଳ ରାଜନୈତିକ କିମ୍ବା ଆର୍ଥିକ ସଂଯୋଗରେ ସୀମିତ ନୁହେଁ। ଏହା ଭୌଗୋଳିକ ସମତୁଳନ, ଆଧ୍ୟାତ୍ମିକ ଶକ୍ତି, ଉର୍ଜା ଓ ଅର୍ଥନୀତିକ ସହଯୋଗ, ସୁରକ୍ଷା ଓ ସାଂସ୍କୃତିକ ସଂଯୋଗର ସମ୍ମିଳିତ ରୂପ। ମଙ୍ଗୋଲିଆ ଛୋଟ ଦେଶ ହେଲେ ମଧ୍ୟ ତାଙ୍କର ସ୍ଥାନ, ସାମରିକ ଶକ୍ତି ଓ ସାଂସ୍କୃତିକ ପରମ୍ପରା ଭାରତ ପାଇଁ ମହତ୍ତ୍ୱପୂର୍ଣ୍ଣ। ଏହି ସଂଯୋଗର ନୂତନ ଅଧ୍ୟାୟ ଏକ ପ୍ରତୀକ ଯେ ଛୋଟ ଦେଶ ମଧ୍ୟ ଜ୍ଞାନ, ସଂସ୍କୃତି, ଧର୍ମ ଓ ରଣନୀତିକ ସମର୍ଥନ ମାଧ୍ୟମରେ ବିଶ୍ୱରେ ମହତ୍ତ୍ୱ ରଖିପାରିବ। ଏହି ସମ୍ପର୍କ ଦୃଢ଼ ରହିଲେ, ଏକ ଛୋଟ ଦେଶ ମଧ୍ୟ ମହାଶକ୍ତି ସହିତ ସମାନ ଭାବରେ ଆଲୋଚିତ ହୋଇପାରିବ। ●

(ବିଭାଗୀୟ ମୁଖ୍ୟ, ଲୋକନାଥ ମହାବିଦ୍ୟାଳୟ)
ପାଟକୁରା(କେନ୍ଦ୍ରାପଡ଼ା),
ମୋ: ୯୪୩୭୨୧୦୪୫୮

# ଗଣତନ୍ତ୍ର ଓ ଗଣଚେତନା

ଡ ଚନ୍ଦ୍ରକଳା ନାୟକ




ଦୁଇଶହ ବର୍ଷ ତଳେ ସଂଗଠିତ ଫରାସୀ ବିପ୍ଳବର ମୂଳ ଲକ୍ଷ୍ୟ ଥିଲା ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱ ପ୍ରତିଷ୍ଠା। ସାରା ପୃଥିବୀରେ ରାଜତନ୍ତ୍ର ବିରୋଧରେ ନୂଆ ପଥ ଯୋଗାଇ ଦେଇଥିଲା ଏଇ ତିନୋଟି ଶବ୍ଦ। ଶାସନତନ୍ତ୍ରରେ ପରିବର୍ତ୍ତନ ହେଲା। ରାଜତନ୍ତ୍ର ଶାସନରୁ ମୁକ୍ତ ହୋଇ ଗଣତନ୍ତ୍ର ପ୍ରତିଷ୍ଠା ହେଲା। ଗଣତନ୍ତ୍ର ଶାସନରେ ଶାସନ ଓ ଶାସିତ ଏକ ଓ ଅଭିନ୍ନ। ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଲାଭ କରିବା ସଙ୍ଗେ ସଙ୍ଗେ ସମଷ୍ଟିଗତ ପ୍ରଗତି ହିଁ ଏ ଶାସନର ମୂଳ ଲକ୍ଷ୍ୟ।

ଲୋକପ୍ରତିନିଧି ମନୋନୟନ ଗଣତନ୍ତ୍ରର ମେରୁଦଣ୍ଡ। ଯେଉଁ ଦେଶର ଲୋକ ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ, ନିଜ ନାଗରିକ ଅଧିକାର ଓ ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ, ସେ ଦେଶମାନଙ୍କରେ ଗଣତନ୍ତ୍ର ସେତେ ସୁଦୃଢ଼। ଦୋଷଗୁଣ, କାର୍ଯ୍ୟକଳାପ, ଚିନ୍ତାଧାରା, ମାନସିକ ଦୃଷ୍ଟିକୋଣ, ସାଧୁତା, ସଚ୍ଚୋଟପଣିଆ ଓ ଦକ୍ଷତା ସମ୍ବନ୍ଧରେ ବ୍ୟକ୍ତିଗତ ଭାବରେ ଜ୍ଞାନ ସଂଗ୍ରହ କରି ଉପଯୁକ୍ତ ପ୍ରତିନିଧି ବାଛିବା ପ୍ରତ୍ୟେକ ଭୋଟରଙ୍କ କର୍ତ୍ତବ୍ୟ। ଆମ ଦେଶର ଅଭିଜ୍ଞତାରୁ ମନେ ହୁଏ, ଏହା ଆଲୋଚନା କରିବା କେବଳ ତାତ୍ତ୍ୱିକ ଓ ପୋଥିଗତ। ଛୁଆଁ ଅଛୁଆଁର ପୀଠସ୍ଥଳୀ ଭାରତ ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ବହୁପଛରେ। ପୁଞ୍ଜିପତିର ବିଶାଳ ପ୍ରାସାଦ ଓ ଭିକାରିର ପତ୍ରକୁଡ଼ିଆ ମଧ୍ୟରେ ଅର୍ଥନୈତିକ ସମତାର ଆଶା କେବଳ କଳ୍ପନା ବିଳାସ। କୁସଂସ୍କାରପୂର୍ଣ୍ଣ ସାଧାରଣ ଶିକ୍ଷା ବିହୀନ ସମାଜରେ ବ୍ୟକ୍ତିଗତ ଅଧିକାର 'ଆକାଶ କୁସୁମ ଚିଲିକା ମାଛ' ପରି ସ୍ୱପ୍ନିଳ।

ଯେଉଁ ଦେଶର ନାଗରିକ ନିଜ ଅଧିକାର ଓ କର୍ତ୍ତବ୍ୟ ଜ୍ଞାନ ସମ୍ବନ୍ଧରେ ଅଜ୍ଞ, ସେ ଦେଶମାନଙ୍କରେ ଗୁଣ ଅପେକ୍ଷା ଅପପ୍ରଚାର ବିଶେଷ କାମ କରେ। ବହୁବିଧ ଅସମାନତା ତଥା ଉପେକ୍ଷାକୁ ସାମୂହିକ ଜୀବନରେ ମୁଖ୍ୟ ମୀମାଂସକ ରୂପେ ଯୋଡ଼ି ରଖିଥିବା ସ୍ୱାର୍ଥୀପକ୍ଷଟି ସର୍ବଦା କ୍ଷମତା ଦଖଲ କରି ଆପଣାର ବିଶେଷ ସ୍ୱାର୍ଥ ସାଧନରେ ବ୍ୟବହାର କରିଆସିଛନ୍ତି। ପୃଥିବୀରେ ଶାସନସ୍ତରୀୟ ଗଢ଼ଣଗୁଡ଼ିକ ରାଜତନ୍ତ୍ରରୁ ଗଣତନ୍ତ୍ର ଚେହେରାକୁ ବଦଳି ଯାଇଥିଲେ ମଧ୍ୟ ପୁରୁଣା ସ୍ୱାର୍ଥୀମାନେ ପୂର୍ବପରି ସକ୍ରିୟ ହୋଇ ରହୁଛନ୍ତି। ଦେଶର ଅଶିକ୍ଷା, ଦାରିଦ୍ର୍ୟ, ରୋଗ ପ୍ରପୀଡ଼ିତ ବ୍ୟବସ୍ଥା କୋଟି କୋଟି ମନୁଷ୍ୟଙ୍କ ଭାଗ୍ୟକୁ କାମୁଡ଼ି ଧରିଛି।

ଭାରତର ଗଣତନ୍ତ୍ରର ପ୍ରଥମ କାଳରେ ବିପ୍ଳବୀମାନଙ୍କର ଯେଉଁ ଆଭିମୁଖ୍ୟ ଥିଲା, ପରବର୍ତ୍ତୀ ସମୟରେ ବଦଳିଗଲା। ସମଗ୍ର ଭାରତ ଭୂଖଣ୍ଡରୁ ଶୋଷଣ ଓ ଯାବତୀୟ ଆନୁସଙ୍ଗିକ ଅସମାନତାକୁ ଦୂର କରିବାର ସେହି ପ୍ରଥମ ଲକ୍ଷ୍ୟଟି ଧୀରେ ଧୀରେ ଗୌଣ ହୋଇଗଲା। ଗଣତନ୍ତ୍ର ଶାସନର ସଫଳ ପ୍ରତିଫଳନ ମରୀଚିକା ପରି ହାତଛଡ଼ା ହେଲା। କେବଳ କ୍ଷମତା ଲୋଭରେ ଜନପ୍ରତିନିଧି ହେବାର ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ ହେଲା। ବାଜା ବଜାଇ, ନାଚ ଗୀତ କରି, ସଭା ସମିତିରେ ଛାତି ପିଟି ବାହୁସ୍ଫୋଟ ମାରି, ମିଛ ପ୍ରତିଶ୍ରୁତି ଛାଡ଼ି, ଧନ ଆଶ୍ରୟ ନେଇ, ଲୋକଙ୍କୁ ଭୟ ଦେଖାଇ, ଅପପ୍ରଚାର ବଳରେ କଳାକୁ ଧଳା ଓ ଧଳାକୁ କଳା କରିବାକୁ ଚେଷ୍ଟା ଆରମ୍ଭ ହୋଇଗଲା।

ସାଧାରଣ ଜନତା ଯେତେବେଳେ ଭଲ ମନ୍ଦ ଚିହ୍ନିବାର ଯୋଗ୍ୟତା ହରାଇ ବସନ୍ତି, ସେଠାରେ ଅପପ୍ରଚାରର ହିଁ ଜୟ ହୁଏ। ଆଜି ଆମ ଦେଶରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ସଜ ମାଛରେ ବି ପୋକ ପକାଇପାରିବେ। ତା' ସାଙ୍ଗକୁ ପ୍ରଚାରପତ୍ର, କାନ୍ଥବାଡ଼ ଲେଖା, ଆଧୁନିକ ସଙ୍ଗୀତ, ସିନେମା, ରେଡିଓ, ସଭାସମିତି, ଶୋଭାଯାତ୍ରା ଓ ଡିଜିଟାଲ ମାଧ୍ୟମରେ ଅନେକ ନୂତନ ଆଧୁନିକ ଢଙ୍ଗରେ ଏହି ପ୍ରଚାର ଅସ୍ତ୍ର ସାଧାରଣ ଆଖିକୁ ଚମକାଇ ଦେଉଛି। ଯେଉଁଠାରେ ଶିକ୍ଷିତ ଭୋଟର ଉଦାସୀନ, ସେହିଠାରେ ଅନେକ କ୍ଷେତ୍ରରେ କେବଳ ଅପପ୍ରଚାର ଦ୍ୱାରା ଜନପ୍ରତିନିଧିମାନଙ୍କ ଜୟ ହୋଇଥାଏ। ଏହିପରି ଅସତ ଉପାୟରେ, ଅପପ୍ରଚାର ଶକ୍ତି ବଳରେ ଜିଣିଥିବା ଗୁଣହୀନ ଓ ନୀତିହୀନ କେତେକ ଜନପ୍ରତିନିଧି ନିଜ ହାତରେ କ୍ଷମତା ପାଇ ଦେଶର ଗରୀବ ଜନତାଙ୍କ ମଧ୍ୟରେ ସୀମିତ ସୁବିଧା ବାଣ୍ଟିବା ମାଙ୍କଡ଼ ଓ ଦୁଇ ବିରାଡ଼ିଙ୍କ ମଧ୍ୟରେ ପିଠା ବାଣ୍ଟିବା ନ୍ୟାୟରେ ଚାଲିଛି। ତରାଜୁର ଦୁଇପଟ ଖାଲି ହେବା ପରେ ବିଚରା ଜନତା ଜନାର୍ଦ୍ଦନ ଜଳକା ରହିବା ହିଁ ସାର ହେଉଛି। ଆଜିକାଲିର ଜନପ୍ରତିନିଧି ଠିକ 'ବାଉଁଶରାଣୀ'ର ଖେଳ ପରି ଦିଗ ପରିବର୍ତ୍ତନ ବି କରୁଛନ୍ତି। ଥରେ ଏହି ଖେଳ ଭାଙ୍ଗିଗଲେ ପୁଣି ନୂଆ ଅଭିନୟ ଆରମ୍ଭ ହେଉଛି, ଠିକ ପୂର୍ବପରି ଢଙ୍ଗରେ। ଫରକ ଏତିକି, ସେଇ ଜନତା, ସେଇ ନେତା, ସେଇ ଖେଳ, ସେଇ ଭ୍ରଷ୍ଟାଚାର। ବ୍ୟବଧାନ କେବଳ ସମୟ। ଯେଉଁ ଲୋକପ୍ରତିନିଧି କିଛି ଅର୍ଥ, ଉପହାର, ଭୋଜିଭାତ ଦ୍ୱାରା ଜନତାଙ୍କ ମୁଣ୍ଡ କିଣିଥାଏ ସେହି ପ୍ରତିନିଧି କିପରି ସଚ୍ଚୋଟପଣିଆକୁ ଆପଣେଇ ପାରିବ ଗଣତନ୍ତ୍ର ବା ଏଥିପାଇଁ ଦୋଷୀ କାହିଁକି ହେବ?

ଗଣତନ୍ତ୍ର ଶ୍ରେଷ୍ଠ ଶାସନ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ। କଥାରେ ଅଛି, ଯିଏ ଯେଉଁ ଶାସନ ପାଇଁ ଉପଯୁକ୍ତ, ସେ ତାହା ହିଁ ପାଏ। ଆଜି ପ୍ରତ୍ୟେକ ଜନସାଧାରଣ ସେମାନଙ୍କ ଅବସ୍ଥା ପାଇଁ ନିଜେ ହିଁ ଦାୟୀ। ଆତ୍ମସମୀକ୍ଷା ନକରି ଗଣତନ୍ତ୍ରକୁ ଦୋଷ ଦେବା ଆଦୌ ଗ୍ରହଣୀୟ ନୁହେଁ। ଅର୍ଥ, ଖାଦ୍ୟ, ପଦପଦବୀ ଲାଳସାରେ ଆଜି ସାଧାରଣ ଜନତା ନିଜେ ନିଜ ବିବେକକୁ ବନ୍ଧା ପକାଇବା ହିଁ ଗଣତନ୍ତ୍ର ପାଇଁ ସଙ୍କଟ ସୃଷ୍ଟି କରୁଛି। ଗଣଶିକ୍ଷା ଓ ଗଣଚେତନାକୁ ଜାଗ୍ରତ ନକରି ପାରିବା ଆମମାନଙ୍କର ପ୍ରଥମ ଦୁର୍ବଳତା। ●

(ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ)
ଛତିଆ, ମୋ: ୯୪୩୭ ୯୫୭ ୬୧୭

# ପୁତନା ମନ୍ଦିର

## ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ପୌରାଣିକ କଥା ଅନୁସାରେ ପୁତନା ପୂର୍ବଜନ୍ମରେ ଦାନବୀର ରାଜା ବଳିଙ୍କ ପୁତ୍ରୀ ରତ୍ନମାଳା ଭାବେ ଜନ୍ମ ନେଇଥିଲେ। ବଳି ବଧ ପାଇଁ ଶ୍ରୀବିଷ୍ଣୁ ଗ୍ରହଣ କରିଥିବା ବାମନ ଅବତାର ଦର୍ଶନ କରି ତାଙ୍କୁ ପୁତ୍ର ଭାବେ ପ୍ରାପ୍ତ କରିବା ପାଇଁ ରତ୍ନମାଳା ବରଦାନ ମାଗିଥିଲେ। ରତ୍ନମାଳାଙ୍କ ବାତ୍ସଲ୍ୟ ଭକ୍ତିରେ ସନ୍ତୁଷ୍ଟ ହୋଇ ଶ୍ରୀବିଷ୍ଣୁ ବରଦାନ ଦେଇଥିଲେ ଯେ, ଦ୍ୱାପର ଯୁଗରେ ସେ ବାଳକୃଷ୍ଣଙ୍କ ମାତା ହେବାର ସୌଭାଗ୍ୟ ଲାଭ କରିବେ। ତେଣୁ ପୁତନା କିଛିକ୍ଷଣ ପାଇଁ ବାଳକୃଷ୍ଣଙ୍କୁ ମାତା ଭାବେ ସ୍ତନ୍ୟପାନ କରାଇବାର ସୁଯୋଗ ଲାଭ କରିଥିଲେ।

ଦ୍ୱାପର ଯୁଗରେ ବାଳକୃଷ୍ଣଙ୍କୁ ବଧ କରିବା କଂସ ପୁତନା ନାମ୍ନୀ ରାକ୍ଷସୀକୁ ଗୋପପୁର ପଠାଇଥିଲା। ପୁତନା ରୂପସୀର ଛଦ୍ମବେଶ ଧାରଣ କରି ଆସିଥିଲା। ଶ୍ରୀକୃଷ୍ଣଙ୍କୁ ମର୍ତ୍ତ୍ୟମଣ୍ଡଳରେ ଦର୍ଶନ କରିବା ସହିତ ବାଳକୃଷ୍ଣଙ୍କୁ ସ୍ତନ୍ୟପାନ କରିବାକୁ ସୁଯୋଗ ଦେବାକୁ ସେ ମାତା ଯଶୋଦାଙ୍କୁ ଅନୁରୋଧ କଲେ। ମାତା ଯଶୋଦା ବାଳକୃଷ୍ଣଙ୍କୁ ପୁତନାଙ୍କ କୋଳକୁ ଦେଇଥିଲେ। ପୁତନା ତାଙ୍କ ସ୍ତନରେ ଥିବା କାଳକୂଟ ବିଷ ଦ୍ୱାରା ବାଳକୃଷ୍ଣଙ୍କ ବଧ କରିବେ ବୋଲି ଯୋଜନା କରିଥିଲେ। କିନ୍ତୁ ବାଳକୃଷ୍ଣ କ୍ଷୀର ସହ ପୁତନାଙ୍କ ପ୍ରାଣ ହରଣ କରି ନେଲେ। ଏହାପରେ ରାକ୍ଷସୀ ପୁତନା ଚିତ୍କାର କରି ନିଜ ବିକଟାଳ ରୂପ ଧାରଣ କରି ମୃତ୍ୟୁବରଣ କଲେ। ଗୋପପୁରବାସୀ ଏହା ଦେଖିବା ପରେ ଭୟଭୀତ ହେବା ସହିତ ବାଳକୃଷ୍ଣଙ୍କୁ ପୁତନାଙ୍କ ଛାତି ଉପରୁ ଉଠାଇ ଆଣିଲେ ଏବଂ ପୁତନାଙ୍କ ଦାହ ସଂସ୍କାର କରିଥିଲେ। ଶ୍ରୀକୃଷ୍ଣଙ୍କ ସ୍ପର୍ଶ ପାଇଥିବାରୁ ସଂସ୍କାର ସମୟରେ ପୁତନାଙ୍କ ଶରୀରରୁ ଚନ୍ଦନର ସୁଗନ୍ଧ ବାହାରିଥିଲା। ତେଣୁ ପୁତନାଙ୍କୁ ଗୋପବାସୀ ଦେବୀତୁଲ୍ୟ ବିଚାର କରିଥିଲେ। ଯେଉଁ ସ୍ଥାନରେ ପୁତନା ମୋକ୍ଷ ଲାଭ କରିଥିଲେ, ସେହି ସ୍ଥାନରେ ପୁତନାଙ୍କ ମନ୍ଦିର ନିର୍ମାଣ କରାଯାଇଛି। ଏହି ମନ୍ଦିରରେ ବର୍ତ୍ତମାନ ସମୟରେ ମଧ୍ୟ ବିଧିବିଧାନର ସହିତ ପୂଜାର୍ଚ୍ଚନା କରାଯାଏ। ବିଶେଷ ଭାବେ ସନ୍ତାନମାନଙ୍କର ମଙ୍ଗଳକାମନା କରି ସେଠାରେ ପୁତନାଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥା'ନ୍ତି।

ଉତ୍ତରପ୍ରଦେଶର ମଥୁରା(ଗୋପପୁର) ଅନ୍ତର୍ଗତ ମହାବନ୍ ଅଞ୍ଚଳରେ ପୁତନା ମନ୍ଦିର ଅଛି। ଏଠାରେ ରାକ୍ଷସୀ ରୂପରେ ପୁତନାଙ୍କର ଏକ ବିଶାଳ ଶୟନମୁଦ୍ରାର ପ୍ରତିମା ରହିଛି, ଯାହାର ଛାତି ଉପରେ ବାଳକୃଷ୍ଣ ସ୍ତନ୍ୟପାନ କରୁଥିବା ଦେଖାଯାଏ। ସେଠାରେ ପୁତନାଙ୍କୁ ମା' ରୂପରେ ପୂଜା କରାଯାଉଛି। ଯମୁନା ତଟବର୍ତ୍ତୀ ଏହି ମନ୍ଦିର 'ପୁତନା ଉଦ୍ଧାର ସ୍ଥଳ' ଭାବେ ମଧ୍ୟ ପରିଚିତ। ପଶ୍ଚିମବଙ୍ଗ ଅଞ୍ଚଳରେ ଅନ୍ୟ ଏକ ପୁତନା ମନ୍ଦିର ରହିଥିଲେ ମଧ୍ୟ ମଥୁରାର ପୁତନା ମନ୍ଦିରକୁ ମୁଖ୍ୟ ମନ୍ଦିରର ମାନ୍ୟତା ମିଳିଛି। ପଶ୍ଚିମବଙ୍ଗର ହୁଗୁଳିଠାରେ ଥିବା ପୁତନା ମନ୍ଦିରକୁ 'ରାକ୍ଷସୀବାଡ଼ି' କୁହାଯାଏ। ଏଠାରେ ରାଧାକୃଷ୍ଣଙ୍କ ସହିତ ପୁତନାଙ୍କର ମୂର୍ତ୍ତି ପୂଜା ପାଇଥା'ନ୍ତି। ଅଧିକାରୀ ପରିବାରର ବହୁ ପୁରୁଣା ଘରେ ସ୍ଥିତ ଏହି ମନ୍ଦିରରେ କ୍ରମାଗତ ଚାରିପିଢ଼ି ଧରି ପୂଜା କରି ଆସୁଛନ୍ତି। ଏହି ମନ୍ଦିରରେ ମଧ୍ୟ ସନ୍ତାନମାନଙ୍କ କଲ୍ୟାଣାର୍ଥେ ପୂଜାର୍ଚ୍ଚନା କରାଯାଏ।

ଏତଦ୍‌ବ୍ୟତୀତ ଭାରତୀୟ ଚିକିତ୍ସା ପଦ୍ଧତି ଅନ୍ତର୍ଗତ କେତେକ ଗ୍ରନ୍ଥ ଓ ସୁଶ୍ରୁତ ସଂହିତାରେ ପୁତନାଙ୍କୁ କଳାବର୍ଣ୍ଣଯୁକ୍ତ, ବଡ଼ ଓ ଖୋଲା ପାଟି, ଆଗକୁ ବାହାରିଥିବା ଆସୁରିକ ଦାନ୍ତଯୁକ୍ତ, ଖୋଲା କେଶ, ମଇଳା ବସ୍ତ୍ର ପରିଧାନଯୁକ୍ତ, ଦେହରୁ ଦୁର୍ଗନ୍ଧ ବାହାରୁଥିବା ଏବଂ ଭଙ୍ଗାଘରେ ରହୁଥିବା ଶିଶୁରୋଗ ସୃଷ୍ଟିକାରୀ ଦୁଷ୍ଟ ମାତୃକାଗଣ ଓ ଗ୍ରାହିଣୀ ଭାବେ ବର୍ଣ୍ଣନା କରାଯାଇଛି। ତେଣୁ ପୁତନାଙ୍କ ଉଦ୍ଦେଶ୍ୟରେ ଗୋବର, ମାଛ, ଚାଉଳରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ, ପେଡ଼ା ହୋଇଥିବା ତେଲ ଓ ମଦିରା ଅର୍ପଣ କରି ଶିଶୁରୋଗ ମୁକ୍ତ କରିବା ପାଇଁ ଅନେକ ସ୍ତୁତି, ଶ୍ଳୋକ ଓ ପୂଜପଦ୍ଧତି ରହିଛି। ଆୟୁର୍ବେଦର ଏକ ଶାଖା 'କୁମାର ତନ୍ତ୍ର' ଅନୁସାରେ ଶିଶୁଙ୍କୁ ଦୁଗ୍ଧ ସମ୍ବନ୍ଧୀୟ ରୋଗର ଚିକିତ୍ସା ନିମନ୍ତେ ପୁତନାଙ୍କ ଉଦ୍ଦେଶ୍ୟରେ ସ୍ତୁତିପାଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। 'କୁମାରତନ୍ତ୍ର'ରେ ଉଲ୍ଲେଖ ଅଛି ଯେ, ଶିଶୁକୁ ଜନ୍ମର ତୃତୀୟ ଦିନ କିମ୍ବା ତୃତୀୟ ମାସ କିମ୍ବା ତୃତୀୟ ବର୍ଷ ଯାହା କିଛି ରୋଗ ହୁଏ, ତାହା କେବଳ ପୁତନା ଗ୍ରାହିଣୀ ପାଇଁ ହୋଇଥାଏ। ତେଣୁ ଆୟୁର୍ବେଦୀୟ ଅନୁଷ୍ଠାନ ଦ୍ୱାରା ପୁତନାଙ୍କ ପୂଜା କରି ଶିଶୁକୁ ରୋଗମୁକ୍ତ କରାଯାଏ। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୁଲିସର ବେପରୁଆ ପାର୍କିଂ ନେଲା ୨ ଜୀବନ

ବାହାନଗା, ୧୬।୧୦ (ସମିସ): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ପୁଲିସର ବେପରୁଆ କାର୍ଯ୍ୟ ପାଇଁ ଆଜି ୨ଟି ଜୀବନ ଅକାଳରେ ଝରିପଡ଼ିଥିବା ନେଇ ଅଭିଯୋଗ ହୋଇଛି। ଜାତୀୟ ରାଜପଥକୁ ଲାଗି ଥାନା ସମ୍ମୁଖରେ ପୁଲିସ ଜବତ ଗାଡ଼ି ପାର୍କିଂ କରୁଥିବାରୁ ଆଜି ଏପରି ଏକ ଅଘଟଣ ଘଟିଛି। ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଖବର ଲେଖା ହେବା ସୁଦ୍ଧା ମୃତାହତଙ୍କ ପରିଚୟ ମିଳିପାରିନାହିଁ।

ସୂଚନାନୁଯାୟୀ, ଖନ୍ତାପଡ଼ା ଥାନା ପରିସରରେ ପର୍ଯ୍ୟାପ୍ତ ଜାଗା ନ ଥିବାରୁ ପୁଲିସ ବିଭିନ୍ନ ସମୟରେ ଜବତ କରୁଥିବା ଦୁର୍ଘଟଣାଗ୍ରସ୍ତ ଏବଂ ଚୋରା ଲଘୁ ଖଣିଜ

## ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ୨ ସଂକଟାପନ୍ନ

ପଦାର୍ଥ ପରିବହନ ଗାଡ଼ିଗୁଡ଼ିକୁ ଥାନା ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥରେ ଛିଡ଼ା କରୁଛି। ଏପରିସ୍ଥଳେ ଗତ ୧୪ତାରିଖରେ ୨ଟି ବାଲି ଡମ୍ପର୍ ଏବଂ ଗୋଟିଏ ଟ୍ରାକ୍ଟର୍‌କୁ ଜବତ କରି ଥାନା ସମ୍ମୁଖ ରାସ୍ତା ଉପରେ ରଖିଥିଲା। ପୁରୀ ବୁଲିବାକୁ ଆସିଥିବା ପୂର୍ବମେଦିନୀପୁର ଅଞ୍ଚଳର ୪ଜଣ ଆଜି ଦିନ ପ୍ରାୟ ୧୧ଟାରେ ପଶ୍ଚିମବଙ୍ଗ ଅଭିମୁଖେ ଫେରୁଥିବା ବେଳେ ଉକ୍ତ ଡମ୍ପର୍‌କୁ ସେମାନଙ୍କ କାର୍‌ଟି ପଛରୁ ଧକ୍କା ଦେଇଥିଲା। ଏଥିରେ କାର୍‌ରେ ଥିବା ୪ ଜଣ ଗୁରୁତର ହୋଇଥିଲେ। ଆମ୍ବୁଲାନ୍ସରେ ସମସ୍ତଙ୍କୁ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଜଣେ ଯୁବକ ଏବଂ ଜଣେ ମହିଳାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଜଣେ ପୁରୁଷ ଏବଂ ଅନ୍ୟ ଜଣେ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ସଂକଟାପନ୍ନ ରହିଛି। ପୁଲିସ ଶବଦ୍ୱୟକୁ ଜବତ କରି ତଦନ୍ତ ଚଳାଇଛି। ପୁଲିସର ବେପରୁଆ ପାର୍କିଂ ପାଇଁ ୨ଜଣଙ୍କ ଜୀବନ ଯାଇଥିବାରୁ ସାଧାରଣରେ ପୁଲିସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି।

# ‘ଲଢ଼େଇ’ ରିଲିଜ୍‌ରେ ସେନସର୍ ରୋକ୍

ଭୁବନେଶ୍ୱର, ୧୬।୧୦ (ସମିସ): ନବାଗତ ଅଭିନେତାଙ୍କୁ ନେଇ ପ୍ରସ୍ତୁତ ଓଡ଼ିଆ ସିନେମା ‘ଲଢ଼େଇ’ର ରିଲିଜ୍‌କୁ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍ ଅଧୀନ ଓଡ଼ିଶା ସେନସର୍ ବୋର୍ଡ ସ୍ଥଗିତ କରିଛି। ଦୀପାବଳି ଉପଲକ୍ଷେ

- ସମୀକ୍ଷା ପାଇଁ ମୁମ୍ବାଇ ପଠାଗଲା
- ପକ୍ଷପାତ ଅଭିଯୋଗ ଆଣିଲେ ପ୍ରଯୋଜକ, ନିର୍ଦ୍ଦେଶକ

ଆସନ୍ତାକାଲି ଅର୍ଥାତ୍ ୧୭ତାରିଖରେ ରିଲିଜ୍ ହେବାକୁ ଥିବା ଏହି ସିନେମାରେ ମାତ୍ରାଧିକ ହିଂସାତ୍ମକ ଦୃଶ୍ୟ ଥିବା ଦର୍ଶାଇ ରାଜ୍ୟ ସେନସର୍ ବୋର୍ଡ ଏହାକୁ ‘ଏ’ ବର୍ଗର ସାର୍ଟିଫିକେଟ୍ ନ ଦେବା ସହ ଏହାର ସମୀକ୍ଷା ପାଇଁ ମୁମ୍ବାଇ ପଠାଇଛି। ଫଳରେ ସିନେମାର ରିଲିଜ୍ ସ୍ଥଗିତ ରହିଥିବା ସିନେମାର ପ୍ରଯୋଜକ, ନିର୍ଦ୍ଦେଶକ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସିନେମାର ମୁକ୍ତିଲାଭ ପାଇଁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ସେନସର୍ ବୋର୍ଡର ଏହି ନିଷ୍ପତ୍ତି ଦର୍ଶକଙ୍କୁ ନିରାଶ କରିଛି ବୋଲି କହିଛନ୍ତି ପ୍ରଯୋଜକ ଦେବାଶିଷ ପଟ୍ଟନାୟକ।

ସେ କହିଛନ୍ତି, ନିକଟ ଅତୀତରେ ମୁକ୍ତିଲାଭ କରିଥିବା ‘ଆନିମଲ୍’ ପରି ଅନେକ ହିନ୍ଦୀ ଏବଂ ଅନ୍ୟ ଭାଷାରେ ନିର୍ମିତ ଚଳଚ୍ଚିତ୍ରରେ ହିଂସାତ୍ମକ ଦୃଶ୍ୟ ରହିଛି। ଅତ୍ୟଧିକ ହିଂସା ଦୃଶ୍ୟ ଥିବା ସତ୍ତ୍ୱେ ହିନ୍ଦୀ, ତେଲୁଗୁ, କନ୍ନଡ଼ ଆଦି ଚଳଚ୍ଚିତ୍ର କେନ୍ଦ୍ର ସରକାରଙ୍କ ସେଣ୍ଟ୍ରାଲ



ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍‌ରୁ ଅନୁମତି ପାଇଛନ୍ତି। ଖାଲି ସେତିକି ନୁହେଁ, ଉକ୍ତ ଚଳଚ୍ଚିତ୍ରଗୁଡ଼ିକ ଆମ ରାଜ୍ୟର ଦର୍ଶକଙ୍କଠାରୁ କୋଟିକୋଟି ଟଙ୍କା ଆୟ ମଧ୍ୟ କରିଛନ୍ତି। ହେଲେ ସାମାନ୍ୟ ହିଂସା ଦୃଶ୍ୟ ପାଇଁ ଓଡ଼ିଆ ସିନେମା ‘ଲଢ଼େଇ’କୁ ‘ଏ’ ବର୍ଗର ସାର୍ଟିଫିକେଟ୍ ନଦେଇ ସମୀକ୍ଷା ପାଇଁ ମୁମ୍ବାଇ ପଠାଇ ଦିଆଯିବା ପ୍ରଯୋଜକ, ନିର୍ଦ୍ଦେଶକ, ଅଭିନେତାଙ୍କୁ ଆଶ୍ଚର୍ଯ୍ୟ ଓ ନିରାଶ କରିଛି।

ନିର୍ଦ୍ଦେଶକ ଅଶୋକ ପତି ପ୍ରଶ୍ନ କରିଛନ୍ତି ଯେ ହିନ୍ଦୀ, କନ୍ନଡ଼, ତେଲୁଗୁ ସିନେମା ଅତ୍ୟଧିକ ହିଂସା ଦୃଶ୍ୟ ଥାଇ ମଧ୍ୟ କିପରି ଓଡ଼ିଶାରେ ସେହି ଜାତୀୟ ସଂସ୍ଥା ଦ୍ୱାରା ସ୍ୱୀକୃତି ପାଇ ପ୍ରଦର୍ଶିତ ହୋଇପାରୁଛି। ଏପରି ପକ୍ଷପାତିତା ଯୋଗୁଁ ଓଡ଼ିଆ ପ୍ରଯୋଜକଙ୍କ ମନୋବଳ ଭାଙ୍ଗିଯାଉଛି ବୋଲି ବିଶିଷ୍ଟ ପ୍ରଯୋଜକ ସଞ୍ଜୟ ନାୟକ କହିଛନ୍ତି।

ବରିଷ୍ଠ ସାମ୍ବାଦିକ, ସିନେସମୀକ୍ଷକ ଏବଂ ଜାତୀୟ ମିଡିଆ ଫାଉଣ୍ଡେସନ୍ (ଏନଏମଏଫ୍)ର ରାଜ୍ୟ ମୁଖପାତ୍ର ଶ୍ୟାମାପ୍ରସାଦ ମିଶ୍ର କହିଛନ୍ତି, କେନ୍ଦ୍ର ସରକାରଙ୍କ ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେସନ୍ ସଂସ୍ଥା ଭାରତ ବର୍ଷରେ ସେନ୍ସର୍ ପାଇଁ ଗୋଟିଏ ନୀତି ଆଣିବା ଆବଶ୍ୟକ। କାରଣ ଭେଦଭାବ ଓଡ଼ିଆ ପ୍ରଯୋଜକଙ୍କୁ କ୍ଷତି ପହଞ୍ଚାଇବ। ତେବେ ‘ଲଢ଼େଇ’ ନିର୍ଦ୍ଧାରିତ ସମୟରେ ମୁକ୍ତିଲାଭ କରିପାରୁନଥିବାରୁ ପ୍ରଯୋଜକ ଏଥିପାଇଁ ଦର୍ଶକଙ୍କୁ କ୍ଷମା ମାଗିଛନ୍ତି।

# ନିଯୁକ୍ତି ଆବେଦନ ପାଇଁ ଫି’ ଦେବେ ପରୀକ୍ଷାର୍ଥୀ

ଭୁବନେଶ୍ୱର, ୧୫।୧୦ (ସମିସ): ନିଯୁକ୍ତି ପାଇଁ ଆବେଦନ କରୁଥିବା ଆଶାୟୀ ପ୍ରାର୍ଥୀଙ୍କୁ ଏଣିକି ଫି’ ଦେବାକୁ ପଡ଼ିବ। ନିଯୁକ୍ତି ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ପକ୍ଷରୁ ଫି’ ନିର୍ଦ୍ଧାରଣ

- ପ୍ରକାଶ ପାଇଲା ଗେଜେଟ୍ ବିଜ୍ଞପ୍ତି
- ପରୀକ୍ଷାରେ ଉପସ୍ଥିତ ରହିଲେ ଫି’ ଫେରସ୍ତ
- ଏସ୍‌ସି/ ଏସ୍‌ଟି ଓ ଦିବ୍ୟାଙ୍ଗଙ୍କ ପାଇଁ ମାଗଣା
- ପରୀକ୍ଷା ପରିଚାଳନାରେ ସଂସ୍କାର ପାଇଁ ପଦକ୍ଷେପ

କରାଯିବ। ତେବେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ବର୍ଗ ସହ ଦିବ୍ୟାଙ୍ଗ ପ୍ରାର୍ଥୀଙ୍କୁ କୌଣସି ଫି’ ଦେବାକୁ ପଡ଼ିବ ନାହିଁ। ସେହିପରି ଫି’ ଦେଇଥିବା ପ୍ରାର୍ଥୀ ପରୀକ୍ଷାରେ ଉପସ୍ଥିତ ରହିଲେ, ତାଙ୍କ ଫି’ ଫେରସ୍ତ କରାଯିବ। ଏନେଇ ଏକ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି।

ନିଯୁକ୍ତି ପରୀକ୍ଷା ପାଇଁ ଆବେଦନ କରୁଥିବା ବହୁ ଆଶାୟୀ ପରୀକ୍ଷା ଦେଉନାହାନ୍ତି। ଏପରିକି, ଅଧାରୁ ଅଧିକ ପ୍ରାର୍ଥୀ ପରୀକ୍ଷାରେ ଅନୁପସ୍ଥିତ ରହୁଛନ୍ତି। ଏପରି ଖାମଖିଆଲ ମନୋଭାବ ରଖି ଆବେଦନ କରୁଥିବା ପ୍ରାର୍ଥୀଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟା ମନ୍ଥର ହେଉଛି। ପରୀକ୍ଷା ବ୍ୟବସ୍ଥା କରିବାକୁ ବ୍ୟାପକ ରାଜସ୍ୱ ଖର୍ଚ୍ଚ ହେଉଥିବା ବେଳେ ଏହା ସମୟସାପେକ୍ଷ ମଧ୍ୟ। ତେଣୁ ଆବେଦନ ସମୟରେ ଫି’ ଲାଗୁ ହେଲେ ଏସବୁ ସମସ୍ୟାରେ ସୁଧାର ଆସିପାରିବ। ପରୀକ୍ଷା ଦେଉଥିବା ପ୍ରାର୍ଥୀଙ୍କୁ କୌଣସି ଆର୍ଥିକ ବୋଝ ରହିବ ନାହିଁ। ପରୀକ୍ଷାରେ ଉପସ୍ଥିତ ରହିଲେ ଶତପ୍ରତିଶତ ଫି’ ଫେରସ୍ତ କରାଯିବ। ଆବେଦନ କରି ପରୀକ୍ଷା ଦେଉ ନଥିବା ପରୀକ୍ଷାର୍ଥୀଙ୍କୁ ଆବେଦନ ଫି’ ଫେରସ୍ତ କରାଯିବ ନାହିଁ ବୋଲି କୁହାଯାଉଛି।

ଗେଜେଟ୍ ବିଜ୍ଞପ୍ତି ଅନୁଯାୟୀ, ପରବର୍ତ୍ତୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ସମସ୍ତ ବିଭାଗ ଓ ଜିଲ୍ଲାପାଳମାନଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଅବଗତ କରାଯାଇଛି। ରାଜ୍ୟରେ ନିଯୁକ୍ତି ପରିଚାଳନା କରୁଥିବା ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି), ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ(ଓଏସ୍‌ଏସ୍‌ସି), ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ(ଓଏସ୍‌ଏସ୍‌ଏସ୍‌ସି) ସମେତ ଅନ୍ୟ ସମସ୍ତ ସଂସ୍ଥା ଏହି ଆଧାରରେ ଫି’ ନିର୍ଦ୍ଧାରଣ କରି ବିଜ୍ଞପ୍ତି ପ୍ରକାଶ କରିବେ।

ପୂର୍ବରୁ ପରୀକ୍ଷା ସଂସ୍କାର ପାଇଁ ଏକକ ମାର୍ଗଦର୍ଶିକା ଜାରି ହୋଇଥିବା ବେଳେ ଏହି ଗେଜେଟ୍ ବିଜ୍ଞପ୍ତି ଆଶାୟୀଙ୍କ ମଧ୍ୟରେ ନୂତନ ଆଶା ସଞ୍ଚାର କରିଛି। ଗତ ଜାନୁଆରୀରୁ ସାଧାରଣ ସ୍ନାତକ ପିଲାଙ୍କ ପାଇଁ କୌଣସି ନିଯୁକ୍ତି ବାହାରି ନଥିବାରୁ ଏବେ ବିଭିନ୍ନ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଆଶା ବାନ୍ଧିଛନ୍ତି। ବିଶେଷକରି, ଦୀର୍ଘଦିନରୁ ଅପେକ୍ଷିତ ଥିବା ଓଡ଼ିଶା ସିଜିଏଲ୍, ଏଏସ୍‌ଓ, ବିଶ୍ୱବିଦ୍ୟାଳୟର ଅଣଶିକ୍ଷକ ପଦ, କମ୍ୟୁନିକେସନ୍ କନେଷ୍ଟବଳ ଓ ଜେଇଏ ପରି ପଦରେ ନିଯୁକ୍ତି ପାଇଁ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଆଶାୟୀମାନେ ଆଶା ବାନ୍ଧିଛନ୍ତି।

# ଏକାଧିକ ଥର ଟ୍ରାଫିକ୍ ନିୟମ ଭାଙ୍ଗିଲେ ଗାଡ଼ି ବ୍ଲାକ୍ ଲିଷ୍ଟ

ଭୁବନେଶ୍ୱର,୧୬।୧୦(ସମିସ): ଏକାଧିକ ଥର ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିବା ଗାଡ଼ି ଚାଳକ ଏବେ ସାବାଡ଼ ହେବେ। ସେମାନଙ୍କୁ ଖୋଜି ଖୋଜି ଚିହ୍ନଟ କରି ବ୍ଲାକ୍ ଲିଷ୍ଟ କରିବ ଟ୍ରାଫିକ୍ ପୁଲିସ। ବାରମ୍ବାର ଟ୍ରାଫିକ ନିୟମ ଭାଙ୍ଗିଲେ ରଦ୍ଦହେବ ଗାଡ଼ି ରେଜିଷ୍ଟ୍ରେସନ୍ ନମ୍ବର। ଏଭଳି ୨୫୮ଟି ଗାଡ଼ିକୁ ଚିହ୍ନଟ କରିଛି କମିଶନରେଟ

- ନିୟମ ଭାଙ୍ଗିଥିବା ୨୫୮ ଗାଡ଼ିକୁ ଚିହ୍ନଟ କଲା ଟ୍ରାଫିକ୍ ପୁଲିସ
- ରେଜିଷ୍ଟ୍ରେସନ୍ ନମ୍ବର ରଦ୍ଦ ପାଇଁ ପରିବହନ ବିଭାଗକୁ ଚିଠି

ଟ୍ରାଫିକ୍ ପୁଲିସ। ୨୫୮ଟି ଗାଡ଼ିର ରେଜିଷ୍ଟ୍ରେସନ୍ ନମ୍ବର, ଫିଟ୍‌ନେସ୍ ସାର୍ଟିଫିକେଟ ରଦ୍ଦ ପାଇଁ ପରିବହନ ବିଭାଗକୁ ଚିଠି ଲେଖିଛି। ଏହି ଚିଠି ଆଧାରରେ ଖୁବ୍‌ଶୀଘ୍ର ଚିହ୍ନଟ ଗାଡ଼ିର ରେଜିଷ୍ଟ୍ରେସନ ନମ୍ବର ରଦ୍ଦ କରାଯିବ।

ରାସ୍ତାରେ ଅମାନିଆ ଗାଡ଼ି ଚାଳକଙ୍କ ଯୋଗୁଁ ଅନେକ ଦୁର୍ଘଟଣା ଘଟୁଛି। ଅନେକ ଲୋକଙ୍କ ଜୀବନ ଯାଉଛି। ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ରାଜ୍ୟରେ ହାରାହାରି ୫ ହଜାର ଲୋକଙ୍କ ମୃତ୍ୟୁ ଘଟୁଛି। ଯେଉଁଥିପାଇଁ ଅନେକ ପରିବାର ଛାରଖାର ହେଉଛି। ଏବେ ଏସବୁରେ ରୋକ ଲଗାଇବା ପାଇଁ ଟ୍ରାଫିକ୍ ପୁଲିସ ଅଭିନବ ବ୍ୟବସ୍ଥା ଆରମ୍ଭ କରିଛି। ଟ୍ରାଫିକ୍ ନିୟମ ଭାଙ୍ଗୁଥିବା ଅମାନିଆଙ୍କୁ ଚିହ୍ନଟ କରି ପୁଲିସ ଅନ୍‌ଲାଇନ୍‌ରେ ଚାଲାଣ କାଟୁଥିଲେ। କିନ୍ତୁ ତାହା ସେମାନଙ୍କ ଉପରେ କିଛି ବି ପ୍ରଭାବ ପକାଇ ପାରୁ ନ ଥିଲା। ଗୋଟିଏ ଗାଡ଼ି ଉପରେ ୨୦ରୁ ଅଧିକ ଚାଲାଣ ରହିଛି। ସେମାନେ ନା ଜରିମାନା ପୈଠ କରୁଛନ୍ତି ନା ଟ୍ରାଫିକ୍ ନିୟମ ମାନୁଛନ୍ତି। ଖୁଲମ୍‌ଖୁଲା ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ଅନ୍ୟମାନଙ୍କୁ ଅସୁବିଧାରେ ପକାଉଛନ୍ତି। ଯାହାଫଳରେ ସହରରେ ଦୁର୍ଘଟଣା ହାର ବଢ଼ିବାରେ ଲାଗିଛି। ଏସବୁରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ଏଥର କମିଶନରେଟ ପୁଲିସ ଅଣ୍ଟା ଭିଡ଼ିଛି।

# ବିଦେଶ ଗସ୍ତରେ ବାଚସ୍ପତି

## ପ୍ରବାସୀ ଓଡିଆଙ୍କ ଦ୍ୱାରା କାର୍ଯ୍ୟକ୍ରମରେ ଯୋଗଦେଲେ

ଭୁବନେଶ୍ୱର,୧୬।୧୦(ସମିସ): ବିଦେଶ ଗସ୍ତରେ ଥିବା ବାଚସ୍ପତି ସୁରମା ପାଢ଼ୀ ବାର୍ବାଦୋସ୍‌ର ବ୍ରିଜ୍‌ଟାଉନ୍ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ଓ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେଇ ବ୍ରିଟେନ୍, ସୁଇଜରଲ୍ୟାଣ୍ଡ ଓ ଫ୍ରାନ୍ସ ଗସ୍ତ କରିଛନ୍ତି। ବ୍ରିଟେନଠାରେ ଭାରତୀୟ ହାଇକମିଶନର ତାଙ୍କୁ ସ୍ୱାଗତ କରିଥିଲେ। ସେଠାରେ ପ୍ରବାସୀ ଭାରତୀୟ ତଥା ପ୍ରବାସୀ ଓଡ଼ିଆମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ଲକ୍ଷ୍ୟ ରହିଥିବାବେଳେ ୨୦୩୬ ମସିହା ସୁଦ୍ଧା ଓଡିଶା ଏକ ସମୃଦ୍ଧ ରାଜ୍ୟରେ ପରିଣତ ହେବାକୁ ଯାଉଛି ବୋଲି ବାଚସ୍ପତି କହିବା ସହ ବ୍ରିଟିଶ୍ ମ୍ୟୁଜିୟମ୍ ସହ ବକିଂହାମ୍ ପ୍ୟାଲେସ୍ ବୁଲି ଦେଖିଥିଲେ। ଏହାପରେ ବାଚସ୍ପତି ସୁଇଜରଲ୍ୟାଣ୍ଡର ଗସ୍ତ କରିଥିବା ବେଳେ ଜୁରିକ୍‌ଠାରେ ଭାରତର ରାଷ୍ଟ୍ରଦୂତ ତାଙ୍କୁ ସ୍ୱାଗତ କରିବା ସହ ପ୍ରବାସୀ ଓଡିଆମାନେ ସମ୍ବର୍ଦ୍ଧିତ କରିଥିଲେ।

ସେହିପରି ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ଠାରେ ମଧ୍ୟ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପ୍ରବାସୀଙ୍କୁ ଉଦ୍‌ବୋଧନ ଦେଇ ବାଚସ୍ପତି କହିଲେ ଯେ ଓଡ଼ିଶା ହେଉଛି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାଟି। ଆମର ପରିଚୟ ହେଉଛି ଜଗନ୍ନାଥ ସଂସ୍କୃତି। ଏହି ସଂସ୍କୃତିର ମହନୀୟତାକୁ ବିଶ୍ୱ ଦରବାରରେ ପହଞ୍ଚାଇବା କ୍ଷେତ୍ରରେ ଆପଣମାନେ ସାଂସ୍କୃତିକ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିବେ ବୋଲି ବାଚସ୍ପତି ଆଶା ପ୍ରକାଶ କରିଥିଲେ। ଆସନ୍ତା ୧୯ ତାରିଖରେ ବାଚସ୍ପତି ଓଡିଶା ଫେରିବାର କାର୍ଯ୍ୟକ୍ରମ ରହିଛି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶେଷ ପର୍ଯ୍ୟନ୍ତ...

ନବୀନ ପଟ୍ଟନାୟକ ଜିନ୍ଦାବାଦ ନାରାରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ନବୀନ ମଧ୍ୟ ସେମାନଙ୍କୁ ନିରାଶ କରି ନ ଥିଲେ। ଚିରାଚରିତ ଭାବେ ମୁହଁରେ ସ୍ମିତହାସ୍ୟ ସହ ହାତ ହଲାଇ ସେମାନଙ୍କର ଅଭିବାଦନ ଗ୍ରହଣ କରିଥିଲେ ନବୀନ। ଆୟୋଜିତ ସଭାରେ ନବୀନ ଉପସ୍ଥିତ ଜନତା ଓ କର୍ମୀଙ୍କୁ ଜନ୍ମ ଦିନର ଶୁଭେଚ୍ଛା ପାଇଁ ଧନ୍ୟବାଦ ଜଣାଇଥିଲେ। ଏହା ସହ ଉପସ୍ଥିତ ଛୋଟଛୋଟ ପିଲାଙ୍କୁ ଚକୋଲେଟ୍ ଦେଇଥିଲେ।

ଭୁବନେଶ୍ୱର ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ସାଂସଦ ଦେବାଶିଷ ସାମନ୍ତରାୟ, ସାଂସଦ ସୁଲତା ଦେଓ, ବିଧାୟିକା ପ୍ରମିଳା ମଲ୍ଲିକ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ବିଭୁତି ବଳବନ୍ତରାୟ ,ଭୁବନେଶ୍ୱର ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ବିଜେଡି ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ବିଜେଡିର କର୍ପୋରେଟର ମାନେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ଗତ ତାରିଖରୁ ଆରମ୍ଭ ହୋଇଛି। ଆସନ୍ତା ଏହା ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ଚାଲିବ।

### ଶିଶୁ ଗ୍ରାମରେ...

କେକ୍ କାଟିଥିଲେ। ପିଲାମାନେ ମଧ୍ୟ ନିଜ ପ୍ରିୟ ମଣିଷ, ଜୀବନର ଆଦର୍ଶଙ୍କୁ ପାଖରେ ପାଇ ଅଭିଭୂତ ହୋଇଥିଲେ। ପିଲାଙ୍କ ସହ ଜନ୍ମଦିନ ପାଳନ କରି ମୁଁ ବହୁତ ଖୁସି ବୋଲି ନବୀନ କହିବା ସହ ସେମାନଙ୍କୁ ଭଲ ପାଠ ପଢ଼ିବା ସହ ଜୀବନରେ ଭଲ ମଣିଷ ହେବାକୁ ଆଶୀର୍ବାଦ ପ୍ରଦାନ କରିଛନ୍ତି। ଏସଓଏସ ଶିଶୁ ଗ୍ରାମରେ ନବୀନ ଏବଂ ଛୋଟ ପିଲାମାନଙ୍କ ଏହି ଯୁଗଳବନ୍ଦୀ ଆଜି ରାଜ୍ୟବ୍ୟାପୀ ଚର୍ଚ୍ଚା ଏବଂ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

ଭୁବନେଶ୍ୱର ଏସଓଏସ ଶିଶୁ ଗ୍ରାମରେ ନବୀନ ପହଞ୍ଚିବା ମାତ୍ରେ ପିଲାମାନେ ନବୀନଙ୍କୁ ଘେରି ଯାଇଥିଲେ। ନବୀନଙ୍କ ଜନ୍ମଦିନ ପାଇଁ ସେମାନେ ପ୍ରସ୍ତୁତ କରିଥିବା ଫଟୋଚିତ୍ର, କାର୍ଡ ଏବଂ ବିଭିନ୍ନ ହାତଲେଖା ଶୁଭେଚ୍ଛା ବାର୍ତ୍ତା ନବୀନଙ୍କୁ ପ୍ରଦାନ କରିଥିଲେ। ନବୀନ ମଧ୍ୟ ସେମାନଙ୍କୁ ଚକୋଲେଟ ସହ ଉପହାର ପ୍ରଦାନ କରିଥିଲେ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ କେକକୁ ନବୀନ କାଟିବା ସହ ନିଜର ୭୯ତମ ଜନ୍ମଦିନ ପାଳନ କରିଥିଲେ ନବୀନ। ପିଲାମାନଙ୍କୁ ଆଶୀର୍ବାଦ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆଜି ପିଲାମାନଙ୍କ ସହ ଜନ୍ମ ଦିନ ପାଳନ କରି ସେ ବହୁତ ଖୁସି। ତାଙ୍କ ଜନ୍ମ ଦିନରେ ସାମିଲ ହୋଇ ଥିବାରୁ ଶ୍ରୀ ପଟ୍ଟନାୟକ ପିଲାମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ନବୀନଙ୍କ ଗସ୍ତ ନେଇ ଏସଓଏସର ନିର୍ଦ୍ଦେଶକ ଅବିନାଶ ହୋତା କହିଛନ୍ତି ଯେ ନବୀନ ସାର୍‌ଙ୍କ ଗସ୍ତ ସୂଚନା ପାଇବା ପରେ ପିଲାମାନେ ଅତ୍ୟନ୍ତ ଉତ୍ସାହିତ ହୋଇ ପଡ଼ିଥିଲେ। ନିଜ ପ୍ରିୟ ମଣିଷଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବାକୁ ସେମାନେ ସ୍ୱତପ୍ରବୃତ୍ତ ଭାବେ ନିଜକୁ ପ୍ରସ୍ତୁତ କରିଥିଲେ। ସାର୍‌ଙ୍କ ଆଶୀର୍ବାଦ ସବୁବେଳେ ପିଲାମାନଙ୍କ ଉପରେ ଏମିତି ରହିଥାଉ ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ସୁଅ ଛୁଟିଛି। ନବୀନ ୭୯ ତମ ଜନ୍ମ ଦିନରେ ରାଜ୍ୟପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଓ ଏକାଧିକ କେନ୍ଦ୍ରମନ୍ତ୍ରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ନବୀନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସକାଳେ ଫୋନ୍ ଯୋଗେ ନବୀନଙ୍କ ସହ କଥା ହୋଇ ତାଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସେ ନବୀନଙ୍କ ଦୀର୍ଘ ନିରାମୟ ଜୀବନ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିଜ ଏକ୍ସରେ ଉଲ୍ଲେଖ କରି ନବୀନଙ୍କୁ ଜନ୍ମ ଦିନ ଶୁଭେଚ୍ଛା ଜଣାଇଛନ୍ତି। ସେ ନବୀନଙ୍କୁ ଜନ୍ମଦିନର ଶୁଭକାମନା ଜଣାଇବା ସହିତ ମହାପ୍ରଭୁଙ୍କ ପାଖରେ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ସହ ଦୀର୍ଘ ଓ ନିରାମୟ ଜୀବନ କାମନା କରିଛନ୍ତି। ଏହାସହିତ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ, ଜୁଏଲ୍ ଓରାମଙ୍କ ସମେତ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ପ୍ରଭାତୀ ପରିଡ଼ା, ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ଅନ୍ୟ ବହୁ ବ୍ୟକ୍ତିବିଶେଷ ନବୀନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


## ପୂର୍ବ ତଟ ରେଳପଥ

**ଶୁଦ୍ଧିପତ୍ର ସଂ. - 02**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIBBS2025040 ତା. 12.09.2025 ରିଖ

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନଲିଖିତ ସଂଶୋଧନ କରାଯାଇଛି, ଯାହାକୁ ଦୟାକରି ଧ୍ୟାନ ଦେବା ଆବଶ୍ୟକ।

**ବିଷୟ :** ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :-

| ପ୍ରକାଶିତ ଅନୁଯାୟୀ (ଶୁଦ୍ଧିପତ୍ର ସଂ. - 01) | ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ |
|---|---|
| ତା.24.10.2025 ରିଖ 1200 ଘଟିକାରେ | ତା.04.11.2025ରିଖ 1200 ଘଟିକାରେ |

ବିସ୍ତୃତ ବିବରଣୀ ନିମନ୍ତେ ଦୟାକରି ୱେବସାଇଟ୍ : www.ireps.gov.in ଅବଲୋକନ କରନ୍ତୁ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-135/CI/25-26

## AFFIDAVIT

By virtue of an Affidavit before Notary Public, Malkangiri, I, **Deepa Majhi**, aged about 20 years, W/o.: Binod Majhi,D/o.: Nepal Saha resident of Village: M.V.23, PO.: Mariwada, P.S: Korukanda, Dist: Malkangiri, Odisha-764045, declare by this Affidavit No.: 2069/2025, Dated: 16.10.2025 that I have changed my name from Deepa Saha to **Deepa Majhi**. Henceforth I shall be known as **Deepa Majhi** for all future purposes.

## AFFIDAVIT

I, Kuntala Kumari Dash, W/o- Nrusinha Prasad Das, Resident of At/PO: Old LIC Building, Pujariput, Koraput, Koraput, Dist.: Koraput, Odisha, PIN-764020, declared by this Affidavit No:1215/2025 Dated: 16.10.2025. That now onwards I shall be known as **KUNTALA KUMARI DAS** for all future Purposes.

## AFFIDAVIT

By virtue of an Affidavit before the Executive Magistrate, Bhadrak, Affidavit No-2721, dated 15.10.2025, I Krushna Chandar Das, Resident of Vill- Padhuan, P.S-Basudevpur, Dist- Bhadrak, Odisha - 756125 declare that I have Changed my name from Bablu Das to Krushna Chandar Das. Henceforth I shall be known as KRUSHNA CHANDAR DAS for all future purposes.

**KRUSHNA CHANDAR DAS**

## PUJA OFFER SALE

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

## AFFIDAVIT

I, Parmashwari, W/o- Lalit Bhatter, At- Traffic Square, P.O. Baripada, Dist- Mayurbhanj (Odisha), declare by affidavit No- 1096, dated 15/10/25, that now onwards I shall be known as **Parmashwari Bhatter** for all future purposes.

## NAME CHANGE

**By virtue of an Affidavit sworn before Executive Magistrate, Bhubaneswar CF.NO. 52, on Dated 15.10.2025, I, UMARANI MOHAPATRA, W/o Balaram Mohapatra, permanent resident of At- Rasika, Po- Rajaloka, Ps- Jharpokharia, Dist- Mayurbhanj, Odisha, Pin- 757086 declare that I have changed my name from UMAMANI MOHAPATRA (Old Name) to UMARANI MOHAPATRA (New Name). Henceforth, I shall be known as UMARANI MOHAPATRA for all future purposes.**

**Sd- (UMARANI MOHAPATRA)**

## AFFIDAVIT

By virtue of an affidavit no. 2625, dtd. 15.10.2025 before the Executive Magistrate, Phulbani, Dist.- Kandhamal, I, Amiya Kanhar, At-Pabingia, Po- Pabingia, Ps-Phiringia, District- Kandhamal, Odisha, Pin-762011 have changed my minor son's name from Ankiti Kanhar to Ankit Kanhar. Henceforth he will be known as **Ankit Kanhar** for all purposes.

**Sd/- Amiya Kanhar**

## SALE

1 Number of TATA INTRA V-30 HD (SCV) / 2023, Registration No.- OD-01-AT-6551, Model- 2023, ENGINE NO – 15CR09HWXSA1170, CHASSIS NO - MAT535348PYH37249, For Details, contact- 9437560894, 94375 77758, SUNDARAM FINANCE LTD., First floor, Choudhury Complex, SAHADEVKHUNTA, BALASORE - 756001, PH. NO- 06782-266657

## AFFIDAVIT

I, Abhisek Tripathy, S/o. Ashok Kumar Tripathy, resident of Plot No. 87/2322, Nigamananda Nagar, Bomikhal, P.S.- Sahid Nagar, Ward No.31 Bhubaneswar-751010, Dist - Khordha, Odisha declare by this Affidavit No. 52, dtd.13.10.2025, that now onwards I shall be known as **ABHISHEK TRIPATHY** for all future purposes.

## AFFIDAVIT

By virtue of an affidavit C.F.NO - 92, dated on 06.08.2025 in the court of the Executive Magistrate Bhubaneswar , Address Nayagarh Dist : Nayagarh. I Rajalaxmi Panda have changed my name from Laxmi Priya Panda to Rajalaxmi Panda . Hence Forth he will be known as Rajalaxmi Panda instead of Laxmi Priya Panda for all purposes.

**Sd/- Rajalaxmi Panda**

## AFFIDAVIT

By virtue of an affidavit Sl. No. 2626, dtd. 15.10.2025 in the court of the Executive Magistrate, Phulbani, Dist.- Kandhamal, I, Samanta Kanhar, At- Ladadi, Po- Jajespanga, Ps.- Phiringia, Dist.- Kandhamal - 762011 have changed my minor daughter's name from Lovely Kanhar to Pallabi Kanhar. Henceforth she will be known as Pallabi Kanhar for all purposes.

**Sd/- Samanta Kanhar**

## AFFIDAVIT

I, Satyasikha Tripathy, W/o. Sri Abhishek Tripathy, resident of Plot No. 87/2322, Nigamananda Nagar, Bomikhal, P.S.- Sahid Nagar, Ward No.31, Bhubaneswar-751010, Dist - Khordha, Odisha declare by this Affidavit No. 53, dtd.13.10.2025, that now onwards I shall be known as **SATYASHIKHA TRIPATHY** for all future purposes.

## AFFIDAVIT

I, Papuna Khan, S/o- Late Rasid Khan, resident of At- Gayabandha, Po- Damanabhumi, Ps- Jankia, Dist- Khordha, PIN- 752020, Odisha declared by this affidavit No. 566, dtd- 15/10/2025 that now onwards I shall be known as **PAPUN KHAN** for all future purposes.

## AFFIDAVIT

I, Badakulu Ada Patra, aged about 36 years, S/o- Badakulu Chandru Patra, resident of At- Sasanapalli, Po- Jagannathpur, Dist- Ganjam, Pin- 761003, Odisha declare by this affidavit No. 2102, dtd. 16/10/2025, that now onwards I shall be known as **B ADIADA PATRA** for all future purposes.

## AFFIDAVIT

By virtue of an Affidavit before Notary Public, Malkangiri, I, **Ananda Barman**, aged about 42 years, S/o.: Basudeb Barman, resident of Village: M.V.28, PO.: Kamwada, P.S: Korukanda, Dist: Malkangiri, Odisha, declare by this Affidavit No.: 12456/2025, Dated: 16.10.2025 that I have changed my name from Anand Barman to **Ananda Barman**. Henceforth I shall be known as **Ananda Barman** for all future purposes.

## AFFIDAVIT

I, Subhakant Swain, S/o- Ashok Kumar Swain, resident of Plot No- 367/3293, Flat no-B-202, 2nd Floor, Sishu Vihar, Infocity, Kalarahanga, Dist- Khurda PIN-751024, Odisha declared by this affidavit No-838, dtd- 15/10/2025 that now onwards I shall be known as **SUBHAKANTA SWAIN** for all future purposes

## LOST

I, **Rakesh Kumar Biswal,** aged about 36 years, S/o Maheswar Biswal, resident of At- Bhagabat Sandhan, Laxmisagar, Po- Budheswari Colony, Ps- Laxmisagar, Bhubaneswar, Dist: Khordha, PIN- 751006, Odisha declare that on dtd. 13/10/2025, while I was coming from Laxmi Sagar market area to my resident at 6.50 am, I have lost the Sale Deed bearing No. 4180, dtd- 06/04/2005 and ROR of the schedule of property under Mouza Godagopinathprasad, Bhubaneswar Sahar Unit No.37, bearing Khata No. 423/1216, Plot No. 1210/2031/2627 & Plot No. 1210/1988/2628, 1210/1990/2626, pervious owner name Rabindra Kumar Mishra from my custody along with other documents which was kept in my hand bag somewhere. Therefore, notice is hereby given to general public that, if anybody has got any right, title interest over the property on the missing document or on the above property they have to claim within 7 days from the date of publication and after that the documents will lose its legal force and we will not be responsible for any claim what-so-ever on the property after 5 days.

**Advocate: Debabrata Padhy**
**Mob: 9040778197**

## NAME CHANGE

By virtue of an affidavit sworn before the Executive Magistrate, Astarang, CF. No. 2299, on dated 13/10/2025, I **JAYAKRUSHNA ROUT**, S/o Sarbeswar Rout, resident of Village At- Nanapur, Po- Jhadaling, Ps - Astarang, Dist- Puri, State- Odisha, declare that I have changed my name from **JAYAKRISHNA ROUT** (Old Name) to **JAYAKRUSHNA ROUT** (New Name). Henceforth, I shall be known as **JAYAKRUSHNA ROUT** for all future purposes.

(Sd- **JAYAKRUSHNA ROUT**)

## AFFIDAVIT

By virtue of an affidavit sworn before the Executive Magistrate, Angul, dated:16.10.2025, I, **Smrutiranjan Jena,** S/o: Late Dillip Jena, Permanent/Current Address resident At: Badabahal, PO.: Kumurisingha, PS.: Angul Sadar, Dist.: Angul, Odisha- 759129 declare that I have changed my name from **“Sruti Ranjan Jena”** to Smrutiranjan Jena. Henceforth I shall be know as **Smrutiranjan Jena** for all purposes.

## muthoot MICROFIN

ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍

ସି ଆଇ ଏନ:L65190MH1992PLC066228

ରେଜିଷ୍ଟର୍ଡ କାର୍ଯ୍ୟାଳୟ: [illegible] ମହାରାଷ୍ଟ୍ର - ୪୦୦୦୫୧

ପ୍ରଶାସନିକ କାର୍ଯ୍ୟାଳୟ: [illegible] କୋଚି, କେରଳ – [illegible]

ଟେଲିଫୋନ୍: [illegible] ଇମେଲ: info@muthootmicrofin.com

**ଶାଖା ବନ୍ଦ ଏବଂ ମିଶ୍ରଣ ପାଇଁ ସାଧାରଣ ସୂଚନା – ରେଜି.**

ଏହା କମ୍ପାନୀର ଗ୍ରାହକ, ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍ (MML) ଏବଂ ସାଧାରଣ ଜନତାଙ୍କୁ ସୂଚିତ କରାଯାଉଛି ଯେ କାର୍ଯ୍ୟକ୍ଷମ ସୁବିଧା ଏବଂ ନିରନ୍ତର ଗ୍ରାହକ ସେବା ସୁନିଶ୍ଚିତ କରିବା ପାଇଁ, ଏହି ସୂଚନାର ତିନି (3) ମାସ ପରେ, ଓଡ଼ିଶା ରାଜ୍ୟ ମଧ୍ୟରେ ଏହାର ତିନୋଟି (3) ଶାଖାକୁ ବନ୍ଦ କରି [illegible] MMLର ବିଦ୍ୟମାନ ଶାଖା ସହିତ ମିଶ୍ରଣ କରାଯିବ ଏବଂ ଏହି ଶାଖାଗୁଡ଼ିକର ତାଲିକା ନିମ୍ନଲିଖିତ ଭାବରେ ଦିଆଯାଇଛି:

| ନଂ | ବନ୍ଦ ଶାଖା (ପୁରୁଣା ଠିକଣା) | ସ୍ଥାନାନ୍ତର ଶାଖା (ନୂତନ ଠିକଣା) |
|---|---|---|
| ୧ | [illegible] | [illegible] |
| ୨ | [illegible] | [illegible] |
| ୩ | [illegible] | [illegible] |

**ବନ୍ଦ/ସ୍ଥାନାନ୍ତରର କାର୍ଯ୍ୟକାରୀ ତାରିଖ: 17/01/2026**

ଉପରୋକ୍ତ ବନ୍ଦ ଶାଖାର ସମସ୍ତ ଗ୍ରାହକ ଆକାଉଣ୍ଟଗୁଡ଼ିକ ସ୍ୱୟଂଚାଳିତ ଭାବରେ ସମ୍ପୃକ୍ତ ସ୍ଥାନାନ୍ତର ଶାଖାକୁ ସ୍ଥାନାନ୍ତରିତ ହୋଇଯିବ, ଯାହା ପ୍ରତି ଗ୍ରାହକଙ୍କ ପକ୍ଷରୁ କୌଣସି ପଦକ୍ଷେପ ନେବାର ଆବଶ୍ୟକତା ନାହିଁ। ଅଧିକ ସହାୟତା ପାଇଁ, ଦୟାକରି ଆମର ସରକାରୀ ୱେବସାଇଟ୍ www.muthootmicrofin.com ପରିଦର୍ଶନ କରନ୍ତୁ କିମ୍ବା ଟୋଲ୍ ଫ୍ରି ନମ୍ବର [illegible] ରେ ଡାଏଲ୍ କରନ୍ତୁ କିମ୍ବା info@muthootmicrofin.com ରେ ଆମକୁ ଇମେଲ୍ କରନ୍ତୁ କିମ୍ବା ଆପଣଙ୍କର ନିକଟସ୍ଥ ଏମଏମଏଲ ଶାଖା ପରିଦର୍ଶନ କରନ୍ତୁ।

ସ୍ଥାନ: ଓଡିଶା
ତାରିଖ: 17/10/2025

ମୁଥୁଟ୍ ମାଇକ୍ରୋଫିନ୍ ଲିମିଟେଡ୍ ପାଇଁ
ସହି/-
ଥୋମାସ ମୁଥୁଟ୍
ନିର୍ଦ୍ଦେଶକ [illegible]

### ଭୋଗରାଇ ଉପଖଣ୍ଡସ୍ତରୀୟ ମେଡିକାଲ କ୍ରିୟାନୁଷ୍ଠାନ କମିଟି ବୈଠକ

# ଜଳେଶ୍ୱରପୁର ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବି

**ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୧୬।୧୦(ସମିସ)**

ବାଲେଶ୍ୱର ଜିଲ୍ଲା ଉପାନ୍ତ ଭୋଗରାଇ ବ୍ଲକରେ ଥିବା ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଏକମାତ୍ର ସ୍ୱାସ୍ଥ୍ୟ ସେବା ଯୋଗାଇବାର ମାଧ୍ୟମ ଅଟେ। ମାତ୍ର ଦୀର୍ଘଦିନ ଧରି ଏଠାରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ହେଉ ନଥିବାରୁ ଲୋକେ ଜଟିଳ ରୋଗ ତଥା ଦୁର୍ଘଟଣା ଜନିତ ଚିକିତ୍ସା ପାଇବା ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି। ଏଠାରୁ ୧୦୦ କିଲୋମିଟର ଦୂର ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରିବାକୁ ପଡୁଛି। ତେଣୁ ଏଠାରେ ଲୋକଙ୍କୁ ଜରୁରୀ କାଳୀନ ଚିକିତ୍ସା ସେବା ଯୋଗାଇ ଦେବା ଦାବି ନେଇ ଭୋଗରାଇ ଉପଖଣ୍ଡ ସ୍ତରୀୟ ମେଡ଼ିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏହି ହସ୍ପିଟାଲକୁ ଉପଖଣ୍ଡ ସ୍ତରୀୟ ମାନ୍ୟତା ଦେବା ସହିତ ସବୁ ବିଭାଗର ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଓ ଅପ୍ରେସନ ପାଇଁ ସମସ୍ତ ସୁବିଧା ଯୋଗାଇ ଦେବା ପାଇଁ ଦାବୀ ହୋଇଆସୁଛି। ମାତ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି।

ଏହି ପରିପ୍ରେକ୍ଷୀରେ ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆଜି ଦେହୁର୍ଦ୍ଦା ଥାନାଛକ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କ୍ରିୟାନୁଷ୍ଠାନ କମିଟିର ସଭାପତି ଡ. ଶ୍ରୀଶ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀସେବା ଓ ନୂତନ ଡାକ୍ତର ନିଯୁକ୍ତି ଏବଂ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯିବା ସହିତ ବିଭିନ୍ନ ସିଦ୍ଧାନ୍ତମାନ ସର୍ବସମ୍ମତି କ୍ରମେ ଗ୍ରହଣ କରାଯାଇଥିଲା। କମିଟିର ସଭ୍ୟ ନଳିନୀକାନ୍ତ ସେଠୀ ସୂଚନା ଦେଇଥିଲେ ଯେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କେବଳ ପ୍ରସୂତି ବିଭାଗର ବିଶେଷଜ୍ଞ ଡାକ୍ତର ବ୍ୟତୀତ ଅନ୍ୟ କେହି ବିଶେଷଜ୍ଞ ଡାକ୍ତର ଦୀର୍ଘଦିନ ଧରି ନାହାନ୍ତି। ଚୁକ୍ତି ଭିତ୍ତିକ ଓ ନିୟମିତ ମିଶି ମାତ୍ର ଛଅ ଜଣ ଏମବିବିଏସ ଡାକ୍ତର ନିଯୁକ୍ତ ଅଛନ୍ତି। ତେଣୁ ଏଠାରେ ରୋଗୀ ଜଟିଳ ରୋଗ ରେ ପୀଡ଼ିତ ରୋଗୀ ଙ୍କୁ ଚିକିତ୍ସା କରାଯାଇ ପାରୁନାହିଁ। ବିଶେଷ କରି ହୃଦଘାତ ହେଉ କିମ୍ବା ଦୁର୍ଘଟଣାଗ୍ରସ୍ତ ରୋଗୀମାନଙ୍କୁ କେବଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଉଛି।ସେହି ରୋଗୀ ମାନଙ୍କ ମଧ୍ୟରୁ ଅନେକେ ରାସ୍ତାରେ ମୃତ୍ୟୁ ବରଣ କରୁଛନ୍ତି। ସେହିପରି ଏହି ହସ୍ପିଟାଲ ଦାୟିତ୍ୱ ରେ ଥିବା ଅଧିକ୍ଷକ ମଧ ଦୀର୍ଘଦିନ ଧରି ଏଠାରେ ଦାୟିତ୍ୱରେ ଥିଲେ ମଧ ତାଙ୍କର କାର୍ଯ୍ୟ ଦକ୍ଷତା ରେ ଅନେକ ତ୍ରୁଟି ରହୁଛି। ତେଣୁ ଏଠାରେ ଜଣେ ଦକ୍ଷ ଅଧିକ୍ଷକ ଙ୍କୁ ନିଯୁକ୍ତି ଦେବା ସହିତ ପ୍ରତ୍ୟେକ ବିଭାଗର ବିଶେଷଜ୍ଞ ଡାକ୍ତରମାନଙ୍କୁ ନିଯୁକ୍ତି ଦେବା ପାଇଁ ସରକାରଙ୍କୁ ଦାବୀ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।

ଅନ୍ୟପକ୍ଷରେ କମିଟିର ସଭ୍ୟମାନେ ଡାକ୍ତରଖାନାକୁ ଯାଇ ରୋଗୀମାନଙ୍କର ଚିକିତ୍ସା ଅବ୍ୟବସ୍ଥା ସମ୍ପର୍କରେ ହସ୍ପିଟାଲର ଅଧିକ୍ଷକ ଡାକ୍ତର କମଳାକାନ୍ତ ଜେନାଙ୍କ ସହିତ ପରାମର୍ଶ କରିବାକୁ ମଧ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ କମିଟିର ସମ୍ପାଦକ ହରିଶଙ୍କର ଦାସ, ମାନସ ଚାନ୍ଦ, ରଘୁନାଥ ମହାନ୍ତି, ଭୃଗୁରାମ କର, ନଳିନୀକାନ୍ତ ସେଠୀ ପ୍ରମୁଖ କମିଟିର ଅନ୍ୟ ସଭ୍ୟ ମାନେ ଉପସ୍ଥିତ ଥିଲେ।

# ନବୀନ ପଟ୍ଟନାୟକଙ୍କ ଜନ୍ମଦିନରେ ରକ୍ତଦାନ ଶିବିର




**ନୀଳଗିରି/ସୋର, ୧୬।୧୦ (ସମିସ):** ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମ ଦିବସ ଅବସରରେ ନୀଳଗିରି ବଡଦାଣ୍ଡ ବିଜୁଜନତା ଦଳ କାର୍ଯ୍ୟାଳୟ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଜେଡି ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର ଯୋଗ ଦେଇ ରକ୍ତ ଦାନ ଶିବିର ଉଦଘାଟନ କରିଥିଲେ। ତାଙ୍କ ସହିତ ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ମଦନ ମୋହନ ମାଝୀ, ପୂର୍ବତନ ଏନ୍‌ଏସିଅଧ୍ୟକ୍ଷ ରାଧାଗୋବିନ୍ଦ ଖଟୁଆ, କାଉନସିଲର କମଳାମଣି ପରିଡ଼ା, ଗଙ୍ଗାଧର ମିଶ୍ର, ରାଜିବ କୁମାର ଦାଶବାବୁ, ଉପେନ୍ଦ୍ର ଦାସ, କୁଳମଣି ନାୟକ, ରାମକୃଷ୍ଣ ମହାପାତ୍ର, ଦୀପକ ଦାସ, ଶ୍ରୀକାନ୍ତ ପରିଡ଼ା, ରବୀନ୍ଦ୍ର ପରିଡ଼ା, ସୁରଥ ସିଂ ଉପସ୍ଥିତ ଥିଲେ। ଶିବିରରେ ମୋଟ ୧୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତ ସଂଗ୍ରହ କାର୍ଯ୍ୟକ୍ରମରେ ନୀଳଗିରି ଓ ବାଲେଶ୍ୱର ମେଡିକାଲର କର୍ମକର୍ତ୍ତା ଡା. ରୋଜାଲିନ ପାଲ, ମଞ୍ଜରୀ ବେହେରା, ଗତିକୃଷ୍ଣ ମହାନ୍ତି, ରାଜେଶ କୁମାର ଦାସ, ରାଜେନ୍ଦ୍ର ବେହେରା, ସଂଗ୍ରାମ ମହାପାତ୍ର, ସରୋଜ କୁମାର ପାସା, ସୈଭାଗ୍ୟବତୀ ବେହେରା, ବିନୋଦ ବିହାରୀ ଦାସ, ସନ୍ତୋଷ ଜେନା ପ୍ରମୁଖ ସାମିଲ ଥିଲେ।

ସେହିପରି ସୋର ବିଜେଡି ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିର ସୋର କଲେଜ ଛକ ସ୍ଥିତ ଓମ ସାଇ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜନ୍ମଦିନ ଅବସରରେ ଆଜି ସକାଳେ ପ୍ରଥମେ ନବୀନ ପଟ୍ଟନାୟକଙ୍କ ଦୀର୍ଘାୟୁ ଓ ସୁସ୍ଥ ଜୀବନ କାମନା କରି ବିଧାୟକ ମାଧବ ଧଡ଼ାଙ୍କ ନେତୃତ୍ୱରେ ଶତାଧିକ ବିଜେଡି ନେତା ଓ କର୍ମୀମାନେ କ୍ଷେମେଶ୍ୱର ଶିବ ମନ୍ଦିରରେ ଦୀପ ପ୍ରଜ୍ୱଳନ କରିଥିଲେ। ପରେ ରକ୍ତଦାନ ଶିବିରକୁ ବିଧାୟକ ଶ୍ରୀ ଧଡା ଉଦଘାଟନ କରିଥିଲେ। ଏହି ଶିବିରରୁ ମୋଟ ୨୯୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବାଲେଶ୍ୱର ରକ୍ତ ଭଣ୍ଡାରର କର୍ମଚାରୀ ମାନେ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସୋର ବ୍ଲକ ଅଧ୍ୟକ୍ଷା ଅନୁସୂୟା ମଳିକ, ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ନୀଳାମ୍ବର ମହାଳିକ, ଅଶୋକ ନାୟକ, ଶଙ୍କର୍ଷଣ ବାରିକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ବାଲି ଟ୍ରାକ୍ଟର ଜବତ, ଚାଳକ ଗିରଫ

**ଭୋଗରାଇ, ୧୬।୧୦(ସମିସ):** ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅନଳିଆ ମାନକୁଣ୍ଡା ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହ ଶହ ଚୋରା ବାଲି ବୋଝେଇ ଟ୍ରାକ୍ଟର ପଶ୍ଚିମବଙ୍ଗକୁ ଚାଲାଣ ହେଉଅଛି। ଆଜି ଭୋଗରାଇ ଥାନା ଅଧିକାରୀ ରୋହିତ ବଳ ସହିତ ସଦଳବଳେ ଅନଳିଆ ପ ମାନକୁଣ୍ଡା ରାସ୍ତା ଦେଇ ଚୋରା ଆଡିଆ ବାଲି ଟ୍ରାକ୍ଟର ଯୋଗେ ପଶ୍ଚିମବଙ୍ଗକୁ ଯାଉଥିବା ସମୟରେ ଟ୍ରାକ୍ଟର ସହିତ ଚାଳକ ଜଣଙ୍କୁ ଗିରଫ କରିଛନ୍ତି। ଟ୍ରାକ୍ଟର ଚାଳକ ଜଣକ ହେଲେ ମହିଶପୁର ପଞ୍ଚାୟତର ରୋଇପୁର ଗ୍ରାମର ନରେନ୍ଦ୍ର ଦଲେଇଙ୍କ ପୁଅ ପ୍ରଦୀପ ଦଲେଇ। ଟ୍ରାକ୍ଟର ଟିକୁ ଜବତ କରିବା ସହିତ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ଚନ୍ଦନେଶ୍ୱର ମାଛ ବଜାରରୁ ଆବର୍ଜନା ହଟିଲା

**ଚନ୍ଦନେଶ୍ୱର, ୧୬।୧୦ (ସମିସ) :** ଭୋଗରାଇର ଅନ୍ୟତମ ପ୍ରମୁଖ ବାଣିଜ୍ୟ କେନ୍ଦ୍ର ଚନ୍ଦନେଶ୍ୱର ମାଛ ବଜାରରୁ ଗୁରୁବାର ଆବର୍ଜନା ହଟିଛି। ଭୋଗରାଇ ତହସିଲଦାର ତଥା ଚନ୍ଦନେଶ୍ୱର ମନ୍ଦିରର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଗଦା ହୋଇ ଥିବା କୁଢ କୁଢ ଆବର୍ଜନାକୁ ସ୍ଥାନାନ୍ତର କରାଯାଇଛି। ବଜାର କମିଟି ସଭାପତି ଅଭିଜିତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅଳିଆ ସଫାକରାଯିବା ସହ ବ୍ଲିଚିଙ୍ଗ ପକାଯାଇଛି। ଚନ୍ଦନେଶ୍ୱର ମାଛ ବଜାର ଉପରେ ଭୋଗରାଇ ବ୍ଲକର ଅଧିକାଂଶ ପଞ୍ଚାୟତ ସମେତ ପଡୋଶୀ ପଶ୍ଚିମବଙ୍ଗର ଦୀଘା, ପଦିମା, ବସନ୍ତପୁର, ଦକ୍ଷିଣ ସିମୁଳିଆ, ସାନ୍ତଡା ଆଦି ପଞ୍ଚାୟତର ଲୋକ ନିର୍ଭର କରନ୍ତି।

## ଚନ୍ଦନେଶ୍ୱର ମାଛ ବଜାରରୁ ମୋବାଇଲ ଚୋରି

**ଚନ୍ଦନେଶ୍ୱର, ୧୬।୧୦(ସମିସ):** ଭୋଗରାଇ ବ୍ଲକର ଅନ୍ୟତମ ପ୍ରମୁଖ ବ୍ୟବସାୟ କେନ୍ଦ୍ର ଚନ୍ଦନେଶ୍ୱର ମାଛ ବଜାରରୁ ବାରମ୍ବାର ମୋବାଇଲ ଚୋରି ହେବା ଘଟଣା ଲୋକଙ୍କୁ ଚିନ୍ତାରେ ପକାଉଛି। ଶଙ୍ଖାରି ପଞ୍ଚାୟତ ଅନ୍ତର୍ଗତ ବଡ଼ ନାଫରାଇ ଗାଁ ବାସିନ୍ଦା ତଥା ବାଜିତପୁର ସୀମାନ୍ତ ବିଦ୍ୟା ନିକେତନର ସଂସ୍କୃତ ଶିକ୍ଷକ ଦୁର୍ଗା ଶଙ୍କର ପଣ୍ଡାଙ୍କ ମୋବାଇଲଟି ଗୁରୁବାର ଚୋରି ହୋଇ ଯାଇଛି। ସେ ତାଙ୍କ ସାର୍ଟ ପକେଟରେ ମୋବାଇଲ ରଖି ମାଛ କିଣୁଥିବା ବେଳେ ଅଚାନକ ଏଭଳି କାଣ୍ଡ ଘଟି ଯାଇଛି। ଏ ନେଇ ତାଳସାରି ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣା ପଡ଼ିଛି। ଏଠାରେ ଉଲ୍ଲେଖ ଯେ ପ୍ରାୟ ଦିନେ ଛଡ଼ା ଦିନେ ଏହି ବଜାରରୁ ଗ୍ରାହକଙ୍କ ମୋବାଇଲ ଅକସ୍ମାତ ଚୋରି ହେବା ପଛରେ ଏକ ରାକେଟ କାମ କରୁଛି ବୋଲି ଚର୍ଚ୍ଚା ହେଉଛି।

## ନୂତନ ରାଜସ୍ୱ ଗ୍ରାମ ପାଇଁ ଜନଶୁଣାଣି

**ସୋର, ୧୬।୧୦(ସମିସ):** ସୋର ବ୍ଲକ ମୂଳିସିଂ ପଞ୍ଚାୟତ ମୂଳିସିଂ ଗ୍ରାମରେ ଏକ ନୂତନ ରାଜସ୍ୱ ଗ୍ରାମ ପାଇଁ ପ୍ରଶାସନ ତରଫରୁ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୂଳିସିଂ ଗ୍ରାମରେ ଜନ ସଂଖ୍ୟା ୪ ହଜାରରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ଏହାକୁ ଦୁଇଟି ରାଜସ୍ୱ ଗ୍ରାମରେ ବିଭକ୍ତ କରିବା ପାଇଁ ପୂର୍ବରୁ ପ୍ରଶାସନ ନିକଟରେ ଦାବୀ କରାଯାଇଥିଲା। ତେବେ ମୂଳିସିଂ ଗ୍ରାମ ସହିତ ଜୁଣଗଡ଼ିଆ ଶାସନ ଏବଂ ମଠ ସାହି ମିଶି ରହିଥିବାରୁ ଜୁଣଗଡ଼ିଆ ଶାସନ ରାଜସ୍ୱ ଗ୍ରାମ କରିବାକୁ ଦାବି ହୋଇଥିଲା। ଏହାକୁ ପ୍ରଶାସନ ଗ୍ରହଣ କରି ଆଜି ମଧ୍ୟାହ୍ନରେ ସୋର ତହସିଲଦାର ଦୈତାରୀ ମଲ୍ଲିକ, ଦହିସଡା ଆରଆଇ ଉମାକାନ୍ତ ସାହୁ ଏବଂ ଅମିନ ଗ୍ରାମରେ ପହଞ୍ଚି ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ବେହେରା, ସମିତି ସଭ୍ୟ ଶରତ କୁମାର ଦଳେଇ ଏବଂ ପ୍ରାକ୍ତନ ବ୍ଲକ ଅଧକ୍ଷ ସତ୍ୟନାରାୟଣ ମହାପାତ୍ରଙ୍କ ଉପସ୍ଥିତିରେ ଶତାଧିକ ଗ୍ରାମବାସୀଙ୍କୁ ନେଇ ଜନ ଶୁଣାଣୀ କରିଥିଲେ।ଏହି ସମୟରେ ଜୁଣ ଗଡିଆ ଶାସନ ଏବଂ ମଠ ସାହି ଗ୍ରାମର ଜନ ସଂଖ୍ୟା ୭ ଶହରୁ ଊର୍ଦ୍ଧ୍ୱ ହୋଇଥିବାରୁ ସର୍ବ ସମ୍ମତି କ୍ରମେ ଶାସନ ଜୁଣଗଡ଼ିଆ ନାମରେ ନୂତନ ରାଜସ୍ୱ ଗ୍ରାମ ଗଠନ କରିବାକୁ ନିଷ୍ପତ୍ତି ନିଆ ଯାଇଥିଲା। ଏହି କାର୍ଯ୍ୟକ୍ରମ ଆବାହକ ରତ୍ନାକର ଆରୁଖଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

# ଅଗ୍ନି ବିପନ୍ନ ପରିବାରକୁ ବିଧାୟକଙ୍କ ସହାୟତା



**ଜଳେଶ୍ୱର, ୧୬।୧୦(ସମିସ):** ବିଦ୍ୟୁତ୍ ସଟ ସର୍କିଟରେ ନିଆଁଲାଗି ପୋଡି ଯାଇଥିବା ଦୁଇ ପରିବାରକୁ ବିଧାୟକ ଅଶ୍ୱିନୀ ପାତ୍ର ଭେଟି ସମବେଦନା ଜଣାଇଛନ୍ତି। ଗତ ୧୩ତାରିଖ ଦିନ ଶାଳିକୋଠା ଗାଁର ରବୀନ୍ଦ୍ର ଜେନା ଓ ବରେନ୍ଦ୍ର ଜେନାଙ୍କ ଘର ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ଆଜି ବିଧାୟକ ଶ୍ରୀ ପାତ୍ର ଓ ଜିଲାପରିଷଦ ଉପସଭାପତି ଅନୁସୂୟା ପ୍ରଧାନ ସେମାନଙ୍କ ଘରକୁ ଯାଇ ନଗଦ ୨୦ହଜାର ଟଙ୍କା ସହାୟତା ଦେବା ସହିତ ବିଡିଓ ଓ ତହସିଲଦାରଙ୍କ ସହିତ ଆଲୋଚନା କରି ଖୁବ୍‌ଶୀଘ୍ର ପକ୍କାଘର ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟମୁଖ୍ୟ ଗଣେଶ ପରିଡ଼ା, ୱାଡମେମ୍ବର ବିଜୁ ଗିରି, ସଭାପତି ବିଜୟ କୁମାର ପ୍ରଧାନ, ପୂର୍ବତନ ସରପଞ୍ଚ ହରିଶ୍ଚନ୍ଦ୍ର ଭୂୟାଁ, ରୋଟାରୀ କ୍ଲବ ସଭାପତି ସୁବିର ସେନାପତି, ଲେଲିନ୍ ପ୍ରଧାନ, ସୁବ୍ରଜ ରଣା, ମଣିଭଦ୍ର ଜେନା, ତାରାପଦ ମହାନ୍ତି, ବିଭୁତି ଖଟୁଆ, ବନମାଳି ଭୂୟାଁ, ସନ୍ତୋଷ ସେଣ, ରବିନାରାୟଣ ଚନ୍ଦ, ସତ୍ୟନାରାୟଣ ଦେ, ବୁଢା ମିଶ୍ର, ଶିବୁ ଭୂୟାଁ, ଦୀପୁ ସାମଲ, ପ୍ରଫୁଲ୍ଲ ବେହେରା ପ୍ରମୁଖ ଉପସ୍ଥିତ ହୋଇ ଦୁଇ ପରିବାରକୁ ସମବେଦନା ଜଣାଇଥିଲେ।

## ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ



**ଜଳେଶ୍ୱର, ୧୬।୧୦(ସମିସ):** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପାଇକସିଦା କ୍ଲଷ୍ଟରର ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ପାଇକସିଦା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। କାର୍ଯ୍ୟକ୍ରମରେ ପାଇକସିଦା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଶୁଭଶ୍ରୀ ହେମ୍ବ୍ରମ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ପାଇକସିଦା ଗ୍ରାମର କାହ୍ନୁ ଚରଣ ମହାନ୍ତି, ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟ ପୁରାତନ ଛାତ୍ର କମିଟିର ସଭାପତି ବିଜୟ କୁମାର ପରିଡ଼ା, ସମ୍ମାନୀତ ଅତିଥି ଭାବେ ପାଇକସିଦା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ରମେଶ ଚନ୍ଦ୍ର ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁବ୍ରତ ରଣା, କେଶପୁରା ମଧ ଇଂରାଜୀ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜ ମୋହନ ପରିଡ଼ା, ଗଡ଼ସାହି ବାଲିଆପାଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତ କୁମାର ଗିରି ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ପାଇକସିଦା କ୍ଲଷ୍ଟର୍ ଅଧୀନରେ ଥିବା ୧୧ଟି ସ୍କୁଲର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ୍, ବକ୍ତୃତା, ଚିତ୍ରାଙ୍କନ, ସଙ୍ଗୀତ, ନୃତ୍ୟ, ସୁନ୍ଦର ହସ୍ତାକ୍ଷର ଲିଖନ ଆଦି ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ପ୍ରତିଯୋଗୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରା ଯାଇଥିଲା। ଉକ୍ତ ଶିଶୁ ମହୋତ୍ସବରେ କ୍ଲଷ୍ଟର୍ ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ଶିକ୍ଷକ ଓ ପାଇକସିଦା ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଓ ସଦସ୍ୟା ମାନେ ସହଯୋଗ କରିଥିଲେ।

## ସିମୁଳିଆ କ୍ଲଷ୍ଟରରେ ଶିଶୁ ମହୋତ୍ସବ 'ସୁରଭି'

**ବାଲିଆପାଳ, ୧୬।୧୦ (ସମିସ):** ଏହି ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିମୁଳିଆ ପରିସରରେ ସିମୁଳିଆ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇ ଯାଇଛି। ସିଆରସିସି ଯଶୋବନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଏବିଇଓ ନମିତା ପ୍ରଭା ସାମଲ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ଶିଶୁ ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ କରିଥାଏ ବୋଲି ମତ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ଲମ୍ବୋଦର ମାହାନା, ସମ୍ମାନିତ ଅତିଥି ଭାବେ ସମିତି ସଦସ୍ୟ ସୁଶାନ୍ତ ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି ବାଡ଼ି, ପ୍ରଭାତ ରଞ୍ଜନ ସାହୁ, ପୂର୍ବତନ ସିଆରସିସି ନିତାଇ ଚରଣ ରାଉଳ, ଅଶୋକ ଗିରି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଭିନ୍ନ ବିଭାଗରେ ସତରଟି ବିଦ୍ୟାଳୟର ଦୁଇ ଶହରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ମୁଖ୍ୟ ଅତିଥି ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଦୀପ ପଣ୍ଡା, ଅଜୟ ମୁର୍ମୁ, ସୁଲୋଚନା ଗିରି, କଳ୍ପନା ସାହୁ, ଧନଞ୍ଜୟ ଚରଣ ଦେ, ଆଦିକନ୍ଦ ପ୍ରଧାନ, ମନୋରଞ୍ଜନ ପ୍ରଧାନ, ନିଳୀମା ସେଠୀ, ପୂଜାରାଣୀ ଦାସ, ପରମାନନ୍ଦ ସାହୁ, ଦିଲ୍ଲୀପ ସାହୁ, ଭରତ ଚନ୍ଦ୍ର ଜେନା, ମଞ୍ଜୁବାଳା ମହାନ୍ତି, ସନ୍ଦିପା ଜେନା, ଅଞ୍ଜନା ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



## ଖଣି ଓ କ୍ରସର ପରିଦର୍ଶନ କଲେ ଉପଜିଲ୍ଲାପାଳ



**ଖଇରା, ୧୬।୧୦ (ସମିସ):** ବାଲେଶ୍ୱର ଜିଲା ର ଉପଜିଲାପାଳ ଶିବ୍ ମାଲବ୍ୟ ଗୁରୁବାର ଶାରୀଶୁଆ ପାହାଡର ବିଭିନ୍ନ ଖଣି ସହ ପାହାଡ ସଂଲଗ୍ନ ୪ଟି କ୍ରସର ପରିଦର୍ଶନ କରି ଏକ ପଥର ବୋଝେଇ ଟ୍ରକ ସହିତ କ୍ରସର ଭିତରେ ବେଆଇନ ଭାବେ ଗଛିତଥିବା ପଥର କୁ ଜବତ କରିଥିଲେ। ଜୁନିଅର ଖଣିଅଧିକାରୀଙ୍କୁ ଜବତ ପଥର ଉପରେ ଜରିମାନା ଦାୟିତ୍ୱ ପ୍ରଦାନ କରିଥିଲେ। ପାହାଡର ବଗେଇପୁର ମୌଜାର ୧୮, ୧୯, ୨୦ ଓ ୨୧ ଏବଂ ବନ୍ଧନଟା କପିଳଝୁରି ମୌଜାର ୮୭, ୮୯ ଓ ୯୬ନମ୍ବର ଖଣି ପରିଦର୍ଶନ ପରେ ତ୍ରିବେଣୀ, ମା ମଙ୍ଗଳା, ଜଗନ୍ନାଥ ଓ ମା ଅମ୍ବିକା ଆଦି କ୍ରସର ପରିଦର୍ଶନ କରିଥିଲେ। କନିଷ୍ଠ ଖଣି ଅଧିକାରୀ ଅଭିଷେକ ବେହେରା, ତହସିଲଦାର ଅମିତ ରଞ୍ଜନ ହୋତା ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଆଦର୍ଶ ବିଦ୍ୟାଳୟ ଅଧକ୍ଷଙ୍କ ମୃତ୍ୟୁ



**ବାହାନଗା, ୧୬।୧୦(ସମିସ) :** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଜାଗେଶ୍ୱରପଦା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ଆଲୋକ କୁମାର ମାଝୀଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଅପରାହ୍ନ ୨ଟା ସମୟରେ ନିଜ ବାଇକ ଯୋଗେ ସେ ସ୍କୁଲରୁ ବାହାରି ବାଲେଶ୍ୱର ଅଭିମୁଖେ ଯାଉଥିଲେ। ସାରଗାଁ ଗୋପାଳପୁର ରାସ୍ତାର ସଦର ଥାନା ଜୟଦେବ କସବା ଫଣ୍ଡି ଅଧୀନ ରସାଳପୁର ନିକଟରେ ସମ୍ମୁଖରୁ ଆସୁଥିବା ଏକ ସ୍କୁଟି ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ ଆରୋହୀ ଶ୍ରୀ ମାଝୀ ଛିଟିକି ପଡ଼ିବା ସହ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରିବା ସହ ଆମ୍ବୁଲାନ୍ସ ଯୋଗେ ବାଲେଶ୍ୱର ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି। ଅଧକ୍ଷଙ୍କ ମୃତ୍ୟୁରେ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

## ଭେଲୋରା କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ

**ରାଜଘାଟ, ୧୬।୧୦ (ସମିସ):** ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତସ୍ଥିତ ରାମଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ଭେଲୋରା ଆଞ୍ଚଳିକ ସାଧନା କେନ୍ଦ୍ର ସ୍ତରୀୟ ୨୦୨୫ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଗଣେଶ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସନ୍ତୋଷପୁର ସରପଞ୍ଚ ସଂଗ୍ରାମ କୁମାର ଦାସ ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଶିକ୍ଷକ ଚୈତନ୍ୟ ପ୍ରସାଦ ଗିରି, ସମ୍ମାନିତ ଅତିଥି ଭାବେ ଭେଲୋରା ସରପଞ୍ଚ ଦୁର୍ଗାରାଣୀ ଜେନା, ସମିତି ସଭ୍ୟ ଅନାଦି ଚରଣ ଦାସ, ପ୍ରଧାନ ଶିକ୍ଷକ ହରେକୃଷ୍ଣ ଗୋଛାୟତ, ବିକର୍ତ୍ତନ କବି, ନିର୍ମଳ ଚନ୍ଦ୍ର ଦାସ, ଗଦାଧର ପତି, ପରିଚାଳନା କମିଟି ସଭାପତି ରବୀନ୍ଦ୍ର ଗିରି ପ୍ରମୁଖ ଯୋଗ ଦେଇଥିଲେ। ୧୪ଟି ବିଦ୍ୟାଳୟରୁ ୩୦୦ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିବା ବେଳେ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ପରି ଶେଷରେ ଶିକ୍ଷକ ସେକ ମୁସଲିମ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରଦ୍ଧାପୁର ହାଇସ୍କୁଲ ସ୍ଥିତି ଅନୁଧ୍ୟାନ କଲେ ବିଧାୟକ



**ଚନ୍ଦନେଶ୍ୱର, ୧୬।୧୦(ସମିସ):** ଭୋଗରାଇ ବ୍ଲକର ଶ୍ରଦ୍ଧାପୁର ହାଇସ୍କୁଲ ପରିଦର୍ଶନ ଆସି ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ ସ୍କୁଲ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆମ ଭୋଗରାଇର ଶିକ୍ଷା ମାନଚିତ୍ରରେ ଶ୍ରଦ୍ଧାପୁର ହାଇସ୍କୁଲ ଏକ ସଶ୍ରଦ୍ଧ ଉଚ୍ଚାରଣ। ଉତ୍ତମ ଶିକ୍ଷାଦାନ ଓ ଶୈକ୍ଷିକ ପରିବେଶ ଯୋଗୁଁ ବର୍ଷ ବର୍ଷ ଧରି ଏହି ସ୍କୁଲର ପିଲାମାନେ ଉଲ୍ଲେଖନୀୟ ରେଜଲ୍ଟ କରି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇ ଆସୁଛନ୍ତି ବୋଲି ବିଧାୟକ ଶ୍ରୀ ଦାସ ପ୍ରକାଶ କରିଛନ୍ତି। ଶିକ୍ଷକ ଶିକ୍ଷୟିତ୍ରୀ ତଥା ପରିଚାଳନା କମିଟିର ଅନୁରୋଧ କ୍ରମେ ସ୍କୁଲ ପରିଦର୍ଶନରେ ଯାଇ ସ୍କୁଲର ବିଭିନ୍ନ ଅଭାବ, ଅସୁବିଧା ଓ ସମସ୍ୟା ବିଷୟରେ ଆଲୋଚନା କରିବା ସହିତ ବିଧାୟକ ପାଣ୍ଠିରୁ ଏକ ସମ୍ମିଳନୀ କକ୍ଷ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ସ୍କୁଲ ପରିଚାଳନା କମିଟିର ସଭାପତି ରାମେଶ୍ୱର ନାୟକ, ପୂର୍ବତନ ଜିଲ୍ଲା ପରିଷଦ ଦେବାଶିଷ ଚାନ୍ଦ, ଶ୍ରଦ୍ଧାପୁର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ ପାତ୍ର, ସଦସ୍ୟାଙ୍କ ପ୍ରତିନିଧି ଗୌରହରି ମଣ୍ଡଳ, କାନ୍ଥଭଉଁରୀ ସରପଞ୍ଚଙ୍କ ପ୍ରତିନିଧି ଶ୍ରୀହରି ଜେନା, ସଦସ୍ୟ ପ୍ରଦୀପ ଦାସ, ସ୍କୁଲ ପ୍ରଧାନ ଶିକ୍ଷକ ସୁଧୀର ଭଞ୍ଜ, ସହକାରୀ ଶିକ୍ଷକ ଅଜୟ ପାତ୍ର, ଅତିଥି ଶିକ୍ଷକ ନଟରଞ୍ଜନ ଘଡ଼ାଇ, ସୁବଳ ପ୍ରଧାନ, ଶକ୍ତିପଦ ମହାନ୍ତି, ରବୀନ୍ଦ୍ର ସାହୁ, ଲକ୍ଷ୍ମୀକାନ୍ତ ଚନ୍ଦ, ପରିଚାଳନା କମିଟିର ସଦସ୍ୟ ଅଜିତ ପାତ୍ର, ସୁଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ନୀଳଗିରି ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କମିଟି ବୈଠକ

**ନୀଳଗିରି, ୧୬।୧୦ (ସମିସ)**




ନୀଳଗିରି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ନୀଳଗିରି ବିଧାନ ସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଧାୟକ ସନ୍ତୋଷ ଖଟୁଆ, ନୀଳଗିରି ପଞ୍ଚାୟତ ସମିତିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ସ୍ଥାନୀୟ ଉପଜିଲ୍ଲାପାଳ ଡ଼.ମଧୁସ୍ମିତା ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଔପଦା ଅଧ୍ୟକ୍ଷା ସୁଶ୍ରୀ ବି. ସି ବିସ୍ୱା, ବାହାନଗା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ନୀଳଗିରି ତହସିଲଦାର ସୋନମ୍ ଦାସ, ବାହାନଗା ବିଡିଓ ଶୁଭଶ୍ରୀ ଟୁଡୁ, ନୀଳଗିରି ଏନ୍.ଏ.ସି. ଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ଜିଲ୍ଲା ପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳ ଡ଼. ମଧୁସ୍ମିତା ସାମନ୍ତରାୟଙ୍କ ଆବାହକତ୍ୱରେ ବିବରଣୀନୁଯାୟୀ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ନୀଳଗିରି ବିଧାନ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନୀଳଗିରି, ଔପଦା, ବାହାନଗା ୩ଟି ବ୍ଲକର ୪୧ଟି ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରି ଥିଲେ। ସମୀକ୍ଷା ବୈଠକ ପରେ ବିଧାୟକ ଶ୍ରୀ ଖଟୁଆ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ପକ୍ଷରୁ ୩ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ତିନି ଚକିଆ ସାଇକଲ ପ୍ରଦାନ କରିଥିଲେ। ଏହି ବିଧାନ ସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସମୀକ୍ଷା ବୈଠକରେ ଉଭୟ ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

## ସ୍କୁଟି ଧକ୍କାରେ କଲେଜ ଛାତ୍ରୀ ଆହତ



ବେଲବାହାଳି,୧୬।୧୦(ସମିସ): ଘସିପୁରା ଥାନା ଅନ୍ତର୍ଗତ ବାରିଗାଁ ଛକ ନିକଟରେ ମଧ୍ୟାହ୍ନ ସମୟରେ ଜଣେ ଛାତ୍ରୀଙ୍କୁ ସ୍କୁଟି ଧକ୍କା ଦେବାରୁ ଛାତ୍ରୀ ଜଣକ ଗୁରତର ଆହତ ହୋଇଛନ୍ତି। ଗୁରୁତର ଛାତ୍ରୀ ଜଣକ ଆନନ୍ଦପୁର ଉପଖଣ୍ଡ ବେଲବାହାଳି ବେଲେଶ୍ୱର ମହାବିଦ୍ୟାଳୟର ଅର୍ଚ୍ଚନା ଜେନା। କଲେଜରୁ ନିଜଘର ବାଇଲୋକୁ ସାଇକଲ ଚଲାଇ ଫେରୁଥିବା ସମୟରେ ବାରିଗାଁ ନିକଟରେ ସ୍କୁଟି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଏନଏଚଏଆଇ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟଠାରେ ଭର୍ତ୍ତି କରାଯାଇଛି। ସ୍କୁଟି ନମ୍ବର ଓଡି ୦୯ ଏଡି ୮୯୭୭କୁ ଆଧାର କରି ଘଟଣାର ତଦନ୍ତ ଆରମ୍ଭ କରିଛି ଘଷିପୁରା ପୁଲିସ।

## ମୁଗୁପୁର ଦୈତାରୀ ଗୁରୁକୁଲମ୍‌ର ପ୍ରସ୍ତୁତି



ଆନନ୍ଦପୁର, ୧୬।୧୦ (ସମିସ): ମୁଗୁପୁରସ୍ଥିତ ଦୈତାରୀ ଗୁରୁକୁଲମ୍‌ର ବାର୍ଷିକ ଉତ୍ସବ ଓ ଶିଶୁ ଦିବସ ପାଳନ କରାଯିବା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଗୁରୁକୁଲମ୍‌ର ପ୍ରତିଷ୍ଠାତା ଜନ୍ମେଜୟ ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକର ନିଷ୍ପତ୍ତି ପ୍ରକାରେ ଆସନ୍ତା ନଭେମ୍ବର ୧୪ ତାରିଖ ଶିଶୁ ଦିବସରେ ଶିଶୁଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ କବି-ଲେଖକଙ୍କ ଦ୍ୱାରା ସେ ଅଞ୍ଚଳର ସଂସ୍କୃତି, ଶିଶୁ ସାହିତ୍ୟ, ଶିକ୍ଷା, ସାମାଜିକ ମୂଲ୍ୟବୋଧ ସଂପର୍କିତ କବିତା ପାଠ କରାଯିବାକୁ ସ୍ଥିର ହୋଇଛି। ଅନୁରୂପ ଭାବେ ଆଗାମୀ ବାର୍ଷିକ ଉତ୍ସବ ଅବସରରେ ପ୍ରକାଶ ପାଇବାକୁ ଥିବା ମୁଖପତ୍ର 'କଲ୍‌ଲୋଳିନୀ ବୈତରଣୀ' ପାଇଁ ଗଳ୍ପ, କବିତା, ପ୍ରବନ୍ଧ ଆଦି ବିଭିନ୍ନ ବିଭାଗର ଲେଖାମାନ ହ୍ୱାଟସ୍ ଆପ୍ ନଂ ୭୨୮୧୦୦୦୦୦୭ରେ ପଠାଇବା ପାଇଁ ଅନୁରୋଧ କରାଯାଇଛି। ଏହି ବୈଠକରେ ଗୁରୁକୁଲମ୍‌ର କର୍ମକର୍ତ୍ତାଙ୍କ ସମେତ ଗୁରୁଜୀ ଗୁରୁମା ଅଂଶଗ୍ରହଣ କରିଥିଲେ।

## ସାପ କାମୁଡ଼ାରେ ମହିଳା ମୃତ

ତୁରୁମୁଙ୍ଗା, ୧୬।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଘୋଳକୁଣ୍ଡ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଲେ ଗ୍ରାମର ବିଜୟ ଚାମ୍ପିଆଙ୍କ ସ୍ତ୍ରୀ ଜେମା (୩୦)। ଉଭୟ ସ୍ୱାମୀ ସ୍ତ୍ରୀ ରାତିରେ ଘର ଚଟାଣରେ ଶୋଇଥିବା ସମୟରେ ଏକ ବିଷଧର ସାପ ଜେମାଙ୍କୁ କାମୁଡିଥିଲା। ପରିବାର ଲୋକେ ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଫାଣ୍ଡି ଏଏସ୍‌ଆଇ ପଞ୍ଚମୀ ମହାନ୍ତ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଶବକୁ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ୩୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



କେନ୍ଦୁଝର,୧୬।୧୦(ସମିସ): କେନ୍ଦୁଝର ସଦର ବ୍ଲକ ନୂଆଗାଁ କ୍ଲଷ୍ଟର ବରଦାପାଳ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଦଗଡ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ନଳିନୀ ଦେହୁରୀ ମା' ସରସ୍ୱତୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରିବା ପରେ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ଏଥିରେ ୧୬ଟି ବିଦ୍ୟାଳୟର ୯୪ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ମଣ୍ଡଳପାଟ ନୋଡାଲ ହାଇସ୍କୁଲର ଛାତ୍ରୀମାନେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ମଇଦାନକେଲ କ୍ଲଷ୍ଟରର ସିଆରସିସି ରମାକାନ୍ତ ମହାନ୍ତ ଅତିଥି ଭାବେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଜ୍ଞାନଗର୍ଭକ ଉଦବୋଧନ ଦେଇଥିଲେ। ପ୍ରଧାନଶିକ୍ଷକ ରଣଜିତ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ନୂଆଗାଁ କ୍ଲଷ୍ଟର ସିଆରସିସି ନେତ୍ରାନନ୍ଦ ଦେହୁରୀ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ପ୍ରସ୍ତାବିତ ଷ୍ଟିଲପ୍ଲାଣ୍ଟକୁ ବିରୋଧ କରି ବାଇକ୍ ରାଲି, ପ୍ରତିବାଦ ସଭା

# ଚାଷ ଜମିରେ ଷ୍ଟିଲ୍‌ପ୍ଲାଣ୍ଟ ନିର୍ମାଣ ବନ୍ଦ ସହ ଚୁକ୍ତିନାମା ରଦ୍ଦ ଦାବି

ତୁରୁମୁଙ୍ଗା,୧୬।୧୦(ସମିସ)



କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଚେମେଣା ଓ ଯମୁନାପଶି ପଞ୍ଚାୟତ ଅଞ୍ଚଳରେ ପ୍ରସ୍ତାବିତ ଷ୍ଟିଲପ୍ଲାଣ୍ଟ ନିର୍ମାଣକୁ ବିରୋଧ କରି ଗୁରୁବାର ଅଲ୍‌ଇଣ୍ଡିଆ କିସାନ କ୍ଷେତ ମଜଦୁର ସଂଗଠନର ସର୍ବଭାରତୀୟ କମିଟି ଆହ୍ୱାନକ୍ରମେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। କିଛି ଦିନ ତଳେ ଏହାକୁ ନେଇ ସପକ୍ଷବାଦୀଙ୍କ ଏକ ସଭାରେ ସ୍ଥାନୀୟ ବିଧାୟକଙ୍କ ସମର୍ଥନ ପରେ ପ୍ରସ୍ତାବିତ ଜିନ୍ଦଲ ପୋ।ସ୍କୋ ପ୍ଲାଣ୍ଟ ଅଞ୍ଚଳରେ ଏହି ସଭା ପ୍ରସଂଗକୁ ସରଗରମ କରିଛି। ଅଲ୍‌ଇଣ୍ଡିଆ କିସାନ କ୍ଷେତ ମଜଦୁର ସଂଗଠନ ଓ ଜିନ୍ଦଲ ପୋ।ସ୍କୋ ପ୍ରତିରୋଧ ମଞ୍ଚ ପକ୍ଷରୁ ଚିଲିଦା, ଭୃଙ୍ଗରାଜପଶି, ନୂଆଗାଁ, ରାଇକଳା, ଧରୁଆପଡା, କିମିର୍ଦ୍ଧାପଶି, ନୁଆଖମଣ, ବରୁଡିପଶି, ପଦ୍ମକେଶରପୁର, କୋଡ଼ଖମଣ ଯମୁନାପଶି ଗୋଡିପୋଖରୀ, ବାରଡାଙ୍ଗୁଆ, ଧନୁର୍ଯ୍ୟୟପୁର ଅଙ୍ଗିକଳା ରେଙ୍ଗାଳବେଡା ବଳିଆପଶି ଓ ଚେମେଣା ଆଦି ଗ୍ରାମଗୁଡିକରେ ବିଶାଳ ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତାବିତ ଜିନ୍ଦଲ-ପୋସ୍କୋ ଅଞ୍ଚଳର ୧୮ ଟି ଗ୍ରାମର ଶତାଧିକ ରାଲିରେ ସାମିଲ ହେବା ସହ ଚେମେଣାଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଏକତ୍ରିତ ହୋଇଥିଲେ। ଚିଲିଦା ମକର ପଡିଆଠାରୁ ବାଇକ୍ ରାଲି କରି ଶୋଭାଯାତ୍ରାରେ ବାହାରି ସମସ୍ତ ଗ୍ରାମ ପରିକ୍ରମା କରିଥିଲେ। ବିଭିନ୍ନ ପ୍ଲାକାର୍ଡ ଓ ବ୍ୟାନର ସହ ଚାଷ ଜମିରେ ଶିଳ୍ପ ପ୍ରତିଷ୍ଠା ବନ୍ଦ କର, ଜିନ୍ଦଲ-ପୋସ୍କୋ ସହ ହୋଇଥିବା ଚୁକ୍ତିପତ୍ର ବାତିଲ, ରକ୍ତ ଦେବୁ ଜୀବନ ଦେବୁ ଭିଟାମାଟି ଛାଡିବୁ ନାହିଁ ଆଦି ସ୍ଲୋଗାନ ଦେଇ ଗାଁ ପରିକ୍ରମା କରିଥିଲେ। ଚେମଣା ରଜ ମହୋତ୍ସବ ଆମ୍ବତୋଟାରେ ବିଭିନ୍ନ ଗ୍ରାମ କମିଟି ପକ୍ଷରୁ ବାଇକ ଶୋଭାଯାତ୍ରାକାରୀଙ୍କୁ ସ୍ୱାଗତ କରାଯିବା ପରେ ଏକ ପ୍ରତିବାଦ ସଭା ମଞ୍ଚର ସଭାପତି ଘନଶ୍ୟାମ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅଞ୍ଚଳରେ ରାଜ୍ୟ ସରକାର ଦୋ ଫସଲି ଓ ବହୁ ଫସଲି ଜଳସେଚିତ ଚାଷ ଜମି ଲୋକଙ୍କଠାରୁ ବଳପୂର୍ବକ ଛଡ଼ାଇ ନେଇ ଜିନ୍ଦଲ ଓ ପୋସ୍କୋକୁ ଦେବା ପାଇ ବୁଝାମଣାପତ୍ର ଚୁକ୍ତିନାମା ସ୍ୱାକ୍ଷର କରିଥିବାରୁ ଉପସଭାପତି କମ୍ରେଡ୍ ପ୍ରକାଶ ମଲ୍ଲିକ କଡ଼ା ସମାଲୋଚନା କରିଥିଲେ। ଏହାଦ୍ୱାରା ଏଠାରେ ପୁରୁଷ ପୁରୁଷ ଧରି ବସବାସ କରୁଥିବା ପ୍ରାୟ ୨୦ ହଜାର ଗରିବ ଆଦିବାସୀ ଓ ଅନ୍ୟମାନେ ଉଚ୍ଛେଦ ହେବେ। ପୂର୍ବରୁ ଏହି ଅଞ୍ଚଳରେ ୨୦୦୬ରୁ ୨୦୧୩ ମସିହା ପର୍ଯ୍ୟନ୍ତ ଦୀର୍ଘ ୭ ବର୍ଷ ଧରି ଆନ୍ଦୋଳନ କରି ମିତ୍ତଲ କମ୍ପାନୀକୁ ହଟାଇଥିଲେ। ପୁଣି ଥରେ ଜିନ୍ଦଲ ପୋସ୍କୋକୁ ହଟାନ୍ତୁ ବୋଲି ଅଞ୍ଚଳବାସୀଙ୍କୁ ଆହ୍ୱାନ ଦେଇଥିଲେ। ମଞ୍ଚର ସମ୍ପାଦକ ବେଣୁଧର ସର୍ଦ୍ଦାର, ଉପସଭାପତି ସରୋଜ କୁମାର ସିଂହ, ନିରାକାର ମହାନ୍ତ, ବଙ୍ଗାଳି ନାଏକ, ପ୍ରଭାକର ମହାନ୍ତ, ଭାବଗ୍ରାହୀ ନାଏକ, କ୍ଷେତ୍ରବାସୀ ନାଏକ, ବସୁମତୀ ନାଏକ, ଚୌଧୁରୀ ମହାନ୍ତ, ଲକ୍ଷଣ ମହାନ୍ତ, ତ୍ରିଲୋଚନ ମହାନ୍ତ, ଅକ୍ଷୟ ନାଏକ, ବେଣୁଧର ମହାନ୍ତ, ଦିବାକର ନାଏକ, ସନାତନ ନାଏକ, ଶତ୍ରୁଘ୍ନ ନାଏକ, ମନୋଜ ନାଏକ, ଭୁବନାନନ୍ଦ ସର୍ଦ୍ଦାର ଓ ଚେମଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ଉଦୟନାଥ ନାଏକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସରକାର ଚୁକ୍ତିନାମା ବାତିଲ ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ସଭାପତି ଘନଶ୍ୟାମ ମହାନ୍ତ ଆହ୍ୱାନ ଦେବା ସହ ଏନେଇ ରାଷ୍ଟ୍ରପତିଙ୍କୁ ମେଲ୍ ଜରିଆରେ ଦାବିପତ୍ର ପଠାଯାଇଥିବା କହିଛନ୍ତି।

## ପୋଡ଼ଖମଣ ହତ୍ୟା ଆସାମୀକୁ ୫ ବର୍ଷ ସଶ୍ରମ କାରାଦଣ୍ଡ

ଆନନ୍ଦପୁର, ୧୬।୧୦ (ସମିସ): ଏକ ହତ୍ୟା ମାମଲାର ବିଚାର କରି ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଆସାମୀକୁ ୫ ବର୍ଷର ସଶ୍ରମ କାରାଦଣ୍ଡ ରାୟ ଶୁଣାଇଛନ୍ତି। ଅତିରିକ୍ତ ସରକାରୀ ଓକିଲଙ୍କ ସୂଚନା ଅନୁଯାୟୀ, ଗତ ୧୧-୭-୨୦୨୦ ରାତି ୯ଟା ସମୟରେ ଘଷିପୁରା ଥାନା ପୋଡାଖମଣ ମାଝିସାହିର ରାମ ନାଇକଙ୍କ ପୁଅ ନରତମ ନାଇକ ନିଜର ଦୁଇଟି ଯାକ ହଂସକୁ ଆଣିବାକୁ ଯାଇଥିଲେ। କୌଣସି ସୂତ୍ରରୁ ଖବର ପାଇଲେ ଯେ ନିକଟସ୍ଥ ଝାଡେଶ୍ୱର ମାଝିସାହିର ରବି ମୁର୍ମୁ ସେହି ହଂସ ଦୁଇଟିକୁ ମାରି ଖାଇଦେଇଥିଲେ। ନରତମ ହଂସ ଦୁଇଟିର ମୂଲ୍ୟ ବାବଦକୁ ରବି ମୁର୍ମୁକୁ ପଇସା ମାଗିବାରୁ ରବି ମୁର୍ମୁ ନରତମକୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲା। ଏହାକୁ ନରତମର ବାପା ରାମ ନାଇକ ବାରଣ କରିବାରୁ ରବି ଉତକ୍ଷିପ୍ତ ହୋଇ ରାମକୁ ଏକ ପଥରରେ ଆକ୍ରମଣ କରିଥିଲା। ଫଳରେ ରାମ ନାଇକ ଚିତ୍କାର କରି ସେହିଠାରେ ପଡିଯିବାରୁ ନରତମ ସଙ୍ଗେ ସଙ୍ଗେ ତାର ବାପା ରାମ ନାଇକଙ୍କୁ ଆନନ୍ଦପୁର ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ରାମର ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ ଡାକ୍ତର ରାମକୁ କେନ୍ଦୁଝର ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। କେନ୍ଦୁଝର ଯିବା ବାଟରେ ରାମର ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ନରତମ ଘଷିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ।ନା କେସ୍ ନମ୍ବର ୧୧୮/୧୨-୭-୨୦ରେ ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୦୨ରେ ମାମଲା ରୁଜୁ କରିଥିଲା। ଆନନ୍ଦପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦେବଦତ୍ତ ଦାସମହାପାତ୍ର ଏହି ମାମଲାରେ ଏସ୍‌ଟି କେସ୍ ନମ୍ବର ୧୭/୨୦ରେ ମୋଟ ୧୩ଜଣ ସାକ୍ଷୀଙ୍କ ସାକ୍ଷ୍ୟପ୍ରମାଣ ଓ ବୟାନ ଆଧାରରେ ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୦୪(୨) ଅନୁଯାୟୀ ମାମଲାର ବିଚାର କରି ଆସାମୀ ରବି ମୁର୍ମୁକୁ ୫ବର୍ଷର ସଶ୍ରମ କାରାଦଣ୍ଡ ରାୟ ପ୍ରଦାନ କରିଛନ୍ତି। ସରକାରଙ୍କ ତରଫରୁ ଡେପୁଟି ଡାଇରେକ୍ଟର ଅଫ୍ ପ୍ରସିକ୍ୟୁସନ ପ୍ରକାଶଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆନନ୍ଦପୁରର ଅତିରିକ୍ତ ସରକାରୀ ଆଇନଜୀବୀ ସୌମିତ୍ରୀ କୁମାର ରାଉତ ମାମଲା ପରିଚାଳନା କରୁଥିଲେ।

## ଦାଦାବଟି ମାଗି ଯୁବକ ଗିରଫ



ବାଲିବନ୍ଧ, ୧୬।୧୦ (ସମିସ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନାଞ୍ଚଳରେ ଦାଦାବଟି ମାଗି ଯୁବକ ଝୁମ୍ପୁରା ବ୍ଲକ କୁଟୁଗାଁ ପଞ୍ଚାୟତ ଚିପିଣ୍ଡା ଗ୍ରାମର ଅଭିଯୁକ୍ତ ପ୍ରମୋଦ ବାରିକ (୩୭) ଗିରଫ ହୋଇଥିବା ଜଣାପଡ଼ିଛି। ଚିପିଣ୍ଡା ଗ୍ରାମର ପ୍ରମୋଦ ବାରିକ ମାସିକ ୧ଲକ୍ଷ ଟଙ୍କା ଦାଦବଟି ମାଗୁଥିବା ନେଇ କୁଟୁଗାଁସ୍ଥିତ ଚମ୍ପାଡିହୀଠାରେ ନିର୍ମାଣାଧୀନ ଥିବା କାଶୀଭି ଇଣ୍ଟରନ୍ୟାସନାଲ ପ୍ରାଇଭେଟ କମ୍ପାନୀର ପିଲେଟ ପ୍ଲାଣ୍ଟ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଶଶିଭୂଷଣ ସାହୁ ଥାନାରେ ଗତ ୧୨ ତାରିଖ ଲିଖିତ ଅଭିଯୋଗ କରିଥିଲେ। ଏହି ଦାଦା ବଟି ନମିଳିଲେ ଖଣ୍ଡାରେ ହାଣିଦେବି ବୋଲି ଧମକ ଦେବା ସହ ବହୁତ ଅଭଦ୍ର ଭାଷାରେ ଗାଳିଗୁଲଜ କରିଥିଲା ଅଭିଯୁକ୍ତ ପ୍ରମୋଦ। ଏପରିକି ପ୍ଲାଣ୍ଟକାମ ବନ୍ଦ କରିଦେବି ବୋଲି ପାଟିତୁଣ୍ଡ କରିଥିଲା ପ୍ରମୋଦ। ଫଳରେ ଶଶିଭୂଷଣ ଭୟଭୀତ ହୋଇ ବାମେବାରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ବାମେବାରୀ ପୁଲିସ ପ୍ରମୋଦକୁ ଗୁରୁବାର କୋର୍ଟ ଚାଲାଣ କରିଛି।

## ଅଧ୍ୟାପକଙ୍କୁ ଡ କଲାମ ଗୁରୁଦେବ ସମ୍ମାନ



ଆନନ୍ଦପୁର/ବେଲବାହାଳି, ୧୬।୧୦ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପକ ବିଜୟ କୁମାର ସାହୁଙ୍କୁ ଡ ଅବଦୁଲ କଲାମ ଗୁରୁଦେବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତନ ଯଶସ୍ୱୀ ରାଷ୍ଟ୍ରପତି, ବିଶିଷ୍ଟ ବୈଜ୍ଞାନିକ ତଥା ମିସାଇଲ ମ୍ୟାନ ଡ ଅବଦୁଲ କଲାମଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ବାଲେଶ୍ୱରର ରେମୀଠାରେ ଅଧ୍ୟାପକ ଶ୍ରୀ ସାହୁଙ୍କୁ ଏହି ସମ୍ମାନ ମିଳିଛି। ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ଡ ପଙ୍କଜ କୁମାର ଜେନା ସଭାପତିତ୍ୱ କରିଥିଲେ। ଓଡିଶା ସରକାରଙ୍କ ଉପ ମୁଖ୍ୟ ସଚେତକ ଗୋବିନ୍ଦଚନ୍ଦ୍ର ଦାସ ମୁଖ୍ୟଅତିଥି, ବିଶିଷ୍ଟ ବୈଜ୍ଞାନିକ ଡ ନୀଳାଦ୍ରି ରାୟ ମୁଖ୍ୟବକ୍ତା, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷା ଓ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ କଲାମ ଗୁରୁଦେବ ସମ୍ମାନ ସ୍ୱରୂପ ଟ୍ରଫି ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କଲେଜର ଅଧ୍ୟକ୍ଷ ସଞ୍ଜୟ ମିଶ୍ର, ସମସ୍ତ ଅଧ୍ୟାପକଅଧ୍ୟାପିକା ଓ କର୍ମଚାରୀ ଶ୍ରୀ ସାହୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## କ୍ଲଷ୍ଟର୍‌ସ୍ତରୀୟ ଶିଶୁ ସୁରଭି ମହୋତ୍ସବ

ହାଟଡ଼ିହୀ,୧୬।୧୦(ସମିସ): ହାଟଡ଼ିହୀ ବ୍ଲକ ବାଲିବରେଇ କ୍ଲଷ୍ଟର ଅଧୀନରେ ଥିବା ବିଦ୍ୟାଳୟସମୂହକୁ ନେଇ କ୍ଲଷ୍ଟରସ୍ତରୀୟ ଶିଶୁ ସୁରଭି ମହୋତ୍ସବ କାର୍ଯ୍ୟକ୍ରମ ବିଦ୍ୟାଧରପୁରସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ନିତ୍ୟାନନ୍ଦ ନାୟକ, ବିଜୟ ଜେନା ପ୍ରମୁଖ ଅତିଥି ଯୋଗଦାନ କରିଥିଲେ। ଏସିବି ଫାଉଣ୍ଡେସନର ଅଧ୍ୟକ୍ଷ ଅଲେଖଚନ୍ଦ୍ର ବେହେରା ସୁରଭିରେ ଭାଗ ନେଇଥିବା ସମସ୍ତେ ପିଲାଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ସାଧନ କେନ୍ଦ୍ର ଅଧୀନସ୍ଥ ୧୧ଟି




ସାଧନ କେନ୍ଦ୍ର ସଂଯୋଜକ ବିଶ୍ୱଜିତ ରାଉତଙ୍କ ସଂଯୋଜନାରେ ଏହା ଅନୁଷ୍ଠିତ ହୋଇଥିଲା ବେଳେ ଶ୍ରୀ ରାଉତ ସଭାପତିତ୍ୱ କରିଥିଲେ। ବାଲିବରେଇ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅପର୍ଣ୍ଣା ବେହେରା, ଇଞ୍ଜୋଳ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପଟ୍ଟନାୟକ, ଚତୁର୍ଭୁଜ ପହି, ଶିକ୍ଷାବିତ୍ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ଲଷ୍ଟର ଅଧୀନସ୍ଥ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟସଭ୍ୟା ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶକୁନ୍ତଳା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ଣ୍ଣ ଅନୁଦାନ ପାଇଲା ଜଳସୁଆଁ ଲକ୍ଷ୍ମୀନାରାୟଣ ହାଇସ୍କୁଲ

ଆନନ୍ଦପୁର, ୧୬।୧୦ (ସମିସ)



ଆନନ୍ଦପୁର ବ୍ଲକ ଜଳସୁଆଁ ଲକ୍ଷ୍ମୀନାରାୟଣ ଉଚ୍ଚବିଦ୍ୟାଳୟ ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗରୁ ପୂର୍ଣ୍ଣ ଅନୁଦାନ ପାଇଥିବାରୁ ଅଞ୍ଚଳବାସୀ ସ୍ୱାଗତ କରିଛନ୍ତି। ୧୯୯୩ରେ ଅଞ୍ଚଳବାସୀ ଓ କେତେକ ଶିକ୍ଷାପ୍ରେମୀଙ୍କ ଉଦ୍ୟମରେ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନେ ସ୍ୱଳ୍ପ ବେତନ ପାଉଥିଲେ ମଧ୍ୟ ପ୍ରତିବର୍ଷ ପରୀକ୍ଷାଫଳ ଆଶାଜନକ ହୋଇଥାଏ। ବିଦ୍ୟାଳୟର ଶୈକ୍ଷିକ ପରିବେଶ ଓ଼ ଶିକ୍ଷଦାନ ବ୍ୟବସ୍ଥାର ଅନୁଧ୍ୟାନ ପରେ କେନ୍ଦୁଝର ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶିକ୍ଷକମାନଙ୍କ ବିଭିନ୍ନ କାର୍ଯ୍ୟ ସ୍ୱଚ୍ଛତାର ସହିତ ହେଉଥିବାରୁ ଶତପ୍ରତିଶତ ଅନୁଦାନ ପାଇବା ପାଇଁ ଗଣଶିକ୍ଷା ବିଭାଗକୁ ଅନୁମୋଦନ କରିଥିଲେ। ଗଣଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଶିକ୍ଷକ ଓ଼ କର୍ମଚାରୀ ଅସୁବିଧାକୁ ଉପଲବଧି କରି ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେବା ପରେ ଜିଲ୍ଲା ଶିକ୍ଷାଧିକାରୀ ତାଙ୍କର ସ୍ୱତନ୍ତ୍ର କ୍ଷମତା ବଳରେ ଶତପ୍ରତିଶତ ଅନୁଦାନ ପାଇଁ ସ୍ୱୀକୃତି ଦେଇଥିବା ଜଣାପଡ଼ିଛି। ଏହି ବିଦ୍ୟାଳୟର ପ୍ରଧାଶିକ୍ଷକ ସମେତ ଶିକ୍ଷକ ଓ଼ କର୍ମଚାରୀଙ୍କ ପକ୍ଷରୁ ଗଣଶିକ୍ଷା ବିଭାଗ ଓ଼ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଧାନ ଶିକ୍ଷକ ଜଗବନ୍ଧୁ ସାହୁ କୃତଜ୍ଞତା ଜଣାଇଛନ୍ତି।

## ହାଟଡ଼ିହୀ ହାଇସ୍କୁଲରେ ଦିନିକିଆ ଗଣିତ ଓ ବିଜ୍ଞାନ ତାଲିମ୍




ହାଟଡ଼ିହୀ,୧୬।୧୦(ସମିସ): ହାଟଡ଼ିହୀ ହାଇସ୍କୁଲଠାରେ ଗୁରୁବାର ପୂର୍ବାହ୍ନରେ ଏକଦିବସୀୟ ଗଣିତ ଓ ବିଜ୍ଞାନ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ହାଟଡ଼ିହୀ ବିଇଓ ରାଜୀବ କୁମାର ଦଳେଇ, ଏବିଇଓ ପ୍ରମୋଦ କୁମାର ନାୟକ, ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖଙ୍କ ସହ ହାଟଡ଼ିହୀ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପରମାନନ୍ଦ ପରିଡ଼ା ଏହାକୁ ଉଦଘାଟନ କରିଥିଲେ। ଖାନ୍ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ଶିବିରରେ ହାଟଡ଼ିହୀ ଶିକ୍ଷାମଣ୍ଡଳର ୪୭ଟି ହାଇସ୍କୁଲର ଗଣିତ ଓ ବିଜ୍ଞାନ ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ଶାଳଦେଇସ୍ଥିତ କେବି ସରକାରୀ ହାଇସ୍କୁଲର ଜ୍ୟୋତିରଞ୍ଜନ ସିଆଲ ଓ ପ୍ରଦୀପ ଭଞ୍ଜ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ୍ ଦେଇଥିଲେ। କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ ସଞ୍ଜୟ ସାହୁ ପରିଚାଳନା କରିଥିଲା ବେଳେ ଅନ୍ୟମାନେ ଏଥିରେ ସହଯୋଗ କରିଥିଲେ।

## ବ୍ୟବସାୟୀଙ୍କ ବିୟୋଗ; ପାଟଣା ବଜାର ବନ୍ଦ



ତୁରୁମୁଙ୍ଗା, ୧୬।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସ୍ୱାମଶାସନର ବ୍ୟବସାୟୀ ବିପିନ ବିହାରୀ ଦାଶଙ୍କ ୬୬ବର୍ଷ ବୟସରେ ବିୟୋଗ ଘଟିଛି। ଗତ ବୁଧବାର ରାତିରେ ତାଙ୍କ ଅନ୍ତିମ ସଂସ୍କାର ପାଟଣା ବୈତରଣୀ ନଦୀର ଦୁର୍ଗାଦେଇପୁର ଶ୍ମଶାନ ଘାଟରେ ଶେଷ ହୋଇଛି। ପୁଅ ବୀରକିଶୋର ମୁଖାଗ୍ନି ଦେଇଥିବା ବେଳେ ମୃତ୍ୟୁଶଯ୍ୟା ନିକଟରେ ଭାଇ ଗଦାଧର, ବିଜୟ, ଅଜୟ, ଝିଅ ଜ୍ୱାଇଁ, ପୁତୁରା, ଝିଆରୀ, ଜ୍ଞାନ୍ତି କୁଟୁମ୍ବ ଉପସ୍ଥିତ ଥିଲେ। ବଡପାଟଣା ସରପଞ୍ଚ ବିନତି ବାନାରା, ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ବିଦ୍ୟାଧର ଦାଶ, ପାଟଣା ବଜାର କମିଟି ସଭାପତି ବୁଲୁ ଭଞ୍ଜ, ସମ୍ପାଦକ ଅଜୟ ବେହେରା, ବିଜେପି ନେତା ଦୀନବନ୍ଧୁ ମିଶ୍ର, ସାମାଜିକ କର୍ମୀ ଅଜିତ ଦାଶ, ପର୍ଶୁରାମ ପଣ୍ଡା, କମଳାକାନ୍ତ ପତି, ଅଜୟ ଦାଶ, ଶିବନାରାୟଣ ମିଶ୍ର, ଅରବିନ୍ଦ ଦାଶ, ବ୍ୟବସାୟୀ ଚିତ୍ତ ସାହୁ ପ୍ରମୁଖ ଶେଷ ଦର୍ଶନ କରଥିଲେ। ବ୍ୟବସାୟୀ ବିଷ୍ଣୁ ବେହେରା, କୁଞ୍ଜ ସାହୁ, କାଳିଆ ଭଞ୍ଜ, ରାଜା ସାହୁ, ସଞ୍ଜୁ ଭଞ୍ଜ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ତାଙ୍କ ବିୟୋଗରେ ପାଟଣା ମାର୍କେଟ କମିଟି ତରଫରୁ ସକାଳ ୬ରୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ପାଟଣା ବଜାରର ସମସ୍ତ ଦୋକାନକୁ ବନ୍ଦ ରଖାଯାଇଥିଲା।

## ବିପିଏଲ୍‌ଧାରୀଙ୍କୁ ସୂଚନା ଅଧିକାର ତଥ୍ୟ ପାଇଁ ଅର୍ଥ ଦାବି

ଆନନ୍ଦପୁର, ୧୬।୧୦ (ସମିସ): ସୂଚନା ଅଧିକାର ଆଇନରେ ବିପିଏଲ ହିତାଧିକାରୀ ବିନା ଅର୍ଥରେ ତଥ୍ୟ ଦେବାକୁ ସରକାରୀ ନିର୍ଦ୍ଦେଶ ଥିବାବେଳେ ତଥ୍ୟ ନଦେବା ପାଇଁ ବିଭିନ୍ନ ଆଳ ଦେଖାଇ ନିରାଶ କରୁଥିବା ଓ଼ ଅର୍ଥ ଦାବି କରୁଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଘସିପୁରା ବ୍ଲକ ଗୋହିରା ପଞ୍ଚାୟତ ଅନ୍ତର୍ଗତ ତାଳଗାଁ ଗ୍ରାମର ଦୈତାରୀ ମହାକୁଡ ସ୍ଥାନୀୟ ଓସ୍ତପୁରାସ୍ଥିତ ତ୍ରିଲୋଚନପୁର



ଆଶ୍ରମ ବିଦ୍ୟାଳୟର କିଛି ତଥ୍ୟ ପାଇବା ପାଇଁ ସୂଚନା ଅଧିକାରରେ ଆବେଦନ କରିଥିଲେ। ସେ ବିପିଏଲ ହିତାଧିକାରୀ ହୋଇଥିଲେ ମଧ୍ୟ ଆଶ୍ରମ ବିଦ୍ୟାଳୟ ତରଫରୁ ୮୦ ନମ୍ବର ଚିଠିରେ ସାତ ଦିନ ମଧ୍ୟରେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟରେ ୩୦୩୦ ଟଙ୍କା ଜମା କରିବା ପାଇଁ ଲେଖାଯାଇଥିଲା। ବିପିଏଲ୍ ହିତାଧିକାରୀଙ୍କୁ ମାଗଣା ତଥ୍ୟ ପ୍ରଦାନ ପାଇଁ ନିୟମ ଥିବା ବେଳେ ଅର୍ଥ ଦାବି ଘଟଣାରେ ଦୈତାରୀ ଅସନ୍ତୋଷ ବ୍ୟକ୍ତ କରି ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଶ୍ରୀ ମହାକୁଡ ତାଙ୍କ ବିପିଏଲ କାର୍ଡ ଦେଇନାହାନ୍ତି ବୋଲି କହି ଏହି ପ୍ରସଙ୍ଗକୁ ଏଡ଼ାଇଦେଇଛନ୍ତି।

## ପଦ୍ମପୁରରେ ମହାଲକ୍ଷ୍ମୀଙ୍କ ଭସାଣି



କେନ୍ଦୁଝର,୧୬।୧୦(ସମିସ): କେନ୍ଦୁଝର ସଦର ବ୍ଲକ ପଦ୍ମପୁର ଗ୍ରାମରେ ମହାଲକ୍ଷ୍ମୀଙ୍କ ମୂର୍ତ୍ତି ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ବାଜା ବାଣ ଫୁଟାଇ ନାଚଗୀତ ତାଳେ ତାଳେ ଗାଁ ସମେତ ବଜାର ପରିକ୍ରମା କରାଯାଇଥିଲା। ନିକଟସ୍ଥ ଗୁଡୁଗୁଡିଆ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯାଇଛି। ପଦ୍ମପୁର ମହାଲକ୍ଷ୍ମୀ ପୂଜା କମିଟିର ସଭାପତି ବିଜୟ ସାହୁ, ସମ୍ପାଦକ ପ୍ରବୀଣ ସାହୁ, ସଦସ୍ୟ ଗୋଲକ ବିହାରୀ ସାହୁ, ସତ୍ୟବ୍ରତ ସାହୁ(ରାଜା), ମନୋରଞ୍ଜନ ସାହୁ, ମନୋରଞ୍ଜନ ରାଉତ, ଅଜିତ ସାହୁ, ଗୌତମ ପୃଷ୍ଟି, ସମୀର ସାହୁ, ନବ କୁଅଁର, ଚତୁର୍ଭୁଜ ସାହୁ, ସୁଦର୍ଶନ ସାହୁ, ହୃଷୀକେଶ ସାହୁ, ଜନ୍ମେଜୟ ସାହୁ, ସୁଶାନ୍ତ ସାହୁ, ସିଦ୍ଧାର୍ଥ ଶଙ୍କର ସାହୁ, ପ୍ରତୀକ ସାହୁ, ଗଣେଶ ସାହୁ, ଦୀପୁ ସାହୁ, ନିନୋଦ ସାହୁ, ଗୁରୁଚରଣ ଦେହୁରୀ, ସରୋଜ ସାହୁ, ବଦ୍ରିକାନାଥ ସାହୁ, ଦିପୁ ସାହୁ ପରିଚାଳନା କରିଥିଲେ।

## ବଜ୍ରପାତ ସାବଧାନତା ପାଇଁ ସଚେତନତା

ଉଦଳା,୧୬।୧୦(ସମିସ): ଉଦଳା ସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟରେ ବଜ୍ରପାତ ପ୍ରତିରୋଧ ପାଇଁ ଏକ କର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶୀ ଭୂଷଣ ପାଣିଗ୍ରାହୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧ୍ୟାପକ ଗିରିଜା ଶଙ୍କର ପାତ୍ର ଅତିଥି ପରିଚୟ କରିବା ସଙ୍ଗେ ସଙ୍ଗେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅତିଥି ଭାବରେ ଏନଜିଓ ଆରମ୍ଭ ପ୍ଲାନ ପ୍ରୋଜେକଟର ଆଶିଷ ମଲ୍ଲିକ ଯୋଗଦେଇ ବଜ୍ରପାତ ମୁକାବିଲା କରିବାର କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବରେ ରେଡିଓ ବାଘା ଯତୀନର ଦେବେନ୍ଦ୍ର ରାଉଳ ଯୋଗ ଦେଇ ସଂଗୀତ ମାଧ୍ୟମରେ ବଜ୍ରପାତ ନିରୋଧର ଉପାୟ ଗୁଡିକ ଜଣାଇଥିଲେ। ତାଳ ଗଛ ରୋପଣ କରି କିପରି ବଜ୍ରପାତକୁ ରୋକା ଯାଇପାରିବ ସେ ବିଷୟରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ବଜ୍ରପାତ ସମ୍ବନ୍ଧୀୟ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜୟୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ରେଡ଼ିଓ ବାଘାଯତୀନର ଆକାଶ ମହାନ୍ତ ଓ ନାନୁ ରାଜଦୀପ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପକ ଗିରିଜା ଶଙ୍କର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

### କେନ୍ଦୁଝର ଜିଲ୍ଲାରୁ ମୂଳପୋଛ ହୋଇନି ମ୍ୟାଲେରିଆ

# ମଶାମରା ଔଷଧ ସିଞ୍ଚନ, ଔଷଧବୋଳା ମଶାରୀ ବଣ୍ଟନ ବାଟବଣା

କେନ୍ଦୁଝର, ୧୬।୧୦(ସମିସ)

କେନ୍ଦୁଝର ହିଲ୍ଲା ମ୍ୟାଲେରିଆ ପ୍ରବଣ ଜିଲ୍ଲା ଭାବେ ଜଣା। ଏକଦା କେନ୍ଦୁଝର ସାରା ଭାରତରେ ୧ ନମ୍ବର ମ୍ୟାଲେରିଆ ପ୍ରବଣ ଜିଲ୍ଲାରେ ପରିଗଣିତ ହୋଇଥିଲା। ସରକାରଙ୍କ ପଦକ୍ଷେପ ସ୍ୱାସ୍ଥ୍ୟ ବିଭାଗର ପରିଶ୍ରମ କାରଣରୁ ଜିଲ୍ଲାରୁ ମ୍ୟାଲଲରିଆ ଦୂରେଇଛି; କିନ୍ତୁ ଜିଲ୍ଲାରୁ ଏବେବି ମୂଳପୋଛ ହୋଇପାରିନାହିଁ। ପୁଣି ଜିଲ୍ଲାରେ ମଶାଙ୍କଶ ବୃଦ୍ଧି ହେଉଛି। ବିଗତ ଦୁଇତିନି ବର୍ଷ ହେଲା ମଶାମରା ଔଷଧ ସିଞ୍ଚନ ହୋଇନାହିଁ କିମ୍ବା ଔଷଧବୋଳା ମସାରୀ ମଧ୍ୟ ବଣ୍ଟନ ହୋଇନାହିଁ। ମ୍ୟାଲେରିଆ ନିରାକରଣ ନିମନ୍ତେ ଜିଲ୍ଲାରେ ଅନେକଗୁଡିଏ ଯୋଜନା କାର୍ଯ୍ୟକାରୀ ହେଉଛି। ବ୍ୟାପକ ଜନସଚେତନତା, ଏଏନଏମ ସେଣ୍ଟରରୁ ପ୍ରାଥମିକ ଚିକିସାକେନ୍ଦ୍ରରେ ମ୍ୟାଲେରିଆ ଔଷଧର ଉପଲବ୍ଧ, ଔଷଦ ବୋଳା ମଶାରୀ ବଣ୍ଟନ, ଠିକଣା ସମୟରେ ଔଷଧ ଖାଇବା କାରଣରୁ ମ୍ୟାଲେରିଆ ରୋଗୀ ଏବଂ ମୃତକଙ୍କ ସଂଖ୍ୟା ହ୍ରାସ ପାଇଛି। ମାତ୍ର ଏବେ ପୁଣି ମଶାଙ୍କଶ ବୃଦ୍ଧି ହେଉଥିବାରୁ ମଶାରୀ ବଣ୍ଟନ ଔଷଧ ସିଞ୍ଚନର ଆବଶ୍ୟକତା ଅନୁଭବ ହେଲାଣି। ୨୦୨୦ରେ ଜିଲ୍ଲାରେ ୧୧ ଲକ୍ଷ ୨୬ ହଜାର ୬୧୬ ଔଷଧବୋଳା ମଶାରୀ ବଣ୍ଟନ ହୋଇଥିଲା। ଯାହାକି ଲୋକଙ୍କ ବହୁତ କାମରେ ଆସିଥିଲା। ସେଗୁଡିକ ନଷ୍ଟ ହେଇଗଲାଣି। ନୂତନ ଔଷଧବୋଳା ମାଶାରୀର ଆବଶ୍ୟକତା ପଡୁଛି। ତଥ୍ୟ ଅନୁସାରେ ୨୦୧୧ରୁ ୨୦୨୩ ପର୍ଯ୍ୟନ୍ତ ୧୩ ବର୍ଷ ମଧ୍ୟରେ ଜିଲ୍ଲାର ୫୦ ଲକ୍ଷ ୯୩ ହଜାର ୯୧୫ ଜଣଙ୍କର ମ୍ୟାଲେରିଆ ପରୀକ୍ଷା ହୋଇଥିଲା। ୨୦୨୦ରେ ମାତ୍ର ୨୬୪, ୨୦୨୧ରେ ୧୩୭



ଜଣ ଏବଂ ୨୦୨୨ରେ ୧୫୧ ଜଣ ଏବଂ ୨୦୨୩ରେ ୨୬୫ ଜଣ ମ୍ୟାଲେରିଆରେ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଗତ ୧୧ ବର୍ଷ ମଧ୍ୟରେ ଜିଲ୍ଲାର ୧୮୮୦୨ ଜଣ ମାରାମ୍ନକ ମ୍ୟାଲେରିଆ ପିଭିରେ ଏବଂ ୧୭୧୩୩୯ ଜଣ ପିଏଫ୍‌ରେ ଆକ୍ରାନ୍ତ ହୋଇଥିଲେ। ୨୦୨୦ରୁ ୨୦୨୨ରେ ତିନି ବର୍ଷରେ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇଥିଲା। ୨୦୨୩ରେ ଆକ୍ରାନ୍ତଙ୍କ ସଂଖ୍ୟାରେ ସାମାନ୍ୟ ବୃଦ୍ଧି ହୋଇଥିବା ବେଳେ ୬୦୦୪୮୮ ଜଣଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଛି। ବିଗତ ୧୦ ବର୍ଷ ମଧ୍ୟରେ ସବୁଠାରୁ ଅଧିକ ରକ୍ତ ନମୁନା ପରୀକ୍ଷା ବୋଲି ଜଣାପଡିଛି। ୨୦୧୧ରେ ଜିଲ୍ଲାର ୩୦୯୯୫୦ ଜଣଙ୍କ ରକ୍ତ ପରୀକ୍ଷାରୁ ୨୦୨୦୨ ମ୍ୟାଲେରିଆ ପୋଜିଟିଭ ଚିହ୍ନଟ ହୋଇଥିଲେ। ୨ ଜଣଙ୍କର ମ୍ୟାଲେରିଆଜନିତ ମୃତ୍ୟୁ ହୋଇଥିଲା। ୨୦୧୨ରେ ୨୭୯୮୬୬ ଜଣଙ୍କ ମଧ୍ୟରୁ ୨୧୦୭୭ ଜଣ ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏଥିରୁ ୩ଜଣ ମୃତ୍ୟୁବରଣ କରିଥିଲେ। ୨୦୧୩ରେ ୩୧୪୧୯୩ ଜଣଙ୍କ ମଧ୍ୟରୁ ୧୭୧୩୪ ଜଣ ମ୍ୟାଲେରିଆ ପଜିଟିଭ ଚିହ୍ନଟ ହୋଇଥିଲା ବେଳେ ୨ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୧୪ରେ ୩୫୪୦୪୦ ଜଣଙ୍କ ପରୀକ୍ଷାରେ ୨୭୮୨୨ ଜଣ ଚିହ୍ନଟ ହୋଇଥିଲେ। ୪ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୧୫ରେ ୩୩୬୨୩୫ ରକ୍ତ ପରୀକ୍ଷାରୁ ୨୮୧୫୮ ଜଣ ଚିହ୍ନଟ ହୋଇଥିଲେ। ୩ ଜଣ ପ୍ରାଣ ହରାଇଥିଲେ। ସେହିପରି ୨୦୧୬ରେ ୩୮୬୬୦୦ ଜଣଙ୍କ ରକ୍ତ ପରୀକ୍ଷାରୁ ୩୭୯୯୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲା ବେଳେ ୫ ଜଣଙ୍କର ମୃତ୍ୟୁ ରେକର୍ଡ ହୋଇଥିଲା। ୨୦୧୭ରେ ଜିଲ୍ଲାର ୩୪୭୦୫୨ ଜଣଙ୍କର ରକ୍ତ ପରୀକ୍ଷା ହୋଇଥିଲା। ଏଥିରୁ ୩୩୯୧୮ ଜଣ ମ୍ୟାଲେରିଆ ପଜିଟିଭ୍ ଚିହ୍ନଟ ହୋଇ ୩ ଜଣ ମୃତ୍ୟୁ ହୋଇଥିଲା। ୨୦୧୮ରୁ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇଛି। ସେ ବର୍ଷ ୩୩୯୪୪୫ ଜଣଙ୍କ ରକ୍ତ ପରୀକ୍ଷା କରାଯାଇଥିଲା। ୨୮୫୦ ଜଣ ଚିହ୍ନଟ ହୋଇଥିଲେ। ୨୦୧୯ରେ ସର୍ବାଧିକ ୪୫୩୮୪୫ ରକ୍ତ ପରୀକ୍ଷା ହୋଇଥିଲା। ୪୫୩ ଜଣ ଆକ୍ରାନ୍ତ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିଲା। ୨୦୨୦ରେ ଜିଲ୍ଲାର ୪୧୯୦୩୦ ଜଣଙ୍କ ରକ୍ତ ପରୀକ୍ଷା କରାଯାଇଥିଲା। ସେଥିରୁ ୨୬୪ ମ୍ୟାଲେରିଆ ଚିହ୍ନଟ ହୋଇଥିଲେ। ୨୦୨୧ରେ ୧୩୭ ଜଣ ଏବଂ ୨୦୨୨ରେ ୧୫୧ ଜଣ, ୨୦୨୩ରେ ୨୬୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। କିଛିବର୍ଷ ହେବ ମ୍ୟାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା କମି ନଥିଲେ ମଧ୍ୟ ତଦଜନିତ ମୃତ୍ୟୁ ନାହିଁ। ମାତ୍ର ଆକ୍ରାନ୍ତଙ୍କ ସଂଖ୍ୟା ଏବେ ମଧ୍ୟ ଶୂନ୍ୟରେ ପହଞ୍ଚି ନାହିଁ। ତେଣୁ ସତର୍କତା ଜରୁରୀ ଥିବାବେଳେ ଔଷଧ ସିଞ୍ଚନ, ଔଷଧବୋଳା ମ।ାରୀ ବଣ୍ଟନ ବ୍ୟବସ୍ଥାକୁ ଅଗ୍ରାଧିକାର ଦେବା ଜରୁରୀ ବୋଲି କୁହାଯାଉଛି।

## ବିଜେଡି କାର୍ଯ୍ୟାଳୟରେ ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମ ଦିବସ



ବାରିପଦା,୧୬।୧୦(ସମିସ): ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜନନେତା ନବୀନ ପଟ୍ଟନାୟକଙ୍କ ୭୯ତମ ଜନ୍ମଦିବସ ମୟୂରଭଞ୍ଜ ଜିଲ୍ଲା ବିଜେଡି ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ବା ବିଜୁଭବନରେ ପାଳନ କରାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୭୯ ବର୍ଷ ପୂରଣ କରି ୮୦ବର୍ଷରେ ସେ ପଦାର୍ପଣ କରିଥିବା ବେଳେ ତାଙ୍କର ଦୀର୍ଘାୟୁ ଜୀବନ କାମନା କରି କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜନନେତା ନବୀନ ପଟ୍ଟନାୟକ ଆଜି ବି ଲୋକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ମୁଖ୍ୟମନ୍ତ୍ରୀ ଭାବେ ସେ ଏକ ବିକଶିତ ଓଡ଼ିଶା ଗଢ଼ିଛନ୍ତି। ତେଣୁ ତାଙ୍କର ଜନ୍ମଦିନରେ ଦୀର୍ଘାୟୁ ଜୀବନ କାମନା କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ଅନ୍ୟତମ ଜିଲ୍ଲା ସଭାପତି ଡା ଦେବାଶିଷ ମାର୍ଣ୍ଡି, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ମୋରଡା ବିଧାୟିକା ପ୍ରାର୍ଥିନୀ ପ୍ରୀତିନନ୍ଦା କାନୁନଗୋ, ସମାଜସେବୀ ଅମର ସେଠୀ, ପ୍ରଭାତ ନାୟକ, ଦେବାଶିଷ ପାତ୍ର, ଦେବିଦତ୍ତ ଦାଶ, ଅନନ୍ତ ଦାସ, ଦୀପକ ମତୁଆଲ, ଜନ ମହାନ୍ତି ଓ ଶ୍ରାବଣୀ ଦାସଙ୍କ ସହିତ ବିଜୁ ଯୁବ ଜନତା ଦଳ ସଭାପତି ଅରୁଣ ବରାଡ଼, ବିଜୁ ଛାତ୍ର ଜନତା ଦଳର ସଭାପତି ସୁନୀଲ ନାୟକ, ରାଜ୍ୟ ସମ୍ପାଦକ ଆଶୀର୍ବାଦ ଦାସ, ବାରିପଦା ପୌରପାଳିକାର ସମସ୍ତ ୱାର୍ଡ କାଉନସିଲର, ବିଜେଡି ବରିଷ୍ଠ ନେତା ଏବଂ ଶତାଧିକ ସକ୍ରିୟ କର୍ମୀମାନେ ସହଯୋଗ କରିଥିଲେ। ଶେଷରେ ଚାରାରୋପଣ କରାଯାଇଥିଲା।

## ପିସିପୁର ବିଦ୍ୟାଳୟରେ ବିଶ୍ୱ ହାତଧୁଆ ଦିବସ ପାଳିତ

ବାରିପଦା,୧୬।୧୦(ସମିସ): ସ୍କୁଲ ପିଲା ଏବଂ ସମ୍ପ୍ରଦାୟ ମଧ୍ୟରେ ହାତ ପରିଷ୍କାର ସଚେତନତାକୁ ପ୍ରୋତ୍ସାହିତ କରି ବରିପଦା ମୁନିସିପାଲିଟି ଅନ୍ତର୍ଗତ ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ରେକିଟ୍ ଏବଂ ଅମର ଜ୍ୟୋତି ଫାଉଣ୍ଡେସନ୍ ପକ୍ଷରୁ ବିଶ୍ୱ ହାତ ଧୋଇବା ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୌମ୍ୟ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିଆରସିସି ଧନଞ୍ଜୟ ସାହୁ, ବରିଷ୍ଠ



ଶିକ୍ଷକ ସୋମନାଥ ସିଂହ, ଫାଉଣ୍ଡେସନର ଜିଲ୍ଲା କାର୍ଯ୍ୟକାରୀ ସଂଯୋଜକ ଦାସମାତ ସୋରେନ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ବିଶ୍ୱ ହାତ ଧୁଆ ଦିବସ ଉପରେ ଆଲୋକପାତ କରିଥିଲେ। ସଂଯୋଜକ ସୋରେନ ଖାଇବା ପୂର୍ବରୁ, ଖେଳିବା ତଥା ଶୌଚ ପରେ ସାବୁନରେ କିପରି ହାତ ଧୋଇବା ଉଚିତ ତାହା ଛାତ୍ରଛାତ୍ରୀଙ୍କୁ ଦର୍ଶାଇଥିଲେ। ବାରିପଦା ବ୍ଲକ ଶିକ୍ଷୟିତ୍ରୀ କଳ୍ପନା ମହାନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

## ଡିଭାଇନ୍ ଗ୍ରୁପରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାରିପଦା,୧୬।୧୦(ସମିସ): ଉତ୍ତର ଓଡିଶାର ଅଗ୍ରଣୀ ବୈଷୟିକ ଶିକ୍ଷା ଅନୁଷ୍ଠାନ ଡିଭାଇନ୍ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁସନ୍ସରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମରେ ତାଙ୍କ ସହିତ ମଞ୍ଚରେ ଟ୍ରଷ୍ଟି ଶାନ୍ତିଲତା ବୁଗୁଡେଇ ମଧ୍ୟ ଉପସ୍ଥିତ ଥିଲେ। ଉତ୍ସବରେ ଅନୁଷ୍ଠାନର ନିର୍ଦ୍ଦେଶକ ଇଂ ବିପ୍ଳବ ଭଞ୍ଜନ ବୁଗୁଡେଇ ନିଜର ଅନୁଭୂତି ସହ ବୈଷୟିକ ଶିକ୍ଷା, ବିଜ୍ଞାନ ଶିକ୍ଷା ଓ ନର୍ସିଂ ଶିକ୍ଷାର ଆବଶ୍ୟକତା ଏବଂ ଗୁଣବତ୍ତା ଉପରେ ଗୁରୁତ୍ୱ ଦେଇ ଉତ୍କର୍ଷ ଭାରତ ଗଠନର ସପ୍ନକୁ ସାକାର କରିବା ପାଇଁ ଉପଦେଶ ଦେଇଥିଲେ। ସୂଚନା ଓ ପ୍ରଯୁକ୍ତି ନିର୍ଦ୍ଦେଶକ ଇଂ ଗୌରବ ବୁଗୁଡେଇ ନିଜର ପରାମର୍ଶ ଛଳରେ ପୃଥିବୀ ବକ୍ଷରେ ସହକର୍ମୀ ସାଜି ନିଜର ସୁରଭିରେ ଦୁନିଆକୁ ସୁରଭିତ କରିବାର ଦୁର୍ବାର ଶପଥ ନେବାକୁ ପରାମର୍ଶ ଦେଇଥିଲେ ଯାହାକି ଡିଭାଇନରେ ହିଁ କେବଳ ସମ୍ଭବ। ପରେ ପରେ ନବାଗତଙ୍କ ମଧ୍ୟରେ ମିସ୍ ଫ୍ରେଶର ଭାବେ ଡିପ୍ଲୋମାରୁ ସହେଲି ପାନଙ୍କୁ ଚୟନ କରାଯାଇଥିବା ବେଳେ ମିଷ୍ଟର ଫ୍ରେଶର ଭାବେ ଅନୁପ ସିଙ୍କୁ ଚୟନ କରାଯାଇଥିଲା। ସେହିଭଳି ଯୁକ୍ତଦୁଇ ବିଜ୍ଞାନର ମିସ୍ ଫ୍ରେଶର ଭାବେ ଅନନ୍ୟା ଦାସଙ୍କୁ ଚୟନ କରାଯାଇଥିବା ବେଳେ ମିଷ୍ଟର ଫ୍ରେଶର ଭାବେ ସ୍ୱରୂପ ମହାନ୍ତିଙ୍କୁ ଚୟନ କରାଯାଇଥିଲା। ଡିଭାଇନ ନର୍ସିଂରୁ ମିସ୍ ଫ୍ରେଶର ଭାବେ ଅର୍ଚିତା ପାତ୍ରଙ୍କୁ ଚୟନ



କରାଯାଇଥିବା ବେଳେ ମିଷ୍ଟର ଫ୍ରେଶର ଭାବେ ଜୀବନ ଜ୍ୟୋତି ଭୂୟାଁଙ୍କୁ ଚୟନ କରାଯାଇଥିଲା। ନୃତ୍ୟ ସଙ୍ଗୀତ ମାଧ୍ୟମରେ ସ୍ୱାଗତ ଉତ୍ସବ ସମ୍ପାଦିତ ହୋଇଥିଲା। ଅଧ୍ୟକ୍ଷ ଇଂ ଅଭିନ୍ନ ଦାସଙ୍କ ସହ ଡିଭାଇନ ଗ୍ରୁପର ସମସ୍ତ ଅଧ୍ୟାପକ-ଅଧ୍ୟାପିକା ଓ ପ୍ରତ୍ୟେକ କର୍ମଚାରୀଙ୍କ ସହିତ ଦ୍ୱିତୀୟ ଏବଂ ତୃତୀୟ ବର୍ଷର ସମସ୍ତ ଛାତ୍ରଛାତ୍ରୀ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗାଡ଼ି ଧକ୍କାରେ ଯୁବକ ମୃତ

କରଞ୍ଜିଆ,୧୬।୧୦(ସମିସ): କରଞ୍ଜିଆ ଥାନା ଅଧୀନ ପାଣ୍ଡ ନିକଟରେ ଅଜଣା ପିକଅପ ଧକ୍କାରେ ଯୁବର ମୃତ। ମୃତକ ହେଲେ ମତା ଗ୍ରାମର ସରୋଜ ନାଏକ(୨୦)। ମୃତ ସରୋଜ ପାଣ୍ଡ ଗ୍ରାମରୁ ଚାଲିଚାଲି ନିଜ ଗ୍ରାମ ମତାକୁ ଯାଉଥିବା ବେଳେ ଗାଡ଼ି ଧକ୍କାଦେଇ ପଳାଇଗଲା। ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସରେ ତାଙ୍କୁ ଉଦ୍ଧାର କରି କରଞ୍ଜିଆ ଡାକ୍ତରଖାନାକୁ ଆଣିଥିଲେ ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ● କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ବିଶ୍ୱ ଖାଦ୍ୟ ଦିବସ ପାଳିତ

## ଉତ୍ତମ ଖାଦ୍ୟ ବ୍ୟବସ୍ଥା ସୃଷ୍ଟି ଓ ଉତ୍ତମ ଭବିଷ୍ୟତର ଆହ୍ୱାନ

ବାରିପଦା,୧୬।୧୦(ସମିସ): ପ୍ରତିବର୍ଷ ଅକ୍ଟୋବର ୧୬ ତାରିଖକୁ ବିଶ୍ୱ ଖାଦ୍ୟ ଦିବସ ରୂପରେ ସମଗ୍ର ବିଶ୍ୱରେ ପାଳନ କରାଯାଇଥାଏ। ଦିବସ ପାଳନର ମୁଖ୍ୟ ଉଦେଶ୍ୟ ହେଉଛି ସମଗ୍ର ବିଶ୍ୱରେ କ୍ଷୁଧାମୁକ୍ତ ସୃଷ୍ଟି କରିବା, ଖାଦ୍ୟର ଉପଯୁକ୍ତ ଯତ୍ନ ଓ ଅନାହାରକୁ ମୂଳୋତ୍ପାଟନ କରିବା ପାଇଁ ସଚେତନତା ସୃଷ୍ଟି କରିବା। ଏବର୍ଷର ବିଶ୍ୱ ଖାଦ୍ୟ ଦିବସର ବିଷୟବସ୍ତୁ ହେଉଛି ପରସ୍ପର ମଧ୍ୟରେ ହାତ ମିଳାଇ ଉତ୍ତମ



ଖାଦ୍ୟ ବ୍ୟବସ୍ଥା ସୃଷ୍ଟି ଏବଂ ଉତ୍ତମ ଭବିଷ୍ୟତର ଆହ୍ୱାନ। ଏହି ପରିପ୍ରେକ୍ଷୀରେ କୁଳିଅଣା ବ୍ଲକ ଅନ୍ତର୍ଗତ ଆନିଆପାଳ ଗ୍ରାମଠାରେ କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧, ଶ୍ୟାମାଖୁଣ୍ଟା ତରଫରୁ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଅଛି। କାର୍ଯ୍ୟକ୍ରମକୁ କେନ୍ଦ୍ରର ମୁଖ୍ୟ ଓ ବରିଷ୍ଠ ବୈଜ୍ଞାନିକ ଡ଼ଃ ସଂଘମିତ୍ରା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରର ବୈଜ୍ଞାନିକ ଡ଼ଃ ଝୁନିଲତା ଭୂୟାଁ, ଡ଼ଃ ଜ୍ୟୋତିପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇ ଜନତାଙ୍କୁ କ୍ଷୁଧାମୁକ୍ତ ଏବଂ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ସୃଷ୍ଟି କରିବା ନିମନ୍ତେ ମତାମତ ରଖିଥିଲେ। କୁଚେଇ ଗ୍ରାମ ସେବକ ସୁମନ୍ତ କୁମାର ସଲେଙ୍ଗୀ ଯୋଗଦେଇ ଉପଯୁକ୍ତ ପରିମାଣର ଗୁଣ ଓ ପୋଷଣ ଯୁକ୍ତ ଖାଦ୍ୟ ଗ୍ରହଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅଦିନିଆ ପନିପରିବା ଚାଷ, ଜୈବିକ ଉପାୟରେ ଚାଷ, କୃଷି ଉତ୍ପାଦନକୁ ଉପଯୁକ୍ତ ଉପାୟରେ ସଂରକ୍ଷଣ ଏବଂ ମୂଲ୍ୟଯୁକ୍ତ ପଦାର୍ଥ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହା ସହିତ କୃଷି ବିଜ୍ଞାନ କେନ୍ଦ୍ରର ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଖାଦ୍ୟ ସୁରକ୍ଷା ଏବଂ ଖାଦ୍ୟର ସୁବଣ୍ଟନ ବିଷୟରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆନିଆପାଳ ଏବଂ ଆଖପାଖ ଗ୍ରାମରୁ ଶତାଧିକ ଚାଷୀ ଭାଇ ଭଉଣୀମାନେ ଯୋଗ ଦେଇଥିଲେ।

## ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁ ହୃଦ୍‌ରୋଗ ପରୀକ୍ଷା



### ୧୬୪ ଜଣ ଶିଶୁଙ୍କ ହୃଦରୋଗ ପରୀକ୍ଷା
### ୭୧ ଜଣଙ୍କ ହେବ ମାଗଣା ଅସ୍ତ୍ରୋପଚାର

ବାରିପଦା,୧୬।୧୦(ସମିସ): ଜିଲ୍ଲା ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଓ ନାରାୟଣ ହୃଦାଳୟ ଜାମସେଦପୁର ସହାୟତାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଜିଲ୍ଲା ସହଜ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କେନ୍ଦ୍ର (ଡିଇଆଇସି)ରେ ଶିଶୁ ହୃଦ୍‌ରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କିଶୋର କୁମାର ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଶିଶୁମାନଙ୍କଠାରେ ହୃଦ୍‌ରୋଗ ଜନିତ ଜଟିଳ ସମସ୍ୟା ଦେଖାଦେଲେ, ଏହାର ଚିକିତ୍ସା ନିମନ୍ତେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆରବିଏସକେ) ମାଧ୍ୟମରେ ଓ ନାରାୟଣ ହୃଦାଳୟ ସହାୟତାରେ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇ ଦିଆଯାଉଛି ବୋଲି କହିଥିଲେ। ଶିବିରରେ ନାରାୟଣ ହୃଦାଳୟ ଜାମସେଦପୁରରୁ ଆସିଥିବା ଶିଶୁ ହୃଦରୋଗ ବିଶେଷଜ୍ଞ ଡା. ଅନ୍ୱେସା ମୁଖାର୍ଜୀ ଓ ଡା. ଧର୍ମା ରାଓ ଯୋଗଦେଇ ୧୬୪ ଜଣ ଶିଶୁଙ୍କ ହୃଦ୍‌ରୋଗ ପରୀକ୍ଷା କରିଥିଲେ। ଏଥିମଧ୍ୟରୁ ୫୮ ଜଣ ଶିଶୁଙ୍କ ଅସ୍ତ୍ରୋପଚାର ପରବର୍ତ୍ତୀ ପରୀକ୍ଷା କରାଯାଇଥିଲା। ଆରବିଏସକେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଦଳ ମାଧ୍ୟମରେ ନୂତନ କରି ଚିହ୍ନଟ କରାଯାଇଥିବା ୧୦୬ ଜଣ ଶିଶୁଙ୍କ ହୃଦରୋଗ ପରୀକ୍ଷା କରାଯାଇଥିଲା। ଏହି ୧୦୬ ଜଣ ଶିଶୁଙ୍କ ମଧ୍ୟରୁ ୭୧ ଜଣଙ୍କ ଠାରେ ହୃଦରୋଗ ଜନିତ ସମସ୍ୟା ଚିହ୍ନଟ କରାଯାଇଛି। ସେମାନଙ୍କୁ ପର୍ଯ୍ୟାୟକ୍ରମେ ଆରବିଏସକେ ମାଧ୍ୟମରେ ନାରାୟଣ ହୃଦାଳୟକୁ ପଠାଯାଇ ବିନା ମୂଲ୍ୟରେ ଅସ୍ତ୍ରୋପଚାର କରାଯିବ ବୋଲି ଡା. ଆଚାର୍ଯ୍ୟ କହିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ସୁନନ୍ଦା ମିଶ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡା. ବିଜୟ କୁମାର ଦାସ୍, ରାଜ୍ୟର ଆରବିଏସକେ ୟୁନିଟରୁ ଆସିଥିବା ପ୍ରଶାନ୍ତ କୁମାର ଦାଶ, ଚନ୍ଦନ କୁମାର ପତି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଇଆଇସି)ର ଶିଶୁରୋଗ ବିଶେଷଜ୍ଞ ଡା ପ୍ରଦୀପ ମହାପାତ୍ର, ଡା. ଭବାନୀ ଶଙ୍କର ମହାନ୍ତି, ଡିପିଏମ ଏନ୍‌ଏଚ୍‌ଏମ୍ ଅନୀଲ ମହାନ୍ତି, ଆରବିଏସକେ ମ୍ୟାନେଜର ବିଜନ ସାହୁ, ହସ୍ପିଟାଲ ମ୍ୟାନେଜର ଶ୍ରୀରାମ ମହାନ୍ତି, ଡିଇଆଇସିର ସମସ୍ତ କର୍ମକର୍ତ୍ତା ଓ ଆରବିଏସକେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଦଳର କର୍ମଚାରୀ ବୃନ୍ଦ ଯୋଗଦେଇ ଶିଶୁ ହୃଦରୋଗ ପରୀକ୍ଷା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ପଦ୍ମପୋଖରୀ ଗ୍ରାମରେ ପହଞ୍ଚିଲା ପ୍ରଶାସନ



ଶରତ,୧୬।୧୦(ସମିସ): ପଞ୍ଚାୟତରେ ରାସ୍ତା ଘାଟ, ଅଙ୍ଗନବାଡ଼ି କେନ୍ଦ୍ର ପ୍ରତିଷ୍ଠା, ପାନୀୟ ଜଳ ତଥା ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇଦେବା ଦାବିରେ ଗତ ୧୪ ତାରିଖରେ ପଦ୍ମପୋଖରୀ ପଞ୍ଚାୟତବାସୀଙ୍କ ଦ୍ୱାରା କପ୍ତିପଦା ବ୍ଲକ କାର୍ଯ୍ୟାଳୟ ଘେରଉ କରାଯିବା ସହିତ ଗଣଧାରଣା ପ୍ରଦର୍ଶନ କରାଯାଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ପଞ୍ଚାୟତବାସୀଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବା ନିମନ୍ତେ ଆଜି କପ୍ତିପଦା ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ରେଶମା ଟେଟେ ଉକ୍ତ ପଞ୍ଚାୟତକୁ ଯାଇ ପାଦରେ ଚାଲି ଚାଲି କାଦୁଅ ରାସ୍ତାରେ ଗ୍ରାମ ପଞ୍ଚାୟତ ବୁଲି ଦେଖିଛନ୍ତି। ତାଙ୍କ ସହିତ କନିଷ୍ଠ ଯନ୍ତ୍ରୀ ଭାରତ ସିଂ, ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେଶ ମହାପାତ୍ର ମଧ୍ୟ ଉପସ୍ଥିତ ରହି ଲୋକଙ୍କ ସହିତ ପାଦରେ ଚାଲି ଚାଲି ଗ୍ରାମ ପଞ୍ଚାୟତର ବିଭିନ୍ନ ଅସୁବିଧା ବୁଲି ଦେଖିଥିଲେ। ବର୍ତ୍ତମାନ ବ୍ଲକ ପ୍ରଶାସନ ଉକ୍ତ ପଞ୍ଚାୟତ ଗସ୍ତ କରିଥିବାରୁ ଲୋକେ ଆଶ୍ୱସ୍ତି ଅନୁଭବ କରିଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟ ୪୮ ଘଣ୍ଟା ମଧ୍ୟରେ ଆରମ୍ଭ କରିବାକୁ କନିଷ୍ଠ ଯନ୍ତ୍ରୀଙ୍କୁ ବିଡିଓ ଶ୍ରୀମତୀ ଟେଟେ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମବାସୀଙ୍କ ମଧ୍ୟରେ ଯୁବ ସମାଜସେବୀ ନବୀନ ମୁଣ୍ଡୁରୀ, ମମତା ଗୋଇପାଇ, ଶାନ୍ତି ମୁଣ୍ଡୁରୀ, ନାନ୍ଦୀ ଜାରିକା, ଦେହୁରୀ ହେମ୍ବ୍ରମ, ବୁଧିରାମ ବେହେରା, ଗାମାଏ ଗୋଇପାଇ ପ୍ରମୁଖ ବ୍ଲକ ଅଧିକାରୀମାନଙ୍କୁ ପଞ୍ଚାୟତ ବୁଲାଇ ଦେଖାଇଥିଲେ।

## ଆଜିର ରାଶିଫଳ

**ମେଷ:** ମନ ପ୍ରସନ୍ନ ରହିବ। ବ୍ୟବହାରରେ ପରିବର୍ତ୍ତନ ଆଣିବେ। ସମାଜସେବାରେ ମନୋନିବେଶ କରିବେ। ଅଫିସ୍‌ରେ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବେ।

**ବୃଷ:** ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ। ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଯାନବାହନ ଓ ଭୂମି କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। କର୍ମ ନିବେଶ କରି ଅଧିକ ଲାଭ ପାଇବେ। ପାରିବାରିକ ଜୀବନ ସୁଖମୟ ହେବ। ମହିଳାଙ୍କ ସମୟ ଭଲରେ ଅତିବାହିତ ହେବ।

**କର୍କଟ:** ଦିନଟି ଶୁଭଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ କଳହ ଲାଗିପାରେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ। ଘରେ ପୂଜାପାଠ ଆୟୋଜନ କରିବେ।

**ସିଂହ:** ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ପରିବାରରେ ହସଖୁସିର ପରିବେଶ ରହିବ। ସମ୍ମାନ ହାନି ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଛୋଟଛୋଟ ଆଲୋଚନାକୁ ଅଣଦେଖା ନ କରିବା ଭଲ।

**କନ୍ୟା:** କୌଣସି କାମ ସମୟାନୁସାରେ ସମ୍ପନ୍ନ କରିବେ ନାହିଁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**ତୁଳା:** ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ। ଅଚାନକ ଖୁସି ଖବର ପାଇପାରନ୍ତି।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟାର ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖା ଦେବ।

**ଧନୁ:** ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ଉଚ୍ଚଶିକ୍ଷା ପାଇଁ ଭଲ ସମୟ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

**ମକର:** କର୍ମତତ୍ପର ରହିବେ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ। ଦୂରସ୍ଥାନ ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

**କୁମ୍ଭ:** କର୍ମ ଅନୁସାରେ ଫଳ ମିଳିବ। ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଅତିଥି ସତ୍କାର କରିପାରନ୍ତି।

## ଆଜିର ଇତିହାସ

- ୧୯୩୩- ପ୍ରଖ୍ୟାତ ବୈଜ୍ଞାନିକ ଆଇନଷ୍ଟାଇନ୍ ଜର୍ମାନରୁ ଆମେରିକା ଚାଲିଗଲେ।
- ୧୯୭୯- ମଦର ଟେରେସାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଗଲା।
- ୧୯୯୮- ନାଇଜେରିଆରେ ଏକ ପାଇପ୍ ଲାଇନ୍‌ରେ ବିସ୍ଫୋରଣ ଯୋଗୁଁ ୧୦୮୨ ଲୋକଙ୍କ ମୃତ୍ୟୁ।
- ୨୦୦୯-ମାଳଦ୍ୱୀପ ପାଣି ଭିତରେ ପ୍ରଥମ କ୍ୟାବିନେଟ୍ ବୈଠକ ଡାକି ବିଶ୍ୱର ସବୁଦେଶଙ୍କୁ ଜଳବାୟୁ ପରିବର୍ତ୍ତନର ବିପଦକୁ ଜଣାଇବା ପାଇଁ ଚେଷ୍ଟା କରିଥିଲା।

## ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଧୂପକାଠି ଧୂଆଁ




ହିନ୍ଦୁ ଧର୍ମରେ ପୂଜା, ହୋମଯଜ୍ଞ ଆଦି ସମୟରେ ଧୂପକାଠି ଜଳାଯାଇଥାଏ। ଏହା ଘରେ ସକାରାତ୍ମକ ଶକ୍ତି ଆଣିଥାଏ ବୋଲି ବିଶ୍ୱାସ ରହିଛି। ଧୂପକାଠିର ସୁଗନ୍ଧରେ ପରିବେଶ ମହକିବା ସହ ସକାରାତ୍ମକ ଓ ଆଧ୍ୟାତ୍ମିକ ବାତାବରଣ ଖେଳିଯାଏ। ହେଲେ ଏହାର ଧୂଆଁ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଏପରିକି ଏହି ଧୂଆଁ ଧୀରେ ଧୀରେ ଗମ୍ଭୀର ରୋଗର କାରଣ ହୋଇପାରେ। ଏଥିରେ ବ୍ୟବହାର ହେଉଥିବା ରସାୟନ ଏବଂ ସୁଗନ୍ଧିତ ତତ୍ତ୍ୱ ଜଳିବା ଦ୍ୱାରା ହାନିକାରକ ଗ୍ୟାସ୍ ନିର୍ଗତ ହୁଏ। ଏଥିରୁ କାର୍ବନ ମନୋକ୍ସାଇଡ୍, ବେନଜେନ୍, ଫରମାଲଡିହାଇଡ୍ ତତ୍ତ୍ୱ ମିଳିଥାଏ। ତେଣୁ ଲଗାତାର ଧୂପକାଠି ଧୂଆଁ ସଂସ୍ପର୍ଶରେ ଆସିଲେ ଏହା ଫୁସ୍‌ଫୁସ୍ ପାଇଁ କ୍ଷତିକାରକ ହୋଇଥାଏ। ଏହାର ବାଷ୍ପ ଶ୍ୱାସକ୍ରିୟା ମାଧ୍ୟମରେ ଶରୀରକୁ ଗଲେ ଏହା ଅନେକ ଗମ୍ଭୀର ରୋଗର କାରଣ ମଧ୍ୟ ହୋଇପାରେ। ସେହିପରି ଧୂଆଁରେ ଥିବା ରସାୟନ ଚର୍ମ ଓ ଚକ୍ଷୁକୁ କ୍ଷତି ପହଞ୍ଚାଏ। ଏପରିକି ଏହା ହୃଦ୍‌ଯନ୍ତ୍ର ଉପରେ ମଧ୍ୟ ପ୍ରଭାବ ପକାଏ। ତେବେ ଲଗାତାର ଏହାର ସଂସ୍ପର୍ଶରେ ଆସିବା ଦ୍ୱାରା କର୍କଟ ଆଶଙ୍କା ବଢ଼ିଥାଏ। ତେଣୁ ଏହାକୁ ସାବଧାନତାର ସହ ବ୍ୟବହାର କରିବା ଦରକାର। ଏହାକୁ ବ୍ୟବହାର କରିବା ବେଳେ ଘରେ ବାୟୁଚଳାଚଳ ହେଉଥିବା ଆବଶ୍ୟକ। ନିତିଦିନ ଦୀର୍ଘ ସମୟ ପର୍ଯ୍ୟନ୍ତ ଧୂପକାଠି ଜାଳିବା ଅନୁଚିତ। ପିଲା ଓ ବୟସ୍କଙ୍କ ରୁମ୍‌ରେ ଧୂପକାଠି ବ୍ୟବହାର ନ କରିବା ଭଲ। ତେବେ ପରିବେଶକୁ ସୁଗନ୍ଧିତ ରଖିବାକୁ ଚାହୁଁଥିଲେ ଏସେନସିଆଲ ଅଏଲ ଡିଫ୍ୟୁଜର ବ୍ୟବହାର କରିବା ହେଉଛି ଏକ ଉତ୍ତମ ବିକଳ୍ପ। ଅନ୍ୟପଟେ ପ୍ରାକୃତିକ ଫୁଲକୁ ଘରେ ରଖିଲେ ପରିବେଶ ସୁଗନ୍ଧମୟ ହୋଇଥାଏ।

## ସବୁଠୁ ଅଧିକ ବିଜୁଳି ମାରେ ଏହି ସ୍ଥାନକୁ

ବିଶ୍ୱରେ ଏମିତି ଏକ ସ୍ଥାନ ଅଛି, ଯେଉଁଠାରେ ପ୍ରତ୍ୟେକ ରାତିରେ ଶହ ଶହ ଥର ବିଜୁଳି ମାରିଥାଏ। ଏହି ସ୍ଥାନଟି ହେଉଛି କେଟାଟୁମ୍ବୋ ଲାଇଟ୍‌ନିଂ। ଏହା ଭେନେଜୁଏଲାର ଜୁଲିଆ ରାଜ୍ୟରେ ଅବସ୍ଥିତ। ଏଠାରେ କେଟାଟୁମ୍ବୋ ନଦୀର ସଙ୍ଗମ ବା ମିଳନ ମିରାକାଇବୋ ହ୍ରଦ ସହ ହୋଇଛି। ଏହି ଅଞ୍ଚଳର ଭୌଗୋଳିକ ସଂରଚନା ଏବଂ ଜଳବାୟୁ ଏତେ ନିଆରା ଯେ, ଏହି ସ୍ଥାନ ବିଜୁଳି ଓ ବଜ୍ରପାତ ଲାଗି ପରିଚିତ। ସେହିପରି ଏଠାକାର ଦୃଶ୍ୟ କୌଣସି ଫିଲ୍ମ ସେଟ୍‌ଠାରୁ କମ୍ ନୁହେଁ। କୋଟାଟୁମ୍ବୋ ଲାଇଟନିଂ ଅଞ୍ଚଳରେ ବର୍ଷକୁ ପ୍ରାୟ ୨୮୦ ରାତି ବିଜୁଳି ମାରେ ବୋଲି ବିଶେଷଜ୍ଞମାନେ କହନ୍ତି। କେବଳ ସେତିକି ନୁହେଁ, ଗୋଟିଏ ରାତିରେ ପ୍ରାୟ୧୦ ଘଣ୍ଟା ବିଜୁଳି ମାରିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳେ। ତେଣୁ ଏଥିରୁ ଏକପ୍ରକାର ଏହି କଥା ସ୍ପଷ୍ଟ ହେଉଛି ଯେ, ଏଠାକାର ଆକାଶ କେବେ ବି ସମ୍ପୂର୍ଣ୍ଣ ଅନ୍ଧକାରମୟ ହୋଇ ନ ଥାଏ। ଗୋଟିଏ ରାତିରେ ଏଠାରେ ୧୦୦ରୁ ୩୦୦ ଥର ବିଜୁଳି ମାରିବାର ନଜିର ରହିଛି। ଏହି କାରଣରୁ ଏହାକୁ ବିଶ୍ୱର ସର୍ବାଧିକ ବିଜୁଳି ମାରିବା ସ୍ଥାନ ଭାବେ ଗିନିଜ୍ ବିଶ୍ୱ ରେକର୍ଡ ସ୍ୱୀକୃତି ପ୍ରଦାନ କରିଛି। ସେହିପରି ଏଠାକାର ବିଜୁଳି ମାରିବା ଦୃଶ୍ୟ ଏତେ ବେଶୀ ଉଜ୍ଜ୍ୱଳ ଯେ, ଏହାକୁ ୫୦ କିଲୋମିଟର ଦୂରରୁ ଦେଖିବା ସମ୍ଭବ। ଏ ଦୃଶ୍ୟ କେବଳ ବୈଜ୍ଞାନିକଙ୍କ ଲାଗି କେବଳ ଗବେଷଣାର ବିଷୟ ନୁହେଁ, ବରଂ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର। ରାତିର ଅନ୍ଧାରରେ ନିରନ୍ତର ବିଜୁଳି ମାରିବାର ଚମକ ଆକାଶକୁ ଏକ ବିଶାଳ ଆଲୋକ ପ୍ରଦର୍ଶନୀ ବା ଲାଇଟ୍ ଶୋ'ରେ ରୂପାନ୍ତରିତ କରିଥାଏ। ଏଠାରେ ପ୍ରତି ସମୟରେ ବିଜୁଳି କାହିଁକି ଗର୍ଜେ, ତାର ରହସ୍ୟ କାହାକୁ ଜଣା ନାହିଁ। ସାଧାରଣତଃ ଗୋଟିଏ ସ୍ଥାନରେ ଏକା ସାଙ୍ଗରେ ଏକରୁ ଅଧିକ ବିଜୁଳି ଗର୍ଜି ନ ଥାଏ। କିନ୍ତୁ ଏଠାରେ ଗୋଟିଏ ସ୍ଥାନରେ ହଜାର ହଜାର ବିଜୁଳି ଏକା ସମୟରେ ଗର୍ଜିଥାଏ। ୧୯୬୦ ମସିହାରେ ଏକ ରିପୋର୍ଟରେ କୁହାଯାଇଥିଲା ଯେ, ଏହି ସ୍ଥାନରେ ୟୁରାନିୟମର ମାତ୍ରା ଅଧିକ ରହିଛି, ତେଣୁ ଏଭଳି ଘଟଣା ଘଟୁଛି। ବୈଜ୍ଞାନିକମାନେ ଏହାକୁ ନେଇ ଅନେକ ଗବେଷଣା ମଧ୍ୟ କରିଛନ୍ତି। ଏଠାରେ ମିଥେନର ମାତ୍ରା ଅଧିକ କାରଣରୁ ଏମିତି ଘଟୁଛି ବୋଲି ବୈଜ୍ଞାନିକମାନେ କହିଛନ୍ତି। କିନ୍ତୁ ଏବେବି ଏହି ୨ଟି ତଥ୍ୟକୁ ନେଇ କୌଣସି ସଠିକ ପ୍ରମାଣ ମିଳିନାହିଁ। ତେଣୁ ଏବେ ବି ଏହା ରହସ୍ୟ ଘେରରେ ରହିଛି।




## 'ନୋ ଏଣ୍ଟ୍ରି ୨' ଛାଡ଼ିଲେ ବରୁଣ



'ନୋ ଏଣ୍ଟ୍ରି ୨'ରେ ବରୁଣ ଧୱନ୍, ଦିଲଜିତ୍ ଦୋସାଞ୍ଜ, ଅର୍ଜୁନ୍ କପୁର ଲିଡ୍ ରୋଲରେ ନଜର ଆସିଥାନ୍ତେ। କିନ୍ତୁ ଏବେ ଏହାର ଦୁଇ ଜଣ କଳାକାର ଫିଲ୍ମ ଛାଡ଼ି ଦେଇଛନ୍ତି। କିଛି ଦିନ ପୂର୍ବରୁ ଦିଲଜିତ୍ ଏଥିରୁ ବାହାରି ଯାଇଥିଲେ। ଏବେ ବରୁଣ ମଧ୍ୟ ଫିଲ୍ମ ଛାଡ଼ି ଦେଇଥିବା କିଛି ରିପୋର୍ଟରେ ପ୍ରକାଶ ପାଇଛି। 'ନୋ ଏଣ୍ଟ୍ରି ୨' ୨୦୦୫ରେ ଆସିଥିବା ଫିଲ୍ମ 'ନୋ ଏଣ୍ଟ୍ରି'ର ସିକ୍ୱେଲ। ମୂଳ ଫିଲ୍ମରେ ସଲମାନ୍ ଖାନ୍, ଫରଦିନ ଖାନ୍, ଅନୀଲ କପୁର ଦେଖାଯାଇଥିଲେ। ଏହାର ସିକ୍ୱେଲ ନିର୍ମାଣ ବିଷୟରେ ଫିଲ୍ମ ନିର୍ମାତା ଘୋଷଣା କରିବାରୁ ଏଥିରେ ପୁଣି ଥରେ ମୂଳ କଳାକାରମାନେ ନଜର ଆସିବେ ବୋଲି ଦର୍ଶକେ ଭାବୁଥିଲେ। କିନ୍ତୁ ଏଥିରେ ବରୁଣ, ଦିଲଜିତ୍ ଓ ଅର୍ଜୁନ୍‌ଙ୍କୁ ବ୍ରେକ୍ ମିଳିଥିଲା। ବରୁଣ ଏବେ 'ଭେଡିୟା ୨'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ୨୦୨୬ ଜୁନ୍ ମାସ ବେଳକୁ ସେ ଫ୍ରି ହେବେ। ବରୁଣଙ୍କ ଯୋଗୁଁ 'ନୋ ଏଣ୍ଟ୍ରି ୨'ର ସୁଟ୍ ଅଟକିଯିବ ଅନୁଭବ କରି ସେ ଫିଲ୍ମ ଛାଡ଼ି ଦେଇଛନ୍ତି। ଇତିମଧ୍ୟରେ ଦିଲଜିତ୍ ଓ ବରୁଣ ଫିଲ୍ମ ଛାଡ଼ି ଦେଇଥିବାରୁ ଏବେ ଫିଲ୍ମ ନିର୍ମାତା ଦୁଇଜଣ ନୂଆ କଳାକାରଙ୍କ ସନ୍ଧାନରେ ଅଛନ୍ତି। ଅନୀସ ବଜ୍‌ମୀ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ସେହିପରି ବରୁଣ ଓ ଦିଲଜିତ୍ ଏକାସଙ୍ଗେ 'ବର୍ଡର ୨' ଫିଲ୍ମରେ ନଜର ଆସିବେ।

## ସଞ୍ଜୀବନୀ

## ବିଶ୍ୱ ଆଘାତ ଦିବସ



**ବର୍ତ୍ତମାନ ସମୟରେ ଟ୍ରମା ବା ମାନସିକ ଆଘାତ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା। ଏହା ଅକସ୍ମାତ୍ ହୃତ୍‌ପିଣ୍ଡ ଏବଂ ମସ୍ତିଷ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ। ଏହି ରୋଗ ପ୍ରତି ସଚେତନତା ସୃଷ୍ଟି କରିବାକୁ ପ୍ରତିବର୍ଷ ଅକ୍ଟୋବର ୧୭ ତାରିଖକୁ ବିଶ୍ୱ ଟ୍ରମା ଦିବସ ଭାବେ ପାଳନ କରାଯାଇଆସୁଛି। ଟ୍ରମା ପୀଡ଼ିତଙ୍କୁ ସମର୍ଥନ କରିବା ତଥା ଉପଯୁକ୍ତ ଚିକିତ୍ସା ଯୋଗାଇବା ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରିବା ଏହି ଦିବସର ମୂଳ ଲକ୍ଷ୍ୟ।**

ଟ୍ରମା ଯେକୌଣସି ବୟସରେ ହୋଇପାରେ। ଟ୍ରମାଟିକ୍ ଆଘାତ ପାଇ ଅଧିକାଂଶ ଦିବ୍ୟାଙ୍ଗ ହୋଇଯାଆନ୍ତି। ଏଥିରେ ମସ୍ତିଷ୍କ ଆଘାତ ମୁଖ୍ୟ ସମସ୍ୟା। ସଡ଼କ ଦୁର୍ଘଟଣା, ହିଂସା, ପ୍ରାକୃତିକ ବିପର୍ଯ୍ୟୟ, ଆଦି ଜଣଙ୍କୁ ଆଘାତ ଦେଇଥାଏ। ଆଘାତର ପ୍ରଭାବ ପ୍ରତ୍ୟେକଙ୍କଠାରେ ଭିନ୍ନ ଭିନ୍ନ ଲକ୍ଷଣ ଭାବେ ଦେଖାଯାଇଥାଏ। ଶରୀର ଯନ୍ତ୍ରଣା ହେବା, ଥକ୍କାପଣ, ଚିନ୍ତା, କ୍ରୋଧ, ଅନିଦ୍ରା ଆଦି ଏହି ରୋଗର ଲକ୍ଷଣ ହୋଇଥାଏ। ରୋଗର ଚିହ୍ନଟ ପାଇଁ ଡାକ୍ତରଙ୍କ ପରାମର୍ଶରେ ସିଟି ଏବଂ ଏମ୍‌ଆର୍‌ଆଇ ସ୍କାନ କରାଯାଏ। ଅଭିଜ୍ଞ ଟ୍ରମା ସ୍ପେଶାଲିଷ୍ଟ, ନ୍ୟୁରୋସର୍ଜନ, ହୃଦ୍‌ରୋଗ ବିଶେଷଜ୍ଞ, ଅର୍ଥୋପେଡିକ୍‌ଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଯୋଗାଇ ହୁଏ। ବିଶ୍ୱ ଆଘାତ ଦିବସରେ ସ୍କୁଲ, କଲେଜ ତଥା ବିଭିନ୍ନ ସଂଗଠନରେ ଟ୍ରମା ପୀଡ଼ିତଙ୍କୁ ମାନସିକସ୍ତରରେ କିପରି ସାହାଯ୍ୟ ଯୋଗାଇ ହେବ ସେନେଇ ଜାଗ୍ରତ କରାଯାଏ। ଏନେଇ ସରକାରୀସ୍ତରରେ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସହିତ ଅଧିକ ଟ୍ରମା କେୟାର ସେଣ୍ଟରମାନ ରହିଛି।

## ଶିଶୁ କର୍କଟ
### ପ୍ରାରମ୍ଭିକ ଅବସ୍ଥାରୁ ଚିହ୍ନଟ ଜରୁରି



**ଦୈନନ୍ଦିନ ଜୀବନଚର୍ଯ୍ୟା, ଖାଦ୍ୟପେୟ ଶୈଳୀ, ଶାରୀରିକ ନିଷ୍କ୍ରିୟତା, ବଂଶାନୁଗତ ଆଦି କାରଣରୁ କର୍କଟ ରୋଗ ହୋଇଥାଏ। ଏହି ରୋଗ ସାଧାରଣତଃ ବୟସ୍କଙ୍କ ସହିତ ଅଧିକ ଜଡିତ। ହେଲେ ଏବେ ଶିଶୁ କର୍କଟ ବୈଶ୍ୱିକସ୍ତରରେ ଚିନ୍ତା ସୃଷ୍ଟି କରୁଛି। ଛୋଟ ପୁଅ-ଝିଅଙ୍କ ମଧ୍ୟରେ ଭିନ୍ନ ଭିନ୍ନ ପ୍ରକାର କର୍କଟ ଦେଖାଯାଉଛି। ତେଣୁ ଏହି କର୍କଟର ପ୍ରାରମ୍ଭିକ ଅବସ୍ଥାକୁ ଚିହ୍ନଟ କରି ଚିକିତ୍ସା କରିବା ଜରୁରି।**

ଶିଶୁ କର୍କଟ ଏକ ବିରଳ ରୋଗ। ମୁଖ୍ୟତଃ ପ୍ରଦୂଷଣ, ପରିବେଶଗତ ସମସ୍ୟା, ବଂଶାନୁଗତ, ମା'ମାନେ ନିଶାସେବନ ବା ଧୂମପାନ କରିବା, ଗର୍ଭାବସ୍ଥାରେ ମାତୃସ୍ୱାସ୍ଥ୍ୟ ସଂକ୍ରମଣ ଏବଂ ନିର୍ଦ୍ଦିଷ୍ଟ ଜେନେଟିକ୍ ଅବସ୍ଥା ପରି କାରଣଗୁଡ଼ିକ ଶିଶୁ କର୍କଟର ରୋଗର ବିପଦକୁ ପ୍ରଭାବିତ କରିପାରେ।

**ପୁଅଙ୍କୁ ଲ୍ୟୁକେମିଆ ଓ ଝିଅଙ୍କୁ ୱିଲମ୍ସ ଟ୍ୟୁମରର ବିପଦ**

ପୁଅ ଓ ଝିଅଙ୍କ ମଧ୍ୟରେ କର୍କଟ ବିପଦର ସାମାନ୍ୟ ପାର୍ଥକ୍ୟ ଦେଖାଯାଏ। ସ୍ୱାସ୍ଥ୍ୟ ଗବେଷଣାରୁ ଜଣାପଡ଼ିଛି ଯେ, ପୁଅଙ୍କୁ ଲ୍ୟୁକେମିଆ, ଲିମ୍ଫୋମା, ମସ୍ତିଷ୍କ ଟ୍ୟୁମର ଏବଂ ନ୍ୟୁରୋବ୍ଲାଷ୍ଟୋମା ଭଳି କର୍କଟ ବିପଦ ଅଧିକ ଥିବାବେଳେ ଝିଅଙ୍କ କ୍ଷେତ୍ରରେ ୱିଲମ୍ସ ଟ୍ୟୁମର(ବୃକ୍କ ଟ୍ୟୁମର) ଅଧିକ ଦେଖାଯାଏ। ଏହି ଲିଙ୍ଗଗତ ପାର୍ଥକ୍ୟ ପଛରେ କାରଣକୁ ଏବେବି ବିଶେଷଜ୍ଞମାନେ ଅନୁସନ୍ଧାନ କରୁଛନ୍ତି।

**ଲକ୍ଷଣକୁ ବୁଝନ୍ତୁ:** ଶିଶୁଙ୍କଠାରେ ଲଗାତାର ଅସାଧାରଣ ଲକ୍ଷଣ ଯେପରିକି ବିନା କାରଣରେ ଓଜନ କମ୍ ହେବା, ଥକ୍କାପଣ, ଦୀର୍ଘ ସମୟ ଧରି ଜ୍ୱର ରହିବା, ଲସିକା ଗ୍ରନ୍ଥି ଫୁଲି ରହିବା, ତ୍ୱଚା ହଳଦିଆ ପଡ଼ିବା, ହାଡ଼ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ତେବେ ଶିଶୁ କର୍କଟର ବିପଦ ବୟସ୍କ କର୍କଟ ରୋଗ ପରି ନୁହେଁ। ଡାଉନସିଣ୍ଡ୍ରୋମ, ଏଚ୍‌ଆଇଭି, ଏପଷ୍ଟିନ୍-ବାର ଭୂତାଣୁ, କିମ୍ବା ବଂଶାନୁଗତ ସମସ୍ୟା ଥିଲେ ଗର୍ଭାବସ୍ଥା ସମୟରେ ବି ମା' ମାନେ ସ୍କ୍ରିନିଂ କରାଇ ପାରିବେ।

**କର୍କଟ ଆଶଙ୍କାକୁ କମ୍ କରିବାର ଉପାୟ:** ତେଲ ଛଣା,ରାଗ ଓ ମସଲା ଖାଦ୍ୟ ବଦଳରେ ଶିଶୁଙ୍କୁ ବିଭିନ୍ନ ପ୍ରକାର ଫଳ, ପନିପରିବାଯୁକ୍ତ ସନ୍ତୁଳିତ ଖାଦ୍ୟ ଖାଇବାକୁ ଦିଅନ୍ତୁ। ମା'ମାନେ ଫୋଲିକ ଏସିଡ୍ ଯୁକ୍ତ ପ୍ରିନାଟାଲ ଭିଟାମିନ୍ ଗ୍ରହଣ କରିବା ଦ୍ୱାରା ଲ୍ୟୁକେମିଆ ଏବଂ ମସ୍ତିଷ୍କଟ୍ୟୁମର ବିପଦ ହ୍ରାସ ହୋଇଥାଏ। ପିଲାଙ୍କୁ ଖେଳକୁଦ ତଥା ଶାରୀରିକ ସକ୍ରିୟ ରହିବାକୁ ପ୍ରୋତ୍ସାହିତ କରନ୍ତୁ। ସ୍କ୍ରିନ୍ ସମୟ କମ୍ କରିବା ସହ ଧୂଆଁ, ବାୟୁ ପ୍ରଦୂଷଣ, ଏକ୍ସରେ କିମ୍ବା ସିଟିସ୍କାନ ଭଳି ଅନାବଶ୍ୟକ ପରୀକ୍ଷା ଆଦିଠୁ ପିଲାଙ୍କୁ ଦୂରେଇ ରଖନ୍ତୁ। ଭିଟାମିନ୍ ଡି ସେବନ କର୍କଟ ଆଶଙ୍କାକୁ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ।

ଶିଶୁଙ୍କୁ ହେପାଟାଇଟିସ୍ ବି (ଏଚ୍‌ବିଭି) ଏବଂ ହ୍ୟୁମାନ୍ ପାପିଲୋମା ଭୂତାଣୁ (ଏଚ୍‌ପିଭି) ପରି ଟିକାକରଣ କରିବାକୁ ଭୁଲନ୍ତୁନି। ଏହା ଯକୃତ କର୍କଟ ତଥା ଅନ୍ୟାନ୍ୟ କର୍କଟରୁ ସୁରକ୍ଷା ଦେବାରେ ସାହାଯ୍ୟ କରେ। ଅସ୍ୱାଭାବିକ ଲକ୍ଷଣ ଦୀର୍ଘ ସମୟ ଧରି ଦେଖାଗଲେ ଶିଶୁ ବିଶେଷଜ୍ଞଙ୍କୁ ପରାମର୍ଶ କରନ୍ତୁ। ନିୟମିତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ପ୍ରାଥମିକ ଅବସ୍ଥାରୁ ଜଣାପଡ଼ିଥାଏ।

## ସ୍ମାର୍ଟ ଡେଣ୍ଟାଲ ମେସିନ୍
## ଦୁଇ ମିନିଟ୍‌ରେ ମିଳିବ ଦାନ୍ତ ରିପୋର୍ଟ




ଦାନ୍ତବିନ୍ଧା ଏକ ସାଧାରଣ ସମସ୍ୟା। ଦାନ୍ତ ପୋକ ଖାଇଲେ, ଅଧା ଭାଙ୍ଗିଗଲେ, ମାଢ଼ି ସଂକ୍ରମଣ ଆଦି କାରଣରୁ ଦାନ୍ତ ବିନ୍ଧା ହୋଇଥାଏ। ଦାନ୍ତ ବିନ୍ଧା ଯୋଗୁଁ କାନ, ବେକରେ ଯନ୍ତ୍ରଣା ହୁଏ। ତେଣୁ ଦାନ୍ତର ସଠିକ୍ ଯତ୍ନ ନେବା ସହ ଡାକ୍ତରଙ୍କ ପରାମର୍ଶରେ ନିୟମିତ ଦାନ୍ତ ପରୀକ୍ଷା କରାଯାଏ। ହେଲେ ଏବେ ଦିଲ୍ଲୀ, ମୌଲାନା ଆଜାଦ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍ସରେ ଏକ ସ୍ମାର୍ଟ ଡେଣ୍ଟାଲ ମେସିନ୍ ଲଗାଯାଇଛି। ଯାହାଦ୍ୱାରା ଜଣେ ବ୍ୟକ୍ତି ନିଜେ ନିଜର ଦାନ୍ତ ସ୍କାନ କରି ଏହାର ସୁସ୍ଥତା ବିଷୟରେ ଜାଣିପାରିବେ। ଏହି ମେସିନ୍‌ଟି ଏଆଇ ଆଧାରିତ ସ୍କାନ୍‌ଓ ଏୟାର ମେସିନ୍। ଏଆଇ ଆଧାରିତ ନାବୀ ରୋବଟ ଏହି ଯାଞ୍ଚରେ ସାହାଯ୍ୟ କରିବ। ଏଥିପାଇଁ ଜଣେ ମେସିନ୍ ପାଖେ ଛିଡା ହୋଇ ନିଜର ମୋବାଇଲ ନମ୍ବର, ନାଁ, ଲିଙ୍ଗ, ବୟସ ଆଦିର ସୂଚନା ଦିଅନ୍ତି। ମେସିନ୍‌ରେ ଲାଗିଥିବା କ୍ୟାମେରା ବ୍ୟକ୍ତିଙ୍କ ଦାନ୍ତକୁ ସ୍କାନ କରି ଫଟୋ ନେଇଥାଏ। ସ୍କାନ ହୋଇଥିବା ଫଟୋ ଆଧାରରେ ଏକ୍ସରେ ରିପୋର୍ଟର ମୂଲ୍ୟାଙ୍କନ ହୁଏ। ଦୁଇ ମିନିଟ୍‌ରେ ରିପୋର୍ଟ ଦିଏ। ରିପୋର୍ଟଟି ପୀଡ଼ିତଙ୍କ ହ୍ୱାଟସଅପ୍‌କୁ ପଠାଯାଏ। ରିପୋର୍ଟ ଆଧାରରେ ଜଣେ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ପାଆନ୍ତି। ଏହି ମେସିନ୍ ସାହାଯ୍ୟରେ ଦାନ୍ତଜନିତ ରୋଗ ତଥା ମୁଖ ଗହ୍ୱର କର୍କଟର ପ୍ରାରମ୍ଭିକ ଅବସ୍ଥାରେ ଜଣାପଡ଼ିବ।

## ଶରୀରକୁ ସୁସ୍ଥ ରଖେ ସଜନା ପତ୍ର ଚୂର୍ଣ୍ଣ

**ଆୟୁର୍ବେଦରେ ସଜନା ପତ୍ରକୁ ସବୁଠୁ ଶକ୍ତିଶାଳୀ ଔଷଧ ଭାବେ ବିବେଚନା କରାଯାଏ। ଏହି ପତ୍ରରେ ଭିଟାମିନ୍, ଆଣ୍ଟି ଅକ୍ସିଡାଣ୍ଟ, ପ୍ରୋଟିନ୍ ଆଦି ପ୍ରଚୁରମାତ୍ରାର ରହିଛି। ତେଣୁ ଏହାକୁ ସେବନ କରିବା ଦ୍ୱାରା ଶରୀରରେ ବିଭିନ୍ନ ରୋଗ ଦୂର ହୋଇଥାଏ।**

- ସଜନା ପତ୍ରକୁ ଛାୟା ଶୁଷ୍କ କରି ଚୂର୍ଣ୍ଣ କରି ସେବନ କଲେ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଥକ୍କାପଣ ଦୂର ହୁଏ। ଏଥିରେ ଭିଟାମିନ୍-ଏ ଥିବାରୁ ଏହା ଦୃଷ୍ଟିଶକ୍ତି ବୃଦ୍ଧି କରାଏ। ଶରୀରକୁ ସୁସ୍ଥ ରଖେ।
- ସଜନା ପତ୍ରରେ ଆଣ୍ଟି ଇନ୍ଫ୍ଲାମେଟରୀ ଗୁଣ ରହିଛି। ଏହା ଶରୀରକୁ ବିଭିନ୍ନ ସଂକ୍ରମଣରୁ ସୁରକ୍ଷା ଦିଏ। ଜ୍ୱର, ଥଣ୍ଡା, ଅନ୍ୟାନ୍ୟ ରୋଗରୁ ମୁକ୍ତି ମିଳିଥାଏ।
- ସଜନାପତ୍ର ଚୂର୍ଣ୍ଣ ନିୟମିତ ଖାଇଲେ ମାଂସପେଶୀ ଶକ୍ତ ହୋଇଥାଏ। ଏହା ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରେ। ମଧୁମେହ ରୋଗୀଙ୍କ ପାଇଁ ଏହା ଭଲ। ଏହି ଚୂର୍ଣ୍ଣ ପାଚନକ୍ରିୟାକୁ ସକ୍ରିୟ କରି କୋଷ୍ଠକାଠିନ୍ୟ, ଗ୍ୟାସ୍ ଆଦି ଦୂର କରେ।
- ଆୟୁର୍ବେଦ ଚିକିତ୍ସକଙ୍କ ପରାମର୍ଶ ନେଇ ଏହି ଚୂର୍ଣ୍ଣକୁ ଅନୁମୋଦିତ ହାରରେ ଦୁଗ୍ଧ, ପାଣି କିମ୍ବା ଜୁସ୍‌ରେ ମିଶାଇ ସକାଳୁ ଖାଲି ପେଟରେ କିମ୍ବା ଖାଇବା ପରେ ସେବନ କରିପାରିବେ। କୌଣସି ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଡାକ୍ତରଙ୍କ ପରାମର୍ଶରେ ଏହାକୁ ସେବନ କରିବା ଆବଶ୍ୟକ।



# କ୍ରୀଡ଼ା

ସକାଳ
THE SAKALA
www.sakalaepaper.com

■ ମହିଳା ବିଶ୍ୱକପ୍ କ୍ରିକେଟ

## ଅଷ୍ଟ୍ରେଲିଆ ୧୦ ୱିକେଟରେ ବିଜୟୀ

ବିଶାଖାପାଟଣା,୧୬।୧୦(ଏଜେନ୍ସି): ବାଂଲାଦେଶକୁ ୧୦ ୱିକେଟରେ ପରାସ୍ତ କରି ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଏଠାରେ ଚାଲିଥିବା ମହିଳା ବିଶ୍ୱକପ୍ କ୍ରିକେଟ ପ୍ରତିଯୋଗିତା ପଏଣ୍ଟ ଟେବଲର ଶୀର୍ଷ ସ୍ଥାନରେ ପହଞ୍ଚିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୧୯୮ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ଏହାର ଅଧା ବା ୨୪.୫ ଓଭରରେ କୌଣସି ୱିକେଟ ନ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ଓପନର, ୱିକେଟ ରକ୍ଷକ ତଥା ଅଧିନାୟକ ଅଲିସା ହିଲି ୭୭ ବଲ୍‌ରେ ୨୦ ଚୌକା ସହ ୧୧୩ ଏବଂ ତାଙ୍କ ପାର୍ଟନର ଫୋଏବ୍ ଲିଚ୍‌ଫିଲ୍ଡ ୭୨ ବଲ୍‌ରୁ ୧୨ ଚୌକା ଓ ୧ ଛକା ସହ ୮୪ ରନ୍‌ରେ ଅପରାଜିତ ରହିଥିଲେ। ଏମାନେ ପ୍ରଥମ ୱିକେଟ ଭାଗୀଦାରିରୁ ୨୦୨ ରନ୍ ଉଠାଇଥିଲେ। ଏହି ବିଜୟ ଫଳରେ ଅଷ୍ଟ୍ରେଲିଆ ୫ମ ମ୍ୟାଚ୍‌ରୁ ଚତୁର୍ଥ ବିଜୟ ଓ ଗୋଟିଏ ବାତିଲ ମ୍ୟାଚ୍‌ରୁ ୯ ପଏଣ୍ଟ ସଂଗ୍ରହ କରି ଟେବଲର ଶୀର୍ଷସ୍ଥାନରେ ରହିଛି। ପ୍ରଥମ ଦଳ ଭାବେ ଅଷ୍ଟ୍ରେଲିଆ ମଧ୍ୟ ସେମିଫାଇନାଲରେ ପ୍ରବେଶ କରିଛି। ଅଷ୍ଟ୍ରେଲିଆ ୧୦ ୱିକେଟରେ ଜିତିଥିଲେ ମଧ୍ୟ ବାଂଲାଦେଶ ଇନିଂସରେ ୧୦ ଓଭର ବୋଲିଂ କରି ମାତ୍ର ୧୮ ରନ୍ ଦେଇ ୨ଟି ୱିକେଟ ନେଇଥିବା ଆଲାନ କିଙ୍ଗଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ପୂର୍ବରୁ ବାଂଲାଦେଶ ଇନିଂସରେ ଶୋଭନା ମୋସ୍ତାରି ଅପରାଜିତ ୬୬ ଓ ରୁବେୟା ହାଇଦର ୪୪ ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଆଶ୍‌ଲେ ଗାର୍ଡନର, ଆନାବେଲ ସଦରଲାଣ୍ଡ, କିଙ୍ଗ୍ ଓ ଜର୍ଜିଆ ୱେରହାମ୍ ୨ଟି ଲେଖାଏଁ ୱିକେଟ ନେଇ ବାଂଲା ବ୍ୟାଟିଂର ମେରୁଦଣ୍ଡ ଭାଙ୍ଗିଦେଇଥିଲେ।



| ଆଜିର ମ୍ୟାଚ୍ |
| --- |
| ଦକ୍ଷିଣ ଆଫ୍ରିକା-ଶ୍ରୀଲଙ୍କା |
| ସ୍ଥାନ- କଲମ୍ବୋ |
| ଖେଳ ଆରମ୍ଭ- ଅପରାହ୍ଣ ୩ଟା |
| ପ୍ରସାରଣ- ଷ୍ଟାରସ୍ପୋର୍ଟ୍ସ |

## ସୁପର କପ୍‌ରୁ ଓହରିଲା ରିଅଲ କାଶ୍ମୀର

ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି): ଦଳର ବିଦେଶୀ ଖେଳାଳିଙ୍କୁ ଭିସା ମିଳିବାରେ ବିଳମ୍ବ ହେବାରୁ ଶ୍ରୀନଗର ଭିତ୍ତିକ ଫୁଟବଲ କ୍ଲବ୍ ରିଅଲ କାଶ୍ମୀର ୨୦୨୫-୨୬ ଏଆଇଏଫ୍‌ଏଫ୍ ସୁପର କପ୍‌ରୁ ଓହରିଯାଇଛି। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଏହି ଦଳ ଟୁର୍ଣ୍ଣାମେଣ୍ଟର ଆରମ୍ଭ ହେବାର ଅଳ୍ପଦିନ ପୂର୍ବରୁ ଓହରିଯାଇଛି। ରିଅଲ କାଶ୍ମୀର ଏଫ୍‌ସି ସ୍ଥାନରେ ଡେମ୍ପୋ ସ୍ପୋର୍ଟ୍ସ କ୍ଲବ୍ ଖେଳିବ ବୋଲି ଏଆଇଏଫ୍‌ଏଫ୍ ପକ୍ଷରୁ ଆଜି ଘୋଷଣା କରାଯାଇଛି। ଗ୍ରୁପ୍-ଏ'ରେ ଡେମ୍ପୋ ସହ ଚେନ୍ନାଇନ୍ ଏଫ୍‌ସି, ମୋହନ ବାଗାନ ସୁପର ଜାଏଣ୍ଟ ଓ ଇଷ୍ଟ ବେଙ୍ଗଲ ଏଫ୍‌ସିକୁ ସ୍ଥାନ ମିଳିଛି। ୨୫ରେ ଇଷ୍ଟ ବେଙ୍ଗଲ ସହ ଡେମ୍ପୋ ତାହାର ପ୍ରଥମ ମ୍ୟାଚ୍ ଖେଳିବ।

■ ସିକେ ନାଇଡୁ ଟ୍ରଫି

## ଓଡ଼ିଶା ୧୫୯ ରନରେ ଅଲଆଉଟ୍

କଟକ,୧୬।୧୦(ସମିସ): ୨୩ ବର୍ଷରୁ କମ୍ ପୁରୁଷ ବର୍ଗର ଜାତୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିକେ ନାଇଡୁ ଟ୍ରଫି ଗୁରୁବାର ଠାରୁ ଆରମ୍ଭ ହୋଇଛି। ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଘରୋଇ ହାଇଦ୍ରାବାଦକୁ ଭେଟିଛି ଓଡ଼ିଶା ଦଳ। ପ୍ରଥମ ଦିବସରେ ଓଡ଼ିଶା ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୫୯ରନରେ ଅଲଆଉଟ ହୋଇଛି। ଜବାବରେ ହାଇଦ୍ରାବାଦ ୪ ୱିକେଟ ହରାଇ ୧୦୯ରନ ସଂଗ୍ରହ କରିଛି। ଓଡ଼ିଶା ଅଧିନାୟକ ସାଇଦୀପ ମହାପାତ୍ର ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ୨୦ରନରେ ପ୍ରଥମ ୱିକେଟ ହରାଇଥିବା ଓଡ଼ିଶାର ମଧ୍ୟକ୍ରମ ବ୍ୟାଟିଂ ଲାଇନଅପ ଭୁଶୁଡ଼ି ପଡ଼ିଥିଲା। ଓପନର ପାନକଳ ଶଶାଙ୍କ ସର୍ବାଧିକ ୩୭ରନ କରିଥିଲେ। ହାଇଦ୍ରାବାଦର ଏମ ଶଶାଙ୍କ ଓ ପ୍ରଣବ ବର୍ମା ୪ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ନିଜସ୍ୱ ଗ୍ରାଉଣ୍ଡରେ ଓଡ଼ିଶାକୁ କଡା ଜବାବ ଦେବାରେ ହାଇଦ୍ରାବାଦ ସଫଳ ହୋଇଛି। ଅମନ ରାଓ ୫୫ରନ ଏବଂ ନାଇଟ ୱାଚମ୍ୟାନ ଶଶାଙ୍କ ଶୂନରେ ଅପରାଜିତ ଅଛନ୍ତି। ଓଡ଼ିଶାର ଆୟୂଷ ବାରିକ ୨ଟି ୱିକେଟ ଦଖଲ କରିଛନ୍ତି।

### ୩ ଦିନିକିଆ ଓ ୫ ଟି-୨୦ ଅନ୍ତର୍ଜାତୀୟ ମୁକାବିଲା

# ୧୯ରୁ ଭାରତର ଅଷ୍ଟ୍ରେଲିଆ ଅଭିଯାନ

ନୂଆଦିଲ୍ଲୀ,୧୬।୧୦(ଏଜେନ୍ସି):

ଅନ୍ତର୍ଜାତୀୟ କ୍ରିକେଟରେ ଅଷ୍ଟ୍ରେଲିଆ ଏବେ ଭାରତର ନୂଆ ପ୍ରତିଦ୍ୱନ୍ଦ୍ୱୀ। ଏକଦା ଅଷ୍ଟ୍ରେଲିଆକୁ ହରାଇବା ଭାରତ ଲାଗି କଷ୍ଟକର ହେଉଥିଲାବେଳେ ଏବେ ସ୍ଥିତି ଭିନ୍ନ ହୋଇଛି। ଅଷ୍ଟ୍ରେଲିଆ ମାଟିରେ ମଧ୍ୟ ଭାରତ ପ୍ରଭାବୀ ଖେଳ ପ୍ରଦର୍ଶନ କରିଛି। ଦୁଇଦେଶ ମଧ୍ୟରେ ଅନୁଷ୍ଠିତ ଦ୍ୱିପାକ୍ଷିକ ସିରିଜ୍‌ରେ ଅଷ୍ଟ୍ରେଲିଆର ବିଜୟ ପ୍ରତିଶତକୁ ପ୍ରତିହତ କରିବାରେ ଭାରତ ସମର୍ଥ ହୋଇ ନ ଥିଲେ ମଧ୍ୟ ଲଢୁଆ ଖେଳ ପ୍ରଦର୍ଶନ କରି ବେଶ ଲୋକପ୍ରିୟତା ହାସଲ କରିଛି। ଟେଷ୍ଟ ଓ ଟି-୨୦ ଫର୍ମାଟରେ ଉଭୟଙ୍କ ମଧ୍ୟରେ ଅଧିକ କଡ଼ା ମୁକାବିଲା ହୋଇଛି। ମୋଟାମୋଟି କହିବାକୁ ଗଲେ ଭାରତ ଓ ଅଷ୍ଟ୍ରେଲିଆ କ୍ରିକେଟ ଖେଳରେ ଏବେ ନୂଆ ପ୍ରତିଦ୍ୱନ୍ଦ୍ୱୀ ସାଜିଛନ୍ତି। ଦିନିକିଆ ବିଶ୍ୱକପ୍ ଫାଇନାଲ ପରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମଥର ଆସନ୍ତା ୧୯ରୁ ଏକ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। ଏହା ପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ମଧ୍ୟ ଖେଳାଯିବ। ଏଥିଲାଗି ଉଭୟ ଦଳ ପ୍ରସ୍ତୁତି ଶେଷ କରିଥିଲେ ମଧ୍ୟ ଆହତ ସମସ୍ୟା ଯୋଗୁଁ ଅଷ୍ଟ୍ରେଲିଆର ନିୟମିତ ଅଧିନାୟକ ପ୍ୟାଟ କମିନ୍ସ ଏହି ସିରିଜ୍‌ରେ ଖେଳିବେ ନାହିଁ। ମିଚେଲ ମାର୍ଶ ଦଳର ନେତୃତ୍ୱ ନେବେ। ଉଭୟ ଦେଶ ମଧ୍ୟରେ ନେତୃତ୍ୱ କିଏ ନେଉଛି, କିଏ ଉପସ୍ଥିତ ବା ଅନୁପସ୍ଥିତ ରହୁଛି ତାହା ବଡ଼ କଥା ନୁହେଁ, ପଡ଼ିଆରେ କିଏ କେତେ ସଫଳ ହେଉଛି ତାହା ହେଉଛି ଗୁରୁତ୍ୱପୂର୍ଣ୍ଣ। ଏଭଳି ସ୍ଥିତିରେ ବିଶ୍ୱର ସବୁଠାରୁ ଅଭିଜ୍ଞ ଦୁଇ ଖେଳାଳି ଭାରତର ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ସମ୍ଭବତଃ ଶେଷଥର ଲାଗି ଅଷ୍ଟ୍ରେଲିଆରେ ଖେଳିବେ। ଉଭୟ ଖେଳାଳି ଟେଷ୍ଟ ଓ ଟି-୨୦ ଫର୍ମାଟରୁ ଅବସର ନେଇସାରିଛନ୍ତି। ଏଣୁ ଏହି ସିରିଜ୍ ଉଭୟଙ୍କ ଲାଗି ଅଷ୍ଟ୍ରେଲିଆରେ ଶେଷ ସିରିଜ୍ ହେବ ଓ ଉଭୟ ଭାରତୀୟ ଦଳରେ ରହିବେ କି ନାହିଁ ତାହା ମଧ୍ୟ ସ୍ପଷ୍ଟ ହେବ। ସମସ୍ତ ଦୃଷ୍ଟି କୋଣରୁ ତର୍ଜମା କଲେ ଏହି ସିରିଜ୍ ଅଷ୍ଟ୍ରେଲିଆ ଅପେକ୍ଷା ଭାରତ ଲାଗି ବେଶ ମହତ୍ତ୍ୱ ରଖୁଛି। ରୋହିତ ଶର୍ମାଙ୍କ ସ୍ଥାନରେ ଶୁବମନ ଗିଲ୍ ଏବେ ଭାରତର ଉଭୟ ଟେଷ୍ଟ ଓ ଦିନିକିଆ ଅଧିନାୟକ ଦାୟିତ୍ୱରେ ରହିଛନ୍ତି।



| ଖେଳ ଆରମ୍ଭ (ଭାରତୀୟ ସମୟ) |
| --- |
| ଦିନିକିଆ : ସକାଳ ୯ଟା |
| ଟି-୨୦ : ଅପରାହ୍ଣ ୧ଟା ୪୫ ମିନିଟ୍ |
| ପ୍ରସାରଣ |
| ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓ ହଟ୍‌ଷ୍ଟାର |

ଚଳିତ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଅଷ୍ଟ୍ରେଲିଆରେ ଖେଳାଯିବ। ଏହି ସିରିଜ୍‌ର ପ୍ରଥମ ମୁକାବିଲା ପର୍ଥର ଫାଷ୍ଟ ପିଚ୍‌ରେ ଅକ୍ଟୋବର ୧୯ ତାରିଖ ବା ଆସନ୍ତା ରବିବାର ଖେଳାଯିବ। ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଏବେ ଅଷ୍ଟ୍ରେଲିଆରେ ପହଞ୍ଚିସାରିଛି। ପିଚ୍ ଓ ପରିବେଶ ସହ ଖାପ୍ ଖୁଆଇବା ପରେ ଲଢ଼େଇ ଲାଗି ପ୍ରସ୍ତୁତ ହେବ। ଅଷ୍ଟ୍ରେଲିଆରେ ଭାରି ଶେଷଥର ୨୦୧୮-୧୯ରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌କୁ ୨-୧ରେ ଜିତିଥିଲା। ଏହା ପରେ ଆଉ ଗୋଟିଏ ସିରିଜ୍ ଖେଳାଯାଇଛି ଓ ଏହାକୁ ଅଷ୍ଟ୍ରେଲିଆ ବିଜୟୀ ହୋଇଛି। ଏବେ ନୂଆ ଖେଳାଳିଙ୍କୁ ନେଇ ଭାରତୀୟ ଦଳ ଅଷ୍ଟ୍ରେଲିଆର ମୁକାବିଲା କରିବାକୁ ଯାଉଛି। ଅଷ୍ଟ୍ରେଲିଆ ଦଳରେ ସ୍ଥାନ ପାଇଥିବା ପ୍ରାୟ ସମସ୍ତ ଖେଳାଳି ଆଇପିଏଲ୍‌ରେ ଖେଳିଛନ୍ତି। ଏଣୁ ଉଭୟ ଦଳର ଖେଳାଳିମାନେ ପରସ୍ପର ଖେଳ ଓ ରଣନୀତି ସମ୍ପର୍କରେ ବେଶ ଅବଗତ ଅଛନ୍ତି। ଏଣୁ ପିଚ୍ ଓ ପରିବେଶକୁ ଭାରତୀୟ ଦଳ କିପରି ଖାପ୍ ଖୁଆଇବ ତାହା ଉପରେ ଖେଳର ସ୍ଥିତି ନିର୍ଭର କରୁଛି। ଶେଷଥର ଉଭୟଙ୍କ ମଧ୍ୟରେ ଏକ ସିରିଜ୍ ୨୦୨୩-୨୪ ସିଜନରେ ଭାରତରେ ଖେଳାଯାଇଥିଲା। ଘରୋଇ ମାଟିରେ ଭାରତ ଏହାକୁ ଜିତିବାରେ ସମର୍ଥ ହୋଇଥିଲା। ଏବେ ନୂଆ ଖେଳାଳି ଓ ନୂଆ ନେତୃତ୍ୱରେ ଏକ ଭିନ୍ନ ଲଢ଼େଇ ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

ରୋହିତ, କୋହଲି ଓ ଗିଲ୍‌ଙ୍କ ଉପରେ ନଜର: ଚାମ୍ପିଅନ୍ସ ଟ୍ରଫି ପରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କର ଏହା ପ୍ରଥମ ପ୍ରତିଯୋଗିତାମୂଳକ କ୍ରିକେଟ ହେବ। ଏହି ଦୁଇ ଖେଳାଳି ଏବେ କେବଳ ଦିନିକିଆ ଫର୍ମାଟରେ ଅନ୍ତର୍ଜାତୀୟ କ୍ରିକେଟ ଖେଳୁଛନ୍ତି। ଦିନିକିଆ ବିଶ୍ୱକପ୍ ୨୦୨୭ରେ ଖେଳାଯିବ। ଏହା ମଧ୍ୟରେ ଟିମ୍ ସଜାଡିନେବାକୁ ସମସ୍ତ ଉଦ୍ୟମ କରିବ ଟିମ୍ ଇଣ୍ଡିଆ। ରୋହିତ ଓ କୋହଲିଙ୍କ ନେଇ ଭାରତ ବିଶ୍ୱକପ୍ ଖେଳିବ କିମ୍ବା ସେମାନଙ୍କୁ ବାଦ୍ ଦେବ ତାହାର ପୂର୍ବାନୁମାନ କରିବା କଷ୍ଟକର। କିନ୍ତୁ ଏହି ସିରିଜ୍‌ରୁ ସେମାନଙ୍କ ଭବିଷ୍ୟତ ସମ୍ପର୍କରେ ନିଶ୍ଚିତ କିଛି ସ୍ପଷ୍ଟ ସୂଚନା ମିଳିବ। ସେହିପରି ଶୁବମନ ଗିଲଙ୍କ ନେତୃତ୍ୱରେ ଭାରତ ଦିନିକିଆ ସିରିଜ୍ ଖେଳିବାକୁ ଯାଉଛି। ଇଂଲଣ୍ଡରେ ଟେଷ୍ଟ ଦଳର ନେତୃତ୍ୱ ନେଇ ଗିଲ ଉଭୟ ବ୍ୟାଟିଂ ଓ ନେତୃତ୍ୱରେ ବେଶ ସଫଳତା ଲାଭ କରିଥିଲେ। ଏବେ ଆଉ ଏକ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି ଗିଲ୍। ଏଣୁ ଭାରତର ଏହି ସିରିଜ୍‌ରେ ୩ ତାରକା ଖେଳାଳିଙ୍କ ଉପରେ ନିଶ୍ଚିତ ନଜର ରହିବ।

| ଖେଳ ସୂଚୀ- ଦିନିକିଆ | | |
| --- | --- | --- |
| ତାରିଖ | ମ୍ୟାଚ୍ | ଭେନ୍ୟୁ |
| ୧୯।୧୦ | ପ୍ରଥମ ଦିନିକିଆ | ପର୍ଥ |
| ୨୩।୧୦ | ଦ୍ୱିତୀୟ ଦିନିକିଆ | ଆଡିଲେଡ୍ |
| ୨୫।୧୦ | ତୃତୀୟ ଦିନିକିଆ | ସିଡନୀ |

| ଖେଳ ସୂଚୀ- ଟି-୨୦ ଅନ୍ତର୍ଜାତୀୟ | | |
| --- | --- | --- |
| ତାରିଖ | ମ୍ୟାଚ୍ | ଭେନ୍ୟୁ |
| ୨୯।୧୦ | ପ୍ରଥମ ଟି-୨୦ | କାନବେରା |
| ୩୧।୧୦ | ଦ୍ୱିତୀୟ ଟି-୨୦ | ମେଲବୋର୍ଣ୍ଣ |
| ୨।୧୧ | ତୃତୀୟ ଟି-୨୦ | ହୋବାର୍ଟ |
| ୬।୧୧ | ଚତୁର୍ଥ ଟି-୨୦ | ଗୋଲ୍ଡ କୋଷ୍ଟ |
| ୮।୧୧ | ପଞ୍ଚମ ଟି-୨୦ | ବ୍ରିସ୍‌ବେନ୍ |

### ଭାରତର ଖେଳାଳି ଦଳ

**ଦିନିକିଆ ଦଳ:** ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଶ୍ରେୟସ ଆୟର (ଉପଅଧିନାୟକ), ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ନୀତୀଶ କୁମାର ରେଡ୍ଡୀ, ଧ୍ରୁବ ଜୁରେଲ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ, ପ୍ରସିଦ୍ଧ କ୍ରିଷ୍ଣା, ହର୍ଷିତ ରାଣା।

**ଟି-୨୦ ଦଳ:** ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଶୁବମନ ଗିଲ୍ (ଉପଅଧିନାୟକ), ଅଭିଷେକ ଶର୍ମା, ତିଳକ ବର୍ମା, ସଞ୍ଜୁ ସାମସନ (ୱିକେଟରକ୍ଷକ), ନୀତୀଶ କୁମାର ରେଡ୍ଡୀ, ଶିବମ ଦୁବେ, ରିଙ୍କୁ ସିଂ, ଜିତେଶ ଶର୍ମା (ୱିକେଟରକ୍ଷକ), ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଯଶପ୍ରୀତ ବୁମ୍ରା, ଅର୍ଶଦୀପ ସିଂହ, ହର୍ଷିତ ରାଣା।

## ଭାଇଙ୍କୁ ଗୁରୁଗ୍ରାମ ସମ୍ପତ୍ତି ହସ୍ତାନ୍ତର କଲେ କୋହଲି

ଗୁରୁଗ୍ରାମ୍, ୧୬।୧୦ (ଏଜେନ୍ସି): ଭାରତୀୟ ବ୍ୟାଟିଂ ସୁପରଷ୍ଟାର ବିରାଟ କୋହଲି ଗୁରଗ୍ରାମରେ ଥିବା ତାଙ୍କ ସମ୍ପତ୍ତି ଭାଇ ବିକାଶଙ୍କୁ ହସ୍ତାନ୍ତର କରିଛନ୍ତି। ସେ ବିକାଶଙ୍କ ନାମରେ ସବୁ ସମ୍ପତ୍ତି ଲେଖିଛନ୍ତି ଓ ପାୱାର ଅଫ୍ ଆଟର୍ଣ୍ଣି ଭାଇଙ୍କ ନାଁରେ କରିଛନ୍ତି। ଏଥିପାଇଁ ସେ ମଙ୍ଗଳବାର ଗୁରୁଗ୍ରାମ୍‌ର ୱଜିରାବାଦ୍ ତହସିଲ ଅଫିସ୍‌ରେ ପହଞ୍ଚିଥିଲେ। ସେ ତହସିଲ୍‌ରେ ଏକ ଘଣ୍ଟା ରହିଥିଲେ ଓ ଉପସ୍ଥିତ ସବୁ କର୍ମଚାରୀଙ୍କ ସହ ଫଟୋ ଉଠାଇଥିଲେ। ଏହାପରେ ସେ ଦିଲ୍ଲୀ ବିମାନବନ୍ଦରରୁ ଅଷ୍ଟ୍ରେଲିଆ ଗସ୍ତ କରିଥିଲେ। କୋହଲି ପତ୍ନୀ ତଥା ଅଭିନେତ୍ରୀ ଅନୁଷ୍କା ଶର୍ମା ଓ ପୁଅ-ଝିଅଙ୍କ ସହ ସହ ଲଣ୍ଡନରେ ଅବସ୍ଥାନ କରୁଛନ୍ତି। ସେ ଭାରତରେ କମ୍ ସମୟ ରହୁଛନ୍ତି। ସେଥିପାଇଁ ସେ ତାଙ୍କ ସମ୍ପତ୍ତିକୁ ଭାଇ ନାଁରେ କରିଛନ୍ତି। ଗୁରୁଗ୍ରାମ୍‌ରେ ଡିଏଲ୍‌ଏଫ୍ ସିଟିରେ କୋହଲିଙ୍କ ଏକ ଘର ଓ ଫ୍ଲାଟ ରହିଛି। ଉଲ୍ଲେଖଥାଉ କି, କୋହଲି ଟି-୨୦ ଓ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିସାରିଛନ୍ତି। ସେ ୧୯ରୁ ଆରମ୍ଭ ହେବାକୁ ଯାଉଥିବା ଦିନିକିଆ ସିରିଜ ଖେଳିବାକୁ ଅଷ୍ଟ୍ରେଲିଆ ଗସ୍ତ କରିଛନ୍ତି।



## ଅଭିଷେକ, ମନ୍ଧାନା ସେପ୍ଟେମ୍ବରର ଶ୍ରେଷ୍ଠ ଆଇସିସି କ୍ରିକେଟର

ଦୁବାଇ, ୧୬।୧୦ (ଏଜେନ୍ସି): ଭାରତୀୟ ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମା ଓ ସ୍ମୃତି ମନ୍ଧାନା ଯଥାକ୍ରମେ ପୁରୁଷ ଓ ମହିଳା ବିଭାଗରେ ସେପ୍ଟେମ୍ବର ମାସର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଗତମାସରେ ୟୁଏଇରେ ଅନୁଷ୍ଠିତ ଟି-୨୦ ଏସିଆକପ୍‌ରେ ସେ ଭାରତ ପାଇଁ ଇନିଂସ ଓପନ କରି ଧୂଆଁଧାର ବ୍ୟାଟିଂ କରିବା ସହ ୭ରୁ ୬ଟି ମ୍ୟାଚ୍‌ରେ ଜବରଦସ୍ତ ଆରମ୍ଭ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ସେ ମୋଟ୍ ୩୧୪ ରନ ସଂଗ୍ରହ କରି ଏହି ପୁରସ୍କାର ହାସଲ କରିଛନ୍ତି। ଏହିକ୍ରମରେ ଅଭିଷେକ ନିଜର ଦେଶର ତାରକା ସ୍ପିନର କୁଲଦୀପ ଯାଦବ ଓ ଜିମ୍ବାୱେରେ ଓପନିଂ ବ୍ୟାଟର ବ୍ରାଏନ ବେନେଟଙ୍କୁ ପଛରେ ପକାଇଛନ୍ତି। କୁଲଦୀପ ଏସିଆକପ୍‌ରେ ୧୭ଟି ୱିକେଟ ଅକ୍ତିଆର କରି ଭାରତକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ବେନେଟ ଟି-୨୦ ବିଶ୍ୱକପ୍ କ୍ୱାଲିଫାୟରରେ ଶତକ ହାସଲ କରିଥିଲେ। ଏସିଆକପ୍‌ରେ ଅଭିଷେକ ୭ଟି ମ୍ୟାଚ୍ ଖେଳିଥିଲେ। ସେ ୨୦୦ ଷ୍ଟ୍ରାଇକ୍‌ରେଟ୍ ୬ଟି ମ୍ୟାଚ୍‌ରେ ୩୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିଥିଲେ। ସେ ୩ଟି ଅର୍ଦ୍ଧଶତକ ହାସଲ କରିଥିଲେ। ସୁପର-୪ ପର୍ଯ୍ୟାୟରେ ସେ ପାକିସ୍ତାନ ବିପକ୍ଷରେ ୭୪ ଓ ବାଂଲାଦେଶ ବିପକ୍ଷରେ ୭୫ ରନର ଇନିଂସ ଖେଳିଥିଲେ। ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ରନ୍ ସଂଗ୍ରହ କରିବା ସହ ସେ ସର୍ବାଧିକ ବାଉଣ୍ଡାରୀ ମାରିଥିଲେ।





ଅନ୍ୟପଟେ ମହିଳା କ୍ରିକେଟରେ ଭରତୀୟ ବାହହାତୀ ବ୍ୟାଟର ସ୍ମୃତି ମନ୍ଧାନା ମଧ୍ୟ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ସେ ପାକିସ୍ତାନର ସିଦ୍ରା ଅମିନ ଓ ଦକ୍ଷିଣ ଆଫ୍ରିକାର ତାଜମିନ ବ୍ରିଟ୍‌ଜଙ୍କୁ ପଛରେ ପକାଇ ସେପ୍ଟେମ୍ବର ଶ୍ରେଷ୍ଠ ମହିଳା କ୍ରିକେଟର ବିବେଚିତ ହୋଇଛନ୍ତି।

## ୨୫ରୁ ମହିଳା କାୟାକିଂ ଓ କାନୋଇଂ ଲିଗ୍

କଟକ, ୧୬।୧୦ (ସମିସ): ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ଆସନ୍ତା ୨୫ରୁ ଖେଲୋ ଇଣ୍ଡିଆ ମହିଳା କାୟାକିଂ ଓ କାନୋଇଂ ଲିଗ୍ ଆରମ୍ଭ ହେବ। କେବଳ ମହିଳା ପ୍ରତିଯୋଗୀଙ୍କୁ ନେଇ ହେବାକୁ ଥିବା ଏହି ପ୍ରତିଯୋଗିତା ଦୁଇ ଦିନ ଧରି ଚାଲିବ। ସମସ୍ତ ବୟସ ବର୍ଗର ଖେଳାଳି ଏଥିରେ ଅଂଶ ଗ୍ରହଣ କରିବେ। ଏପରିକି ଓଡ଼ିଶାରେ ଚାକିରି କରିଥିବା ଅନ୍ୟ ରାଜ୍ୟର ଜଳକ୍ରୀଡ଼ାବିତ୍ ମାନେ ମଧ୍ୟ ଭାଗ ନେଇ ପାରିବେ। ରାଜ୍ୟ ସଂଘର ସମସ୍ତ ଅନୁବନ୍ଧିତ ୟୁନିଟକୁ ଏ ବାବଦରେ ସୂଚନା ଦିଆଯାଇଛି। ଏଭଳି ଲିଗ୍ ଆୟୋଜନ ଦ୍ୱାରା ଓଡ଼ିଶାରୁ କାୟାକିଂ ଓ କାନୋଇଂ ପ୍ରତିଭା ଚିହ୍ନଟ ହେବେ ବୋଲି ରାଜ୍ୟ ସଂଘ ସମ୍ପାଦକ ବିପିନ ଦାଶ ପ୍ରେସବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି।

**ବାରବାଟୀ ରଣଜୀ**

# ରାଜେଶ ଧୂପର୍ ଶତକରୁ ବଞ୍ଚିତ

କଟକ,୧୬।୧୦(ସମିସ):

ବାରବାଟୀ ଷ୍ଟାଡିୟମର ଘରୋଇ ପରିବେଶରେ ବରୋଦାକୁ ଟକ୍କର ଦେବାରେ ଓଡ଼ିଶା ବିଫଳ ହୋଇଛି। ଓଡ଼ିଶାର ପାଳି ୨୭୧ରନରେ ସୀମିତ ରହିବା ପରେ ବରୋଦା ୨ ୱିକେଟ ହରାଇ ୧୨୭ରନ କରିଛି। ଓପନର ଶିବାଳିକ ଶର୍ମା ୭୫ରନରେ ଅପରାଜିତ ରହିଛନ୍ତି। ହାତରେ ୮ ୱିକେଟ ବାକି ରଖି ୧୪୪ରନରେ ପଛୁଆ ଥିବା ବରୋଦା ଏଠାରେ ଇନିଂସ ଅଗ୍ରଣୀ ଦିଗରେ ଅଗ୍ରସର ହେଉଛି। ଶୁକ୍ରବାର ଖେଳର ୩ୟ ଦିବସ। ବରୋଦାର ପ୍ରଥମ ଇନିଂସକୁ ଯଥାଶୀଘ୍ର ସମାପ୍ତ କରିବାକୁ ଓଡ଼ିଶା ଲକ୍ଷ୍ୟ ରଖିବ। ଓଡ଼ିଶାର ବୋଲିଂ ଆଗରେ ଅତ୍ୟନ୍ତ ଧୈର୍ଯ୍ୟର ସହ ଖେଳି ବରୋଦା ପ୍ରଥମ ଇନିଂସ ଅଗ୍ରଣୀ ଲକ୍ଷ୍ୟରେ ରହିଛି। ଓଡ଼ିଶା ଇନିଂସରେ ରାଜେଶ ଧୂପର ସର୍ବାଧିକ ୯୪ ରନ୍‌ରେ ଆଉଟ ହୋଇଥିଲାବେଳେ ମାତ୍ର ୬ ରନ୍ ଲାଗି ଶତକରୁ ବଞ୍ଚିତ ହୋଇଛନ୍ତି।

| ଓଡ଼ିଶା ୨୭୧/୧୦; |
| --- |
| ବରୋଦା ୧୨୭/୨ |



ଓଡ଼ିଶାର ଅସମାପ୍ତ ପ୍ରଥମ ପାଳି ୨୦୫/୫ରୁ ଗୁରୁବାର ଖେଳ ଆରମ୍ଭ ହୋଇଥିଲା। ୭୬ରନରେ ଅପରାଜିତ ଥିବା ରାଜେଶ ଧୂପରଙ୍କ ସହ କ୍ରିଜରେ ଯୋଗ ଦେଇଥିଲେ ୱିକେଟକିପର ଆଶୀର୍ବାଦ ସ୍ୱାଇଁ। ଉଭୟଙ୍କ ଭିତରେ ୪୫ରନର ଭାଗିଦାରୀ ସୃଷ୍ଟି ହୋଇଥିଲା। ତେବେ ୯୪ରନରେ ପହଞ୍ଚିଥିବା ରାଜେଶଙ୍କୁ ଏଲବିଡବ୍ଲ୍ୟୁ କରିଅତୀତ ସେଠ୍ ଓଡ଼ିଶାକୁ ବଡ ଝଟ୍‌କା ଦେଇଥିଲେ। ୨୫୨ବଲ ସମ୍ମୁଖୀନ ହୋଇ ୭ଟି ଚୌକା ଓ ୨ଟି ଛକା ବଳରେ ରାଜେଶ ଏହି ଲଢୁଆ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଦଳୀୟ ସ୍କୋରରେ ଆଉ ୩ରନ୍ ଯୋଡ଼ି ହେବା ପରେ ଆଶୀର୍ବାଦ (୨୨ରନ) ପ୍ୟାଭିଲିୟନ ଫେରିଥିଲେ। ରାଜେଶ ମହାନ୍ତି ୮ରନ, ସୁନୀଲ ରାଉଳ ୯ରନ, ସୁମିତ ଶର୍ମା ଶୂନରେ ଆଉଟ ହେବା ସହ ଓଡ଼ିଶା ପାଳିର ପରିସମାପ୍ତି ଘଟିଥିଲା। ବରୋଦାର ଅତୀତ ୪ଟି ୱିକେଟ ହାସଲ କରିଥିବା ବେଳେ ରସିକ ସଲାମ ୩ଟି ଓ ଭାର୍ଗବ ଭଟ୍ଟ ୨ଟି ୱିକେଟ ଅକ୍ତିଆର କରିଛନ୍ତି। ରସିକ୍ ଓଡ଼ିଶାର ଶେଷ ୩ଟି ୱିକେଟ ନେବାରେ ସଫଳ ହୋଇଥିଲେ। ଜ୍ୟୋତ୍ସ୍ନିଲ ସିଂହ ଓ ଶିବାଳିକ ଶର୍ମା ଓପନିଂ ଭାଗିଦାରୀରେ ୩୭ରନ ସଂଗ୍ରହ କରିଥିଲେ। ଅତ୍ୟନ୍ତ ଧିମା ଗତିରେ ଖେଳୁଥିବା ଜ୍ୟୋତ୍ସ୍ନିଲ ୧୨ରନ କରିଥିବା ବେଳେ ରନଆଉଟ ହୋଇ କ୍ରିଜ ଛାଡ଼ିଥିଲେ। ପରେ କ୍ରିଜକୁ ଆସିଥିବା ଶାଶ୍ୱତ ରାଉତ ଗୋବିନ୍ଦ ପୋଦ୍ଦାରଙ୍କ ସ୍ପିନ ଜାଲରେ ଫସିଥିଲେ। ମାତ୍ର ୮ରନରେ ସେ ୱିକେଟକିପର ଆଶୀର୍ବାଦଙ୍କ ହାତରେ ଧରା ପଡ଼ିଥିଲେ। ୫୧ରନରେ ପ୍ରଥମ ଦୁଇ ୱିକେଟ ହରାଇଥିବା ବରୋଦା ଦଳ ଓଡ଼ିଶା ବୋଲରଙ୍କୁ ଆଉ ସୁଯୋଗ ନଦେଇ ଦଳୀୟ ସ୍କୋରକୁ ୧୨୭ରେ ପହଞ୍ଚାଇଛି। ଶିବାଳିକ ୭୫ରନ ଏବଂ ସୁକୀର୍ତ୍ତ ପାଣ୍ଡେ ୩୨ରନରେ ଅପରାଜିତ ଅଛନ୍ତି। ଶିବାଳିକ୍ ଏହି ସ୍କୋର କରିବାକୁ ୧୬୬ଟି ଓ ସୁକୀର୍ତ୍ତ ୧୧୪ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ଉଭୟ ବୋଲର ଗୋଟିଏ ଲେଖାଏଁ ଛକା ମାରିଥିଲାବେଳେ ଶିବାଳିକ ୬ଟି ଓ ସୁକୀର୍ତ୍ତ ତାଙ୍କ ଇନିଂସରେ ୩ଟି ଚୌକା ମାରିଥିଲେ। ଓଡ଼ିଶାର ପ୍ରମୁଖ ବୋଲର ରାଜେଶ ମହାନ୍ତି, ସୁନୀଲ ରାଉଳ, ସୁମିତ ଶର୍ମା ଏବଂ ବାଦଲ ବିଶ୍ୱାଳଙ୍କ ୱିକେଟ ଖାତା ଖାଲି ରହିଛି। କାମଚଳା ସ୍ପିନର ଗୋବିନ୍ଦ ପୋଦ୍ଦାରଙ୍କୁ ୨ଟି ଯାକ ୱିକେଟ ମିଳିଛି।

**ୟୁନିଲାଇଟ୍ କପ୍**

## ସେମିରେ ଓଡିଏମ୍ ଗ୍ଲୋବାଲ୍ ସ୍କୁଲ୍

ଭୁବନେଶ୍ୱର, ୧୬।୧୦ (ସମିସ): ଭୁବନେଶ୍ୱର ଭେଟେରାନ ଫୁଟବଲ ଖେଳାଳି ସଂଘ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୧ ଫୁଟବଲ ଏକାଡେମୀ ପଡିଆରେ ଚାଲିଥିବା ୟୁନିଲାଇଟ୍ ଆନ୍ତଃସ୍କୁଲ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓଡ଼ିଏଲ୍ ଗ୍ଲୋବାଲ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ କ୍ୱାର୍ଟରଫାଇନାଲ ମୁକାବିଲାରେ ଓଡ଼ିଏମ୍ ଟାଇବ୍ରେକରରେ ୬-୫ ଗୋଲରେ ଗଣ୍ଡରପୁରର ଅରବିନ୍ଦ ହାଇସ୍କୁଲକୁ ପରାସ୍ତକରି ସେମିକୁ ଉଠିଛି। ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ୍ ୧-୧ ଗୋଲ୍‌ରେ ଅମୀମାଂସିତ ରହିଥିଲା। ଗଣ୍ଡରପୁରର ଓମ୍ ସାଇ ସତ୍ୟଜିତ ଦଳାଇ ପେନାଲ୍ଟି ଜରିଆରେ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଗ୍ଲୋବାଲର ଆୟୁଷ ଖୋଗେ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ମ୍ୟାଚ୍ ଅମୀମାଂସିତ ରହିବା ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଅତିଥି ଭାବେ ରାଜକୁମାର ମଣ୍ଡଳ ଓ ଅରୁଣ କୁମାର ବଳିୟାରସିଂ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗଣ୍ଡରପୁର ଗୋଲରକ୍ଷକ ସତ୍ୟଜିତ ପଢିହାରୀଙ୍କୁ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ସଭାପତି ନବରଞ୍ଜନ ପଟ୍ଟନାୟକ, ଆଶୋକ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ। ରାଜୁ ମହାନ୍ତି, ସରୋଜ ମହରାଣା, ଶେଖାୱତ ଖାନ୍, ଅମିତ ନାୟକ ଖେଳ ପରିଚାଳନା କରିଥିବା ବେଳେ ମ୍ୟାଚ୍ କମିଶନର ଭାବେ ଟି ମୋହନରାଓ ଦାୟିତ୍ୱ ସମ୍ପାଦନ କରିଥିଲେ। ଶୁକ୍ରବାର ଗ୍ଲୋବାଲ ହାଇସ୍କୁଲ ପଟିଆ ଓ ଜଟଣୀ ସରକାରୀ ସ୍କୁଲ ପରସ୍ପରକୁ ଭେଟିବେ।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS